

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୬ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 MAY 2021

Vol.No. 32 ■ No. 134 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଜି ସକାଳୁ ଲ୍ୟାଣ୍ଡଫଲ କରିପାରେ ବାତ୍ୟା ୟାସ୍

# ବାସୁଦେବପୁରରୁ ବାହାନଗା ଭିତରେ ଛୁଇଁବ ସ୍ଥଳଭାଗ !

ଭୁବନେଶ୍ୱର,୨୫/୦୫(ନି.ପ୍ର): ବାତ୍ୟା ୟାସ ନେଇ ଏସଆରସିଙ୍କ ତାଜା ଅପଡେଟ୍ । ସକାଳୁ ସକାଳୁ ଲ୍ୟାଣ୍ଡଫଲ କରିବ ୟାସ୍ । ଭଦ୍ରକ ଜିଲ୍ଲା ବାସୁଦେବପୁରରୁ ବାହାନଗା ଭିତରେ ଏହି ବାତ୍ୟା ଲ୍ୟାଣ୍ଡଫଲ କରିବ ବୋଲି ଏସଆରସି ସୂଚନା ଦେଇଛନ୍ତି । ତେବେ ଲ୍ୟାଣ୍ଡଫଲ କରିବା ସମୟରେ ପବନର ବେଗ ୧୪୦ରୁ ୧୫୫ କିମି ପ୍ରତି ଘଣ୍ଟା ରହିବ ବୋଲି ସେ କହିଛନ୍ତି । ଅନ୍ୟପଟେ ସମୁଦ୍ର ଭିତରେ ଭୀଷଣ ସାମୁଦ୍ରିକ ଝଡର ରୂପ ନେଇସାରିଛି ୟାସ୍ । ତେବେ ଏହା ଅତି ଭୀଷଣ ସାମୁଦ୍ରିକ ଝଡର ରୂପ ନେଇ ସ୍ଥଳ ଭାଗ ଛୁଇଁବ । ସ୍ଥଳଭାଗ ଛୁଇଁବା ପରେ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ଏହା ଓଡିଶା ସୀମା ପାର୍ କରିବ । ତେବେ ଆସନ୍ତାକାଲି ପୂର୍ବାହ୍ନ




ବେଳକୁ ବାତ୍ୟା ଲ୍ୟାଣ୍ଡଫଲ କରିବା ନେଇ ଯେଉଁ ଆକଳନ କରାଯାଉଥିଲା ତାହା ଏବେ ବଦଳିବା ସହିତ ଆସନ୍ତାକାଲି ସକାଳୁ ଏହା ଲ୍ୟାଣ୍ଡଫଲ କରିବ । ଅନ୍ୟପଟେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇଛି । ୮୧୩ ମୋବାଇଲ ୱାଟର ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି ତା ସହ ଶକ୍ତି ବିଭାଗ ପକ୍ଷରୁ ମଧ ପ୍ରସ୍ତୁତି କରାଯାଇଛି ବୋଲି ଏସଆରସି ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ ବାତ୍ୟା ପାଇଁ ପ୍ରାୟ ୪୫୦୦ ଗର୍ଭବତୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ହଜାରେ ଲୋକଙ୍କୁ ସୁରକ୍ଷିତ ଅଣାଯାଇଛି । ଅନ୍ୟମାନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା କାମ ଚାଲିଛି । ରାତି ୯ଟା ସୁଦ୍ଧା ସରିବ ସ୍ଥାନାନ୍ତରଣ କାମ । ବାତ୍ୟା ପ୍ରଭାବରେ ଉପକୂଳ ଅଞ୍ଚଳରେ ବର୍ଷା ସହ ପବନ ଜାରି ରହିଛି । ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ୪ ମିଟର ଯାଏଁ ଉଚ୍ଚ ଜୁଆର ମାଡ଼ି ଆସିବାର ସମ୍ଭାବନା ବି ଅଛି । ପ୍ରବଳ ପବନ ଯୋଗୁଁ ବଡ଼ ବଡ଼ ଗଛ ଉପୁଡ଼ିପାରେ, କଚ୍ଚା, ଆଜବେଷ୍ଟସ ଛପର ଓ ପୁରୁଣା କୋଠା ଭାଙ୍ଗିଯାଇପାରେ, ଟେଲିଫୋନ୍, ବିଜୁଳି ଖୁଣ୍ଟ ବି ଗୁରୁତର ପ୍ରଭାବିତ ହୋଇପାରେ ।

## ବାତ୍ୟା ୟାସ୍ ମୁକାବିଲା ନେଇ ସ୍ଥିତି ସମୀକ୍ଷା କଲେ ନବୀନ

### ଭିସି ଜରିଆରେ ବିସ୍ତୃତ ବିବରଣୀ ରଖିଲେ ମୁଖ୍ୟ ଶାସନ ସଚିବ ଏବଂ ଏସଆରସି

ଭୁବନେଶ୍ୱର,୨୫/୦୫(ନି.ପ୍ର): ବାତ୍ୟା ୟାସର ମୁକାବିଲା ନେଇ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏସଆରସି କଣ୍ଟ୍ରୋଲ ରୁମରୁ ବାତ୍ୟା ଉପରେ କିପରି ନଜର ରଖାଯାଇଛି ସେନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି । ନବୀନ ନିବାସରୁ ରହି ଭିସି ଜରିଆରେ ମୁଖ୍ୟମନ୍ତ୍ରୀ ଏହି ସମୀକ୍ଷା କରିଛନ୍ତି । ଏହି ଅବସରରେ ନବୀନ କହିଛନ୍ତି, ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ । ସରକାର ବାତ୍ୟା ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଲୋକମାନେ ମଧ ଏଥିରେ ସହଯୋଗ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ସମୀକ୍ଷାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କିଭଳି ଲୋକଙ୍କ ଜୀବନ ରକ୍ଷା ପାଇଁ ପ୍ରଶାସନ ପ୍ରସ୍ତୁତି କରିଛି ସେନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ । ତା ସହ ଏସଆରସି ପ୍ରଦୀପ ଜେନା ବାତ୍ୟା ୟାସର



ଗତିପଥ ଓ ଏହାର ଲ୍ୟାଣ୍ଡଫଲ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ବାତ୍ୟାର ଗତିପଥ, ମୁକାବିଲା, ପ୍ରଶାସନ ପ୍ରସ୍ତୁତି ନେଇ ବ୍ୟାପକ ଭାବେ ଏସଆରସି ଏହି ଭିଡିଓ କନଫରେନ୍ସିଂରେ ସୂଚନା ଦେଇଥିଲେ । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏହି ଅତିଭୀଷଣ ସାମୁଦ୍ରିକ ଝଡର ରୂପ ନେଇ ଓଡିଶା ମୁହାଁ ହୋଇଛି । ଆସନ୍ତାକାଲି ଏହି ଲ୍ୟାଣ୍ଡଫଲ କରିବ । ତେବେ ଏହା ବାଲେଶ୍ୱର କିମ୍ବା ଭଦ୍ରକ ଜିଲ୍ଲାରେ ଏହା ସ୍ଥଳଭାଗ ଛୁଇଁପାରେ । ଏହି ସମୟରେ ପବନର ବେଗ ବଢିବା ସହିତ ସମୁଦ୍ର ଅଶାନ୍ତ ରହିବ । ତେବେ ଏହାପୂର୍ବରୁ ପ୍ରଶାସନର ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି ।

### ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ

## ବାତ୍ୟା 'ୟାସ୍'ର ମୁକାବିଲା ସମ୍ପର୍କରେ ମହାମହିମ ରାଜ୍ୟପାଳଙ୍କ ସହ କଥା ହେଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୫/୦୫ (ନି.ପ୍ର): ସାମୁଦ୍ରିକ ବାତ୍ୟା 'ୟାସ୍' ପାଇଁ ନିରନ୍ତର ଉଦ୍ୟମ ଜାରୀ ରଖିବା ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଓଡ଼ିଶାର ମହାମହିମ ରାଜ୍ୟପାଳ ତଥା ଇଣ୍ଡିଆନ ରେଡ୍ କ୍ରସ୍ ସୋସାଇଟି (ଆଇଆରସିଏସ) ଓଡ଼ିଶା ଶାଖାର ସଭାପତି ପ୍ରଫେସର ଗଣେଶୀ ଲାଲଙ୍କ ସହ କଥା ହୋଇ ଓଡ଼ିଶା ରେଡକ୍ରସକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ବାତ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ଜିଲ୍ଲାର ଲୋକମାନଙ୍କୁ ରିଲିଫ୍ ଏବଂ



ସହାୟତା ପ୍ରଦାନ ପାଇଁ ଆଇଆରସିଏସ୍ ପ୍ରସ୍ତୁତ ଅଛନ୍ତି । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଓଡ଼ିଶା ରେଡକ୍ରସକୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ମହାମହିମ ରାଜ୍ୟପାଳଙ୍କୁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି । ଏହାସହ ସାମୁଦ୍ରିକ ବାତ୍ୟା ପାଇଁ ଓଡ଼ିଶାବାସୀଙ୍କୁ ସତର୍କ, ସୁରକ୍ଷିତ ରହିବା ସହ ରାଜ୍ୟ ଏବଂ କେନ୍ଦ୍ରୀୟ ସଂସ୍ଥାନ ଦ୍ୱାରା ଦିଆଯାଇଥିବା ▶▶ପୃଷ୍ଠା ୭

### ଯାଜପୁର ଜିଲ୍ଲା ପ୍ରଶାସନର ବଡ ନିଷ୍ପତ୍ତି : ଆଜି ଦିନ ୧୨ଟା ଯାଏଁ ଜାତୀୟ ରାଜପଥରେ ଗାଡି ଚଳାଚଳ ଉପରେ କଟକଣା

ଭୁବନେଶ୍ୱର,୨୫/୦୫(ନି.ପ୍ର): ବାତ୍ୟା ୟାସ ଏବେ ଓଡିଶା ମୁହାଁ ହୋଇ ଗତି କରୁଥିବାବେଳେ ଆସନ୍ତାକାଲି ଏହା ଲ୍ୟାଣ୍ଡଫଲ କରିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ବିଶେଷକରି ଏହାଦ୍ୱାରା ବାଲେଶ୍ୱର ଜିଲ୍ଲା ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇପାରେ ବୋଲି କୁହାଯାଉଛି । ଏହାକୁ ଆଖିରେ ରଖି ଏବେ ବଡ ନିଷ୍ପତ୍ତି ନେଇଛି ଯାଜପୁର ଜିଲ୍ଲା ପ୍ରଶାସନ । ଚଣ୍ଡୀଖୋଲଠାରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ସମସ୍ତ ଗାଡିର ଚଳାଚଳକୁ ଜାତୀୟ ରାଜପଥରେ ବାରଣ କରାଯାଇଛି । ଆଜି ରାତି ୧୨ଟାରୁ ଆସନ୍ତାକାଲି ଦିନ ୧୨ଟା ଯାଏଁ ଏହି ନିୟମ କଡାକଡି ଭାବେ ପାଳନ କରାଯିବ । ବାତ୍ୟା ୟାସ ପ୍ରଭାବରେ ଓଡିଶାର ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲା କ୍ଷତିଗ୍ରସ୍ତ ହେବାର ଅଧିକ ସମ୍ଭାବନା ରହିଛି । ତେଣୁ ଏହି ସମୟରେ ସେଠାରେ ଗାଡିମୋଟର ଚଳାଚଳ ହେଲେ ଅଧିକ କ୍ଷତି ପହଞ୍ଚିବାର ଅନୁମାନ କରାଯାଉଛି । ଯାହାକୁ ଆଖି ଆଗରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇ

## ଚିତ୍ରକୋଣ୍ଡାରେ ଡଙ୍ଗା ବୁଡି ୭ ନିଖୋଜ, ଜଣେ ମୃତ

ଭୁବନେଶ୍ୱର,୨୫/୦୫(ନି.ପ୍ର): ଚିତ୍ରକୋଣ୍ଡାରେ ଡଙ୍ଗା ବୁଡି ୭ ନିଖୋଜ, ଜଣେ ମୃତ । ଆନ୍ଧ୍ରରୁ ଫେରୁଥିବା ବେଳେ ସିଲେରୁ ନଦୀରେ ବୁଡିଲା ଡଙ୍ଗା । ଗୁଣ୍ଡାବେଡା ପଞ୍ଚାୟତର କନ୍ଧଗୁଡାରେ ଦୁଇଟି ଡଙ୍ଗା ବୁଡିଲା । ଜଣେ ତିନି ବର୍ଷର ଝିଅର ମୃତଦେହ ମିଳିଥିବା ସୂଚନା । ତିନି ଜଣ ପହଁରି ପହଁରି କୂଳରେ ଲାଗିଲେ । ସୂଚନାନୁସାରେ, ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଗୁଣ୍ଡାୱାଡା ପଞ୍ଚାୟତ କନ୍ଧଗୁଡ଼ା ଓ ଗୁଣ୍ଡାୱାଡା ଗ୍ରାମର ୧୧ ଶ୍ରମିକ



ତେଲେଙ୍ଗାନାରୁ ଫେରୁଥିଲେ । କରୋନା କଟକଣା ପାଇଁ ଦିନରେ ଫେରି ନଥିଲେ । ତେଣୁ ରାତିରେ ଫେରିବା ଯୋଜନା ମୁତାବକ ଦଶ ଜଣଙ୍କ ସହ ଜଣେ ତିନିବର୍ଷର ଛୋଟ ପିଲା ଦୁଇଟି ଦେଶୀ ମାଛ ଧରା କାଠ ଡଙ୍ଗାରେ ଓଡିଶା ମୁହାଁ ହୋଇଥିଲେ । ପ୍ରଥମ ଡ଼ଙ୍ଗାଟି ନଦୀ ଭିତରେ ଥିବା ଏକ ଖୁଣ୍ଟରେ ବାଡେଇ ହୋଇ ଡ଼ଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ପ୍ରଥମ ଡ଼ଙ୍ଗାରେ ଥିବା ଛଅ ଜଣ ▶▶ପୃଷ୍ଠା ୭

### ଦେଶରେ କମୁଛି କରୋନା ସଂକ୍ରମଣ

## ଗତ ୨୪ ଘଣ୍ଟାରେ ୧,୯୬,୪୨୭ ଆକ୍ରାନ୍ତ, ୩,୫୧୧ ମୃତ

ନୂଆଦିଲ୍ଲୀ,୨୫/୦୫(ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ କରୋନାଭାଇରସ୍ ଜନିତ ମହାମାରୀ ସଂକ୍ରମଣସଂଖ୍ୟା ୧.୯୬ ଲକ୍ଷକୁ ଖସି ଆସିଥିବା ବେଳେ ମୃତ୍ୟୁସଂଖ୍ୟା ମଧ ୩.୫ ହଜାରକୁ ହ୍ରାସ ପାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତଥ୍ୟ ଅନୁସାରେ, ମଙ୍ଗଳବାର ସକାଳ ୮ଟା ସୁଦ୍ଧା ସମଗ୍ର ଦେଶରେ ୨୪ ଘଣ୍ଟା ମଧ୍ୟରେ ୧,୯୬,୪୨୭ କରୋନା ଭାଇରସ୍ ଜନିତ ନୂତନ ସଂକ୍ରମଣ ଓ ୩,୫୧୧ ମୃତ୍ୟୁ ରେକର୍ଡ କରାଯାଇଛି । ଏହି ତଥ୍ୟକୁ ମିଶାଇ ଭାରତରେ ସମୁଦାୟ କୋଭିଡ୍ ସଂକ୍ରମଣ ମାମଲା ୨,୬୯,୪୮,୮୭୪ ଓ ମୃତ୍ୟୁସଂଖ୍ୟା ୩,୦୭,୨୩୧ରେ ପହଞ୍ଚିଛି । ସେହିଭଳି ଗତ ୨୪ ଘଣ୍ଟା ମଧ୍ୟରେ ୩,୨୬,୮୫୦



ଆକ୍ରାନ୍ତ ସୁସ୍ଥ ହୋଇ ଫେରିବା ସହ ସମୁଦାୟ ସୁସ୍ଥତାସଂଖ୍ୟା ୨,୪୦,୫୪,୮୬୧ରେ ପହଞ୍ଚିଛି । ଏହା ବ୍ୟତିରେକେ, ଏବେ ଦେଶରେ ସମୁଦାୟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ହେଉଛି ୨୫,୮୬,୭୮୨ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ତଥ୍ୟ ଅନୁସାରେ, ଗତକାଲି ସନ୍ଧ୍ୟା ୬ଟା ସୁଦ୍ଧା ସମୁଦାୟ ୧୯,୮୫,୩୮,୯୯୯ ଜଣ ହିତାଧିକାରୀଙ୍କୁ ଟିକା ଦିଆଯାଇଛି । 'ଆଇସିଏମ୍ଆର୍' କହିବା ଅନୁସାରେ, ଏହି ଭୂତାଣୁଜନିତ ରୋଗ ଚିହ୍ନଟ ପାଇଁ ମେ ୨୪ ତାରିଖ ସୁଦ୍ଧା ସମୁଦାୟ ୩୩,୨୫,୯୪,୧୭୬ ନମୁନା ପରୀକ୍ଷା ସରିଛି । ଗତକାଲି ପରୀକ୍ଷା ହୋଇଛି ୨୦,୫୮,୧୧୨ଟି ନମୁନା ।

# ଲୋକପ୍ରିୟ ଟିଭି ପ୍ରବଚକ ଚାରଣ ରାମଦାସଙ୍କ ଦେହାନ୍ତ

### କିଛି ଦିନ ତଳେ କରୋନାରେ ହୋଇଥିଲେ ଆକ୍ରାନ୍ତ

ଭୁବନେଶ୍ୱର,୨୫/୦୫(ନି.ପ୍ର): ଲୋକପ୍ରିୟ ଟିଭି ପ୍ରବଚକ ଚାରଣ ରାମଦାସଙ୍କ ଦେହାନ୍ତ । କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଅବସ୍ଥାରେ ଆଖି ବୁଜିଛନ୍ତି ଏହି ଲୋକପ୍ରିୟ କଳାକାର । ଗତ କିଛି ଦିନ ତଳେ ସେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ହେଲେ ଏହି ସମୟରେ ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି ହେବା ସହିତ ଫୁସଫୁସ ପ୍ରଭାବିତ ହୋଇଥିଲା । ଆଉ ଆଜି ସେ ସମସ୍ତଙ୍କ ପର କରି ଆରପାରିକୁ ଚାଲିଯାଇଛନ୍ତି । ଚାରଣ ରାମଦାସ ଜଣେ ଲୋକପ୍ରିୟ



ପ୍ରବଚକ । ରାଜ୍ୟର ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ତାଙ୍କର କଥା ଶୁଣିବାକୁ ଲୋକମାନେ ବେଶ ଆଗ୍ରହ ପ୍ରକାଶ କରିଥାନ୍ତି । ହେଲେ ଆଜି ତାଙ୍କ ଦେହାନ୍ତରେ ଚାରିଆଡେ ଶୋକର ଛାୟା ଖେଳିଯାଇଛି ।

## କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ନିଜ ଘର ଛାତରେ କଳାପତାକା ଉଡାଇଲେ କଂଗ୍ରେସ ନେତା ନବଜୋତସିଂ ସିଦ୍ଧୁ

ନୂଆଦିଲ୍ଲୀ,୨୫/୦୫ (ନି.ପ୍ର): ଦିଲ୍ଲୀ ସୀମାରେ ୬ ମାସ ଧରି ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ନିଜ ଘରଛାତରେ କଳା ପତାକା ଉଡାଇଲେ କଂଗ୍ରେସ ନେତା ନବଜୋତସିଂ ସିଦ୍ଧୁ । ଦିଲ୍ଲୀ ସ୍ଥିତ ପଟିଆଲା ଓ ଅମୃତସରରେ ଥିବା ନିଜ ଘରର ଛାତ ଉପରେ କଳାପତାକା ଉଡାଇ ସରକାରଙ୍କ ଉପରେ ଖୁବ୍ ବର୍ଷିଛନ୍ତି ସିଦ୍ଧୁ । ସେ କହିଛନ୍ତି କି ସରକାରଙ୍କ ଦ୍ୱାରା ପାରିତ ୩ ଟି କଳା ଆଇନ ବିରୋଧରେ ପୁରା ପଞ୍ଜାବ ଲଢୁଛି ।



ଏହି ଆଇନ ମାଧ୍ୟମରେ କୃଷକଙ୍କ ଆମଦାନୀ ଶେଷ କରିଦେବାକୁ ସରକାର ଚେଷ୍ଟା କରିଛନ୍ତି । ଛୋଟ ବେପାରୀ ଓ କୃଷକଙ୍କ ପେଟରେ ଲାତ ମାରିବାକୁ ସରକାର ଏଭଳି ଆଇନ ଆଣିଛନ୍ତି । ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୧୦୯୩୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୯୩୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୧୪୩୮୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬୦୧୨୨୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୧୦୫୫୪ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୯୩୯ ଜଣଙ୍କ ମଧ୍ୟରୁ ୬୧୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୭୬୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ▶▶ପୃଷ୍ଠା ୭

### ବିଶାଖାପାଟଣା ନିକଟ ମାଲକାପୁରମରେ ଥିବା ଏଚପିସିଏଲ୍ ପ୍ଲାଣ୍ଟରେ ଅଗ୍ନିକାଣ୍ଡ : ୬ଜଣ ନିଖୋଜ

ଆନ୍ଧ୍ରପ୍ରଦେଶ,୨୫/୦୫(ନି.ପ୍ର): ମଙ୍ଗଳବାର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ନିକଟ ମାଲକାପୁରମରେ ଥିବା ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ (ଏଚପିସିଏଲ୍)ର ଏକ ପ୍ଲାଣ୍ଟରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି । ନିଆଁ ଲିଭାଇବା ପାଇଁ ସ୍ଥାନୀୟ ପ୍ରଶାସନ ଜିଲ୍ଲାର ବିଭିନ୍ନ ଶିଳ୍ପ ୟୁନିଟରୁ ଅଗ୍ନିଶମ ବାହିନୀ ପହଞ୍ଚିଥିବା ଜଣାପଡିଛି । ଭାରତୀୟ ନୌସେନାର ଏକ ବିଶେଷଜ୍ଞ ଦଳ ମଧ ଘଟଣା ସ୍ଥଳରେ ପହଞ୍ଚି ▶▶ପୃଷ୍ଠା ୭

## ୨୪ ଘଣ୍ଟା ପାଇଁ ୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କଲା ଆଇଏମଡି

### ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି

ଭୁବନେଶ୍ୱର,୨୫/୦୫(ନି.ପ୍ର): ୨୪ ଘଣ୍ଟା ପାଇଁ ୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କଲା ଆଇଏମଡି । ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ୮ ଜିଲ୍ଲା ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିଭଳି ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ମୟୂରଭଞ୍ଜ, ଢେଙ୍କାନାଳ ଓ ଗଞ୍ଜାମରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ୨୬ ତାରିଖ ସକାଳ ୮ଟା ପରେ



ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ମୟୂରଭଂଜ,କେନ୍ଦୁଝର ଏବଂ ଢେଙ୍କାନାଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଅନୁଗୁଳ, ଦେବଗଡ, ଖୋର୍ଦ୍ଧା, ପୁରୀ ଏବଂ ସୁନ୍ଦରଗଡରେ ସେହି ସମୟରେ ପ୍ରବଳ ବର୍ଷା ହେବ । ୨୭ ତାରିଖରେ ସୁନ୍ଦରଗଡ଼, ଦେବଗଡ ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି । ଆଜି ଅପରାହ୍ନରୁ କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ପବନର ଗତି ବଢ଼ିବ । ଘଣ୍ଟାପ୍ରତି ୯୦ରୁ ୧୦୦ କିଲୋମିଟର, ସ୍ଥଳବିଶେଷରେ ୧୧୦ କିଲୋମିଟର ବେଗରୁ ଉପକୂଳକୁ ଘାଣ୍ଟିବ । ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ପୁରୀ ଜିଲ୍ଲାରେ ୬୦ରୁ ୮୦ କିଲୋମିଟରରେ ପବନ ହେବ ଓ ବେଳେ ବେଳେ ▶▶ପୃଷ୍ଠା ୭

# ମଦ ବ୍ୟବସାୟୀମାନଙ୍କ ଲାଇସେନ୍ସ ଫି ଛାଡ : ପ୍ରତିବାଦରେ ମୟୂରଭଞ୍ଜ ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ

ବାରିପଦା,୨୫/୫ (ନି.ପ୍ର): ବିଶ୍ୱ ମହାମାରୀ କରୋନା ଅର୍ଥନୀତିକୁ ନିମ୍ନଗାମୀ କରାଇବା ସାଙ୍ଗକୁ ଜନସାଧାରଣଙ୍କ ନିକଟରୁ ଆୟ ଉପାର୍ଜନ ଛଡ଼ାଇ ନେଇଛି । ସାଧାରଣ ଜନତା ପରିବାରର ଦୁଇ ବେଳା ଆହାର ଜୁଟାଇବା ନିମନ୍ତେ ସଂଗ୍ରାମ ଚଳାଇଛନ୍ତି । କରୋନା କଟକଣା କାରଣରୁ ବିଭିନ୍ନ ଦୋକାନ ବଜାର ବନ୍ଦ ରହିଥିବାରୁ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେହିପରି ବସ ଚଳାଚଳ ବନ୍ଦ ରହିଥିବାରୁ ବସ ମାଲିକମାନେ ମଧ୍ୟ ନା ନା ପ୍ରକାରର ଅସୁବିଧା ଓ ସମସ୍ୟା ମଧ୍ୟ ଦେଇ ଗତି କରୁଛନ୍ତି । କରୋନା ମାଡ଼ ସହିତ ତାଳ ଦେଇ ବଜାର ଦର ଆକାଶ ଛୁଆଁ ହୋଇଯାଇଛି । ଏହି ସମୟରେ ଓଡ଼ିଶା ସରକାରଙ୍କ ମଦ ବ୍ୟବସାୟୀ ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ସରକାରଙ୍କ ଅସଲ ମୁଖାକୁ ଖୋଲି ଦେଇଛି । ଓଡ଼ିଶାବାସୀଙ୍କ କରୁଣ ଚିତ୍କାର ମୁଖ୍ୟମନ୍ତ୍ରୀ ନବୀନଙ୍କ କର୍ଣ୍ଣ ଭେଦ କରି ପାରିନଥିବା ବେଳେ ରାଜ୍ୟରେ ମଦର ବିକ୍ରି ଜାରି ରହିଥିବା ବେଳେ ସରକାର ମଦ ବ୍ୟବସାୟୀମାନଙ୍କୁ ଲାଇସେନ୍ସ ଫି ଛାଡ଼ କରାଇଛନ୍ତି । ଏହାର ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ କଂଗେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ ଗଣଧାରଣା ଦିଆଯାଇଥିଲା । ଏଥି ସହିତ ଜିଲ୍ଲା କଂଗ୍ରେସ ଓ ମହିଳା କଂଗ୍ରେସ ପକ୍ଷରୁ ଓଡ଼ିଶା ସରକାର ତୁରନ୍ତ ମଦ ବ୍ୟବସାୟୀମାନଙ୍କ ଲାଇସେନ୍ସ ଫି ଛାଡ଼କୁ ଅବିଳମ୍ୱେ ପ୍ରତ୍ୟାହାର କରାଇ ନେବା ଦାବୀରେ ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତିଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସର ଜିଲ୍ଲା ସଭାପତି ହେମନ୍ତ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ଘୋଷାଲ, ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲ, ପୂର୍ବତନ ରାଜ୍ୟ ସମ୍ପାଦକ ଯୋଗେଶ ଅଗ୍ରୱାଲା, ଉପସଭାପତି ଅରବିନ୍ଦ ଦାସ, ଇତିଶ୍ରୀ ମିଶ୍ର, ଇନ୍ଦୁମତୀ ମହାନ୍ତି, ରଶ୍ମୀତା ମିଶ୍ର, କୌଶିକ ମିଶ୍ର, ସ୍ୱାଗନ ଦାସ, ମୋତି ପ୍ରକାଶ ମିଶ୍ର, ରତନ ଶର୍ମା, ବୁଦ୍ଧିରାମ ସିଂ, ନିର୍ମଳ ଚନ୍ଦ୍ର ପ୍ରଧାନ, ହରି ଶଙ୍କର ଦାସ, ଦୀପକ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

## ହୋମ କ୍ୱାରେଂଟାଇନରେ ଥିବା ଆକ୍ରାନ୍ତ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଲେ ବିଧାୟକ

ମାଲକାନଗିର,୨୫/୫ (ନି.ପ୍ର): ଆଜି ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ମାଥିଲି ବ୍ଲକ ଭଣ୍ଡାରି ପାଙ୍ଗାମ୍ ଓ ଭେଜାଗୁଡ଼ା ଗ୍ରାମ ପଂଚାୟତ ଅନ୍ତର୍ଗତ ଗ୍ରାମ ଗୁଡ଼ିକୁ ଯାଇ ମାସ୍କ ବଂଟନ କରିବା ସହ ହୋମ କ୍ୱାରେଂଟାଇନରେ ଥିବା କରୋନା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁଛି କି ନାହିଁ ଘର ଘର ଯାଇ ପଚାରି ବୁଝିଥିଲେ । ସେଠାରେ ସବୁ ଆଶା ଦିଦି ଓ ଅଙ୍ଗନୱାଡ଼ି ଦିଦି ମାନଙ୍କୁ ଡାକି ସେମାନଙ୍କ ସହ ଆଲୋଚନା କରିଥିଲେ । ଏହି ମହାମାରୀ ସମୟରେ ସେମାନେ କରୋନା ଯୋଦ୍ଧା ଭଳି ଘର ଘର ବୁଲି ପରୀକ୍ଷା ଓ ଔଷଧ ଦେବାରେ ବଡ଼ ଭୂମିକା ନେଉଥିବାରୁ ତାଙ୍କ ମନୋବଳ ବଢ଼ାଇବାକୁ ଚେଷ୍ଟା କରିଥିଲେ ଏବଂ ଯାହା ବି ଅସୁବିଧା ହେଲେ ମତେ ଜଣାଇଲେ ମୁଁ ପ୍ରତକ୍ଷ୍ୟ ଭାବେ ସାହାଯ୍ୟ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ ।ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ ଆମେ ସମସ୍ତେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିୟମକୁ ପାଳନ କରିବା ଓ ସର୍ବଦା ସ୍ୱଚ୍ଛ ରହିବା ସହିତ ମାସ୍କ ପିନ୍ଧିବା।

# ଅପହଂଚ ଅଂଚଳରେ କିଶୋର କିଶୋରୀ ମାନଙ୍କୁ କରୋନା ସଚେତନତା

କନ୍ଧମାଳ,୨୫/୫ (ନି.ପ୍ର): କରୋନା ମହାମାରୀର ଦ୍ୱିତୀୟ ଲହରରେ ସଂପ୍ରତି ଯୁବଗୋଷ୍ଠି ମାନେ ଅଧିକ ମାତ୍ରାରେ ସଂକ୍ରମିତ ହେଉଥିବା ବେଳେ ଏହିଭଳି ପରିସ୍ଥିତିରେ ଗ୍ରାମାଚଂଳ ଗୁଡିକରେ ଲୋକଙ୍କୁ ଅଧିକ ସଚେତନ କରିବାର ଆବଶ୍ୟକତା ରହିଛି । ଏହାକୁ ଆଖି ଆଗରେ ରଖି ସରକାରୀ ସ୍ତରରେ ମଧ୍ୟ ଜିଲ୍ଲାର ଗ୍ରାମାଂଚଳରେ କିଭଳି ସଂକ୍ରମଣ ରୋକିହେବ, ସେଥିପ୍ରତି ପଦକ୍ଷେପ ନିଆଯାଉଛି । ସେହିପରି ବେସରକାରୀ ଅନୁଷ୍ଠାନ ଗୁଡିକ ଗ୍ରାମାଂଚଳରେ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ପ୍ରଚେଷ୍ଟା ଜାରି ରଖିଛନ୍ତି । ସେଥିପାଇଁ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ କୋଲକାତାଙ୍କ ମିଳିତ ସହଯୋଗରେ ଫିରିଙ୍ଗିଆ ବ୍ଲକର ଅପହଂଚ ଇଲାକା ପାହିରାଜୁ, କୁଏରମାଣ୍ଡୁ, ଲୁଇସିଂ, ବାଲନ୍ଦାପଡା, ପକାରୀ ଇତ୍ୟାଦି ପଂଚାୟତ ଗୁଡିକରେ କିପରି ସରକାରଙ୍କର କୋଭିଡ୍ ଗାଇଡଲାଇନ ଲୋକେ ପାଳନ କରିବେ ସେଥିପ୍ରତି ସଚେତନତା ଅନବରତ ଜାରି ରହିଛି । ଏଥି ନିମନ୍ତେ ଜନସାଧାରଣଙ୍କୁ ଘରଘର ବୁଲି ମାସ୍କ, ସାନିଟାଇଜର, ସାବୁନ ବାଣ୍ଟିବା ସହ ଏହାର ସଫଳ ବ୍ୟବହାର ମଧ୍ୟ ଗାଁ ଗାଁ ରେ ପ୍ରଦର୍ଶିତ କରାଯାଉଛି । ମୁଖ୍ୟତଃ ଯୁବ ଗୋଷ୍ଠିମାନେ କିପରି ଏଥିରୁ ରକ୍ଷା ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ଏବଂ ଏଥିସହ କିଶୋରୀ ବାଳିକା ମାନଙ୍କର ସ୍ୱାସ୍ଥ୍ୟ ପରିଚ୍ଛନତାକୁ ମଧ୍ୟ ଦୃଷ୍ଟିରେ ରଖି ସାନିଟାରି ନାପ୍‌କିନ୍ ବଣ୍ଟନ ଓ ମମତା ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ସଚେତନତା ମଧ୍ୟ କରାଯାଉଛି । ଏହିଭଳି ସଚେତନତାରେ ଅନୁଷ୍ଠାନ ଗୁଡିକ ଭାଗନେଇ ଜନସାଧାରଣଙ୍କୁ ଶିକ୍ଷା ପ୍ରଦାନ କରୁଥିବାରୁ ଅଂଚଳବାସୀ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି ।

# ମୟୂରଭଞ୍ଜ ମୋଟର ଟ୍ରାନ୍ସପୋର୍ଟ ୱ୍ୱାର୍କାରସ ୟୁନିଅନ ପକ୍ଷରୁ ୩ ଦଫା ଦାବୀ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ

ବାରିପଦା,୨୫/୫ (ନି.ପ୍ର): ମୟୂରଭଞ୍ଜ ମୋଟର ଟ୍ରାନ୍ସପୋର୍ଟ ୱ୍ୱାର୍କାରସ ୟୁନିଅନ ପକ୍ଷରୁ ସମସ୍ତ ପରିହନ ଶ୍ରମିକ ଓ ସେମାନଙ୍କ ପରିବାରକୁ ମାସିକ ସାଢ଼େ ୭ ହଜାର ଟଙ୍କା ଓ ମୁଣ୍ଡପିଛା ମାସିକ ୧୦ କିଗ୍ରା ଚାଉଳ ୬ ମାସ ପାଇଁ ଯୋଗାଇ ଦିଆଯିବା, ସମସ୍ତ ପରିବହନ ଶ୍ରମିକମାନଙ୍କୁ ଅଗ୍ରାଧିକାର ଭିତିରେ ଟୀକା କରଣ କରାଯିବା ଏବଂ କରୋନା ଦୁର୍ଦ୍ଦିନ ସମୟରେ କୌଣସି ପରିବହନ ଶ୍ରମିକଙ୍କ ମୃତ୍ୟୁ ହେଲେ ଅସଙ୍ଗଠିତ ଶ୍ରମିକମାନଙ୍କ ନିମନ୍ତେ ହୋଇଥିବା ଆଇନ ଅନୁଯାୟୀ ସାମାଜିକ ସୁରକ୍ଷା ସହାୟତା ପ୍ରଦାନ କରାଯିବା ଆଦି ୩ଟି ଦାବୀ ନେଇ ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ସେହିପରି ଦାବୀପତ୍ରରେ ବିଶ୍ୱ ମହାମାରୀ କରୋନାର ପ୍ରଥମ ଲହରଠାରୁ ଦ୍ୱିତୀୟ ଲହର ଘାତକ ସାଜିଛି । ସ୍ୱାସ୍ଥ୍ୟଗତ ଓ ଆର୍ଥି ସଙ୍କଟ ଜନଜୀବନକୁ ଅସ୍ତବ୍ୟସ୍ତ କରାଇ ଦେଇଛି । ଏହି ସମୟରେ ରାଜ୍ୟରେ ସମସ୍ତ ଶ୍ରମଜୀବୀ ମେହନତି ମଣିଷ ଘୋର ଦୁର୍ଦ୍ଦିନ ମଧ୍ୟରେ ନିଜ ନିଜର ପରିବାରକୁ ପ୍ରତିପୋଷଣ କରୁଛନ୍ତି । ଏଥିରେ ପରିବହନ ଶ୍ରମିକ ବାଦ ପଡ଼ିଯାଇ ନାହିଁ । କରୋନା ମହାମାରୀର ମୁକାବିଲା ନିମନ୍ତେ ସରକାର ବାରମ୍ବାର ତାଲାବନ୍ଦ କରିବା ଫଳରେ ପ୍ରଥମ ଲହର ସମୟରେ ୬ ମାସ ପରିବହନ ଶ୍ରମିକମାନେ କାମ ହରାଇଥିଲେ । ସେମାନଙ୍କର ପରିସ୍ଥିତିରେ ସୁଧାର ଆସିନଥିବା ସମୟରେ ସରକାର ପୁଣି ଥରେ ତାଲାବନ୍ଦ କରିଥିବାରୁ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇପଡ଼ିଛି । ଏଥିରେ ବସ ଡ୍ରାଇଭର, କଣ୍ଡକ୍ଟର, ହେଲପର, ଟ୍ୟାକ୍ସି, ଟ୍ରକ, ଟ୍ରାକ୍ଟର ଆଦି ମାଲ ପରିବହନକାରୀ ଯାନର ଚାଳକମାନେ ରୋଜଗାର ହରାଇ ବସିଛନ୍ତି । ବିଶେଷତଃ ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ପଛୁଆ, ଶିଳ୍ପ ବିହୀନ ଓ ଅଣଜଳସେଚିତ ଜିଲ୍ଲାରେ ଶ୍ରମିକମାନଙ୍କ ଅବସ୍ଥା ଦୁର୍ବିସହ ହୋଇପଡ଼ିଛି । ଏଣୁ ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ନିମନ୍ତେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରାଯାଇଛି ।

# ଏସିସି ସିମେଂଟ କାରଖାନାକୁ ଫ୍ଲାଏ ଆଶ ପଠାଇଲା ଓପିଜିସି

ଝାରସୁଗୁଡା,୨୫/୫ (ନି.ପ୍ର): ଆସାମ ସ୍ଥିତ ଷ୍ଟାର ସିମେଂଟ ଲିମିଟେଡକୁ ଫ୍ଲାଏ ପାଉଁଶ ଯୋଗାଣରେ ସଫଳତା ପାଇବା ପରେ ଓପିଜିସି ଆଜି ପଶ୍ଚିମ ସିଂହଭୂମ ସ୍ଥିତ ଏସିସି ଲିମିଟେଡ଼ର ସିମେଂଟ କାରଖାନାକୁ ୩୭୫୦ ଏମଟି ଫ୍ଲାଏ ଆଶ ପଠାଇ ଏହି ଦିଗରେ ଏକ ବଡ଼ ପଦକ୍ଷପ ନେଇଛି । ଓପିଜିସି ର ଇବ ଥର୍ମାଲ ପାୱାର ଷ୍ଟେସନ ଠାରେ ୨୩୦୦ଏମଟି କ୍ଷମତା ବିଶିଷ୍ଟ ତିନୋଟି ଅତ୍ୟାଧୁନିକ ଶୃଙ୍ଖଳା ଫ୍ଲାଏ ପାଉଁଶ ସାଇଲୋ ରହିଛି ଯେଉଁଥିରୁ ସିଧାସଳଖ ରେଳ ୱାଗନ ରେ ଫ୍ଲାଏ ଆଶ ଲୋଡ଼ କରାଯାଇ ଏସିସି ସିମେଂଟ କାରଖାନାକୁ ଆଜି ଫ୍ଲାଏ ଆଶ ପଠାଯାଇଛି । ଓପିଜିସି ର ଇବ ଥର୍ମାଲ୍ ପାୱାର ଷ୍ଟେସନରୁ ଉତ୍ପାଦିତ ଫ୍ଲାଏ ଆଶ ଇଟା / ବ୍ଲକ୍/ ଟାଇଲ୍, ସିମେଂଟ, କଂକ୍ରିଟ୍, କଂକ୍ରିଟ୍ ଉତ୍ପାଦ ଇତ୍ୟାଦି ଉତ୍ପାଦନରେ ବ୍ୟବହାର ପାଇଁ ପ୍ରକୃଷ୍ଟ । ଫ୍ଲାଏ ଆଶ ର ଉପଯୁକ୍ତ ବ୍ୟବହାର ହେଉଛି ଓପିଜିସିର ଏକ ପ୍ରମୁଖ ଲକ୍ଷ । ଓପିଜିସିର ଆଜିର ଏହି ପ୍ରୟାସ ପ୍ରତିପାଦିତ କରୁଅଛି ଯେ କମ୍ପାନୀ ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବରେ ଏହାର ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ ପାଉଁଶକୁ ସର୍ବାଧିକ ସଦୁପଯୋଗ କରିବାକୁ ସତତ ଚେଷ୍ଟିତ। ଆଜିର ଦିନରେ ଫ୍ଲାଏ ଆଶକୁ କେବଳ ବର୍ଜ୍ୟ ନୁହେଁ, ବରଂ ଏକ ଲାଭଜନକ ଦ୍ରବ୍ୟ ଭାବରେ ବିବେଚନା କରାଯାଉଛି ଯାହା ଓପିଜିସି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଶିଳ୍ପ ପାଇଁ ଉପାର୍ଜନ ସୃଷ୍ଟି କରିବାର ମାଧ୍ୟମ ହୋଇପାରେ । ଓପିଜିସିର ପାଉଁଶ ପରିଚାଳନା ବିଭାଗ ସକ୍ରିୟ ଭାବରେ ପାଉଁଶ ବ୍ୟବହାର ପାଇଁ ନୀତି, ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରେ ଏବଂ ଫ୍ଲାଏ ଆଶ କୁ ଉପଯୋଗ କରିବାର ବିଭିନ୍ନ ନୂତନ ପଦ୍ଧତିର ସନ୍ଧାନ ଦିଗରେ ମଧ୍ୟ ସର୍ବଦା ଚେଷ୍ଟିତ ରହିଥାଏ ।

# ବର୍ଷାରେ ଧୋଇଗଲା ବ୍ରିଜ୍, ଯୋଗାଯୋଗ ବିଚ୍ଛିନ୍ନ

ଜୟପୁର,୨୫/୫ (ନି.ପ୍ର): ବର୍ଷା ଋତୁରେ ବ୍ରିଜ୍ ଧୋଇ ହୋଇଗଲା। ଯାହାଫଳରେ ଗମନାଗମନରେ ବାଧା ସୃଷ୍ଟି ହେବା ସହ ଲୋକଙ୍କର ଜୀବନ ଜୀବିକାରେ ମଧ୍ୟ ସମସ୍ୟା ଦେଖାଦେଇଛି। ବ୍ରିଜ୍ ପୁନଃ ନିର୍ମାଣ ପାଇଁ ଦାବି କରିବା ସତ୍ୱେ କାର୍ଯ୍ୟକାରୀ ହେଉନାହିଁ। ଏହା ହେଉଛି ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ପନ୍ଦୋପଡ଼ା ପଂଚାୟତର ବଣ୍ଡକାଗୁଡ଼ା ଗ୍ରାମବାସୀଙ୍କ ଦୁଃଖ। ଆଭ୍ୟନ୍ତରୀଣ ଅଂଚଳର ଗ୍ରାମଗୁଡ଼ିକର ମଧ୍ୟରେ ଯୋଗାଯୋଗର ସୁବ୍ୟବସ୍ଥା ପାଇଁ ରାସ୍ତା ନିର୍ମାଣ ଦିଗରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କୁହାଯାଉଥିବାବେଳେ ତିନି କିଲୋମିଟର ରାସ୍ତା ଯୋଗାଯୋଗ ବ୍ୟବସ୍ଥା କିପରି ବିଚ୍ଛିନ୍ନ ହୋଇପଡ଼ିଛି ତାହା ଜନ ପ୍ରତିନିଧି କିମ୍ବା ପ୍ରଶାସନର ନଜରକୁ କିପରି ଆସିପାରୁ ନାହିଁ ବୋଲି ଅଂଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ପନ୍ଦୋପଡ଼ା ପଂଚାୟତର ପୁଟିଆଗୁଡ଼ା ଠାରୁ ବଣ୍ଡକାଗୁଡ଼ା ମଧ୍ୟ ଭାଗରେ ରହିଥିବା ଏକ ପାହାଡ଼ି ନାଳ ଯେଉଁ ବ୍ରିଜ୍ ତିଆରି କରାଯାଇଥିଲା, ଲଗାଣ ବର୍ଷାରେ ତାହା ଧୋଇ ହୋଇଯିବା ଫଳରେ ବଣ୍ଡକାଗୁଡ଼ା ଗ୍ରାମବାସୀମାନେ ଏକ ପ୍ରକାର ବିଚ୍ଛିନ୍ନାଂଚଳର ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏହି ରାସ୍ତାରେ ହିଁ ସେମାନଙ୍କ ଜୀବନ ଜୀବିକାର ଏକମାତ୍ର ମାଧ୍ୟମ ରହିଥିଲା। ଏହି ରାସ୍ତା ଦେଇ ଗ୍ରାମବାସୀମାନେ ବିଭିନ୍ନ କାର୍ଯ୍ୟ ଉପଲକ୍ଷେ ପଂଚାୟତ ସଦର ମହକୁମାକୁ ଯାଉଥିଲେ। ବିଶେଷକରି ପ୍ରତି ମାସରେ ମିଳୁଥିବା ରାସନ୍ ଏବଂ ଭତା ପାଇଁ ପନ୍ଦୋପଡ଼ାକୁ ଯିବାପାଇଁ ଯେଉଁ ରାସ୍ତା ଉପରେ ସେମାନେ ନିର୍ଭର କରୁଥିଲେ। ତାହା ବନ୍ଦ ହୋଇଯିବା ଫଳରେ ଗ୍ରାମବାସୀଙ୍କ ସମସ୍ୟା ବଢ଼ିଯାଇଛି। ଏହି ରାସ୍ତା ଦେଇ ଅଟୋ ଚଳାଚଳ କରୁଥିବାରୁ ପ୍ରାୟତଃ ସମସ୍ତେ ସୁବିଧାରେ ଯାତାୟାତ କରୁଥିଲେ। ବର୍ତମାନ ଯାନବାହନ ତ ଦୂରର କଥା, ପାଦରେ ଚାଲି ଚାଲି ଯିବା ପାଇଁ ଭଙ୍ଗା ବ୍ରିଜ୍ ବାଧକ ସାଜିଛି। ସେହିଭଳି ଛାତ୍ରଛାତ୍ରୀମାନେ ସ୍କୁଲକୁ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଯିବାପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିଲେ। ବାଲିଗାଁ ଠାରେ ରହିଥିବା ବ୍ୟାଙ୍କକୁ ମଧ୍ୟ ଯିବାପାଇଁ ବିକଳ୍ପ ରାସ୍ତା ନାହିଁ। ଜରୁରୀକାଳୀନ ସେବା ପାଇଁ ଆମ୍ବୁଲାନ୍ସ ଗାଁ ପର୍ଯ୍ୟନ୍ତ ଯାଇପାରୁ ନାହିଁ। ଏଣୁ ଏହି ବ୍ରିଜ୍‌ର ପୁନଃ ନିର୍ମାଣ ସହ ବଣ୍ଡକାଗୁଡ଼ା ଠାରୁ ପୁଟିଆଗୁଡ଼ା ଯାଏ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ପାଇଁ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ମଧ୍ୟ ଧମକ ଦେଇଛନ୍ତି। ସେପଟେ ବିଡିଓ ଅଭିମନ୍ୟୁ କବି ଶତପଥୀ ଉକ୍ତ ସମସ୍ୟାଟି ପଂଚାୟତ ସମିତି ପରିସରରେ ନାହିଁ କିନ୍ତୁ ଜିଲ୍ଲାପାଳ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।

## ବାତ୍ୟା ୟସ୍‌ର ପ୍ରଭାବରେ ଉପକୂଳବାସୀ ଆତଙ୍କିତ, ଲଗାଣ ବର୍ଷା ସାଙ୍ଗକୁ ପବନର ବେଗ ବଢୁଛି

କେନ୍ଦ୍ରାପଡ଼ା,୨୫/୫ (ନି.ପ୍ର): ଗତ କିଛି ମାସ ହେଲା ବିପଦ ଉପରେ ବିପଦ ମାଡି ଚାଲିଛି । କରୋନା ମହାମାରୀ ରେ ଲୋକଙ୍କର ଆର୍ଥିକ ଅଣ୍ଟା ଭାଙ୍ଗି ପଡିଥିବା ବେଳେ ବ୍ୟବସାୟୀ ଠାରୁ ଆରମ୍ଭ କରି ଶ୍ରମିକ ମାନେ ହାତବାନ୍ଧି ବସିଛନ୍ତି । ତା ସାଙ୍ଗକୁ ୨୪ ତାରିଖରୁ ଆରମ୍ଭ ହୋଇଥିବା ବାତ୍ୟା ୟସ ର ପ୍ରକୋପରେ ସୋମବାର ଦିନ ୧ଟା ବେଳୁ ଆରମ୍ଭ ହୋଇଯାଇଛି ଲଗାଣ ବର୍ଷା ଏବଂ ତା ସହ ପବନର ବେଗ ମଧ୍ୟ ବଢିବାକୁ ଲାଗିଛି । ଜିଲ୍ଲାରେ ପବନର ବେଗ ଅଧିକ ହେବାରୁ ରାସ୍ତାଘାଟ ଜନଶୂନ୍ୟ ହୋଇ ପଡିଛି । ପବନର ବେଗ ବଢୁ ଥିବାରୁ ସହରର ତଳିଆ ଅଂଚଳରେ କୁଡିଆ ଘରେ ରହୁଥିବା ଲୋକମାନେ ଆତରଙ୍କିତ ଅବସ୍ଥାରେ ରହିଛନ୍ତି । ତେବେ ଏହି ବସ୍ତି ବାସିନ୍ଦା ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ଉଦ୍ୟମ କରାଯାଉଛି ।

# କନ୍ଧମାଳ ଜିଲ୍ଲାର ପ୍ରଥମ ପଦ୍ମଶ୍ରୀ ପୁର୍ଣ୍ଣମାଷି ଜାନୀ ଅସୁସ୍ଥ

## ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତି

କନ୍ଧମାଳ,୨୫/୫ (ନି.ପ୍ର): କନ୍ଧମାଳ ଜିଲ୍ଲାର ଗର୍ବ ଗୌରବ ପଦ୍ମଶ୍ରୀ ପୁର୍ଣ୍ଣମାସୀ ଜାନୀ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମହିଳା ଭେଷଜ ୱାର୍ଡରେ ଭର୍ତି କରାଯାଇଛି । ବୟଷାଧିକ୍ୟ କାରଣରୁ ସେ ଅସୁସ୍ଥ ହୋଇପଡିଥିବା ଡାକ୍ତର କହିଛନ୍ତି । ପ୍ରକାଶ ଥାଉକି ପୂର୍ଣ୍ଣମାସୀ ଜାନୀ (ଟାଡିସରୁ ବାବା) ୮୦ଙ୍କୁ ନିକଟରେ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା । ସେ କନ୍ଧମାଳ ଜିଲ୍ଲାର ପ୍ରଥମ ପଦ୍ମଶ୍ରୀ ଉପାଧି ପ୍ରାପ୍ତ କରିବା ସହିତ କନ୍ଧମାଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ବର୍ତମାନ ଡାକ୍ତରଖାନାରେ ଡାକ୍ତରମାନେ ତାଙ୍କର ଚିକିତ୍ସା ଜାରୀ ରଖିଛନ୍ତି ଏବଂ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବର୍ତମାନ ସ୍ଥିର ଥିବା ନେଇ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି । ଟାଡିସରୁ ବାବାଙ୍କ ସ୍ୱାସ୍ଥ୍ୟ ଖରାପ ଖବର ଶୁଣିବା ପରେ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦର ଜିଲ୍ଲା ପ୍ରମୁଖ ଶିବାଶିଷ ପଣ୍ଡା ପହଂଚି ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ତାଙ୍କୁ ଫୁଲବାଣୀ ଡାକ୍ତରଖାନାରେ ସ୍ୱତନ୍ତ୍ର ଭାବରେ ରଖାଯାଇ ଚିକିତ୍ସା କରାଯାଉଛି ।

# ପଡିଆ ଗ୍ରାମରେ କାଳବୈଶାଖୀରେ ହୋଇଥିବା କ୍ଷୟ କ୍ଷତିର ସମୀକ୍ଷା କଲେ ବିଜୁ ଯୁବ ଜନତା ସଭାପତି

ମାଲକାନଗିରି,୨୫/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକରେ ରବିବାର ଦିନ ଅପରାହ୍ନ ରେ ହୋଇ ଥିବା କାଳବୈଶାଖୀ ରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ତେବେ ଖବର ପାଇ ଆଜି ପଡ଼ିଆ ବ୍ଲକ ଗସ୍ତରେ ଯାଇ ଘଟଣା ସ୍ଥଳରେ ପହଂଚି କ୍ଷୟକ୍ଷତି ର ସମୀକ୍ଷା କରିଛନ୍ତି । ମାଲକାନଗିରି ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଆତ୍ମା ରାବା ।କାଲିମେଳା ବିଡ଼ିଓ ଉମା ଶ ଙ୍କର ଦଳେଇ, ମୋଟୁ ତହସିଲଦାର ଶ ସାଙ୍କ ମିଶ୍ର, ଘଟଣା ସ୍ଥଳକୁ ଗ୍ରସ୍ତ କରି କ୍ଷୟକ୍ଷତିର ଆକଳନ କରିଛନ୍ତି । ଏହାସହ ଯଥା ଶୀଘ୍ର ଯେପରି ଲୋକଙ୍କୁ ସରକାରୀ ସହାୟତା ମିଳିପାରିବ ସେହି ବାବଦରେ ସ୍ଥାନୀୟ ତହସିଲଦାର, ଓ ସ୍ଥାନୀୟ ବିଡିଓ ଙ୍କ ସହ ଆଲୋଚନା କରି କ୍ଷୟକ୍ଷତି ହୋଇଥୁବା ପରିବାର ବର୍ଗ ଙ୍କୁ ଆଶ୍ୱାସନା ଦେଇଥିଲେ। ଅଂଚଳରେ ପବନ ବତାସ ଯୋଗୁଁ ବହୁ ଲୋକେ ବା ସହରା ହୋଇଥିବା ବେଳେ ସେମା ନଙ୍କୁ ଥଇଥାନ ବ୍ୟବସ୍ଥା ପାଇଁ ତୁରନ୍ତ ପଦକ୍ଷେପ ନେବା ସହ ପଲିଥିନ ଓ ଖାଦ୍ୟ ବ୍ୟବସ୍ଥା ମଧ୍ୟ ପ୍ରଶାସନ ପକ୍ଷରୁ କରାଯାଇଛି । ଏହି ଗସ୍ତ ସମୟରେ ପଡ଼ିଆ ବ୍ଲକ ସାଂସଦ ପ୍ରତିନିଧି ଟି ସି.ହେଚ ରେବିଟ କୁମାର,ଜିଲ୍ଲା ବିଜୁ ଯୁବ ଜନତା ଦଳ ଉପ ସଭାପତି କଂଟେଶ୍ୱର ପୋଟଲା, ଜିଲ୍ଲା ବିଜୁ ଯୁବ ଜନତା ଦଳ ସମ୍ପାଦକ ମେସାକ ମାଡ୍ରୀ, ଆଇଟି କୋଡିନେଟର ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମହାନ୍ ସନ୍ଥ ପୂଜନୀୟ ପବିତ୍ର ମୋହନ ଦାସଙ୍କର ବ୍ରହ୍ମଲୀନ ହେବାରୁ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଶୋକ

ବାଲେଶ୍ୱର,୨୫/୫ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ମହାନ୍? ସନ୍ଥ ପୂଜନୀୟ ପବିତ୍ର ମୋହନ ଦାସଙ୍କର ବ୍ରହ୍ମଲୀନ ହେବାରୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପ୍ରଚଣ୍ଡ ତ୍ୟାଗ ଏବଂ କଠୋର ତପଷ୍ଚର୍ଯ୍ୟାର ମୂର୍ତ୍ତିମାନ ବିଗ୍ରହ ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳ ସଦସ୍ୟ,ମହିମା ସନ୍ଥ ସମାଜର ଅଧ୍ୟକ୍ଷ ମହାନ୍? ସନ୍ଥ ପୂଜନୀୟ ପବିତ୍ର ମୋହନ ଦାସଙ୍କର ବ୍ରହ୍ମଲୀନ ହେବାର ଖବର ଶୁଣି ମୁଁ ମର୍ମାହତ ।ମହିମା ସ୍ୱାମୀ ଏବଂ ସନ୍ଥକବି ଭୀମ ଭୋଇଙ୍କ ପ୍ରଦର୍ଶିତ ମାର୍ଗରେ ସାଧନାରତ ଏହି ମହାନ୍ ସନ୍ନ୍ୟାସୀ ମହିମା ଧର୍ମର ପ୍ରଚାର ଓ ପ୍ରସାର ଦିଗରେ ଯେଉଁ ଭଗୀରଥ ପ୍ରୟାସ କରିଯାଇଛନ୍ତି ତାହା ଅତୁଳନୀୟ ।ତାଙ୍କର ଅମର ଆତ୍ମାକୁ ତ ପରମେଶ୍ୱର ସଦ୍ଗତି ପ୍ରଦାନ କରିବେ ନିଶ୍ଚୟ । ଏହି ମହାନ୍ ଆଧ୍ୟାତ୍ମିକ ବିଭୂତି ପରଲୋକରୁ ଆମ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ପାଇଁ ପ୍ରାର୍ଥନା କରୁଅଛୁ ବୋଲି ସେ କହିଛନ୍ତି ।

# ଅରଖପାଳ ପଂଚାୟତକୁ ଏଯାଏଁ ପଶିନି କରୋନା

ଭୁବନ,୨୫/୫ (ନି.ପ୍ର): ଭୁବନ ବ୍ଲକର ୧୮ ଟି ପଂଚାୟତ ମଧ୍ୟରୁ ଏକମାତ୍ର ପଂଚାୟତ ଅରଖପାଳ କୁ ଆଜିଯାଏଁ କରୋନା ପ୍ରବେଶ କରିନାହିଁ । ଏହି ପଂଚାତୟରରେ ଜଣେ ବି କେହି କରୋନା ପଜିଟିଭ ରୋଗୀ ନାହାଁନ୍ତି । ଅନ୍ୟ ୧୭ ଟି ପଂଚାୟତରେ କିଛି କିଛି କରୋନା ରୋଗୀ ଚିହ୍ନଟ ହୋଇ ଏବେ ଚିକିତ୍ସିତ ହେଉଛନ୍ତି । ପ୍ରତ୍ୟେକ ପଂଚାୟତର ସରପଂଚ ମାନଙ୍କୁ ଗରିବ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ କୁହାଯାଇଛି । ଗଡନୃସିଂହପ୍ରସାଦ ପଂଚାୟତର ପଳାସପିଠିଆ ଗୋଡା ସ୍ଥିତ ପଂଚାୟତିରାଜ ଉଚ୍ଚ ବିଦ୍ୟାଳୟକୁ କୋଭିଡ ସେଣ୍ଟର କରାଯାଇଛି । ବର୍ତମାନ ସେଠାରେ ୨୦ ରୁ ଊର୍ଦ୍ଧ୍ୱ କରୋନା ପେସେଣ୍ଟ ଚିକିତ୍ସିତ ହେଉଛନ୍ତି । ତେବେ ୪୮୦୦ ଜନସଂଖ୍ୟା ବିଶିଷ୍ଟ ଅରଖପାଳ ପଂଚାୟତର ସରପଂଚ ଭାସ୍କର ଚନ୍ଦ୍ର ସାହୁ ଙ୍କ ବଳିଷ୍ଠ ଉଦ୍ୟମ ଓ ସଚେତନତା ଯୋଗୁ ଆଜିଯାଏ କେହି କରୋନା ପଜିଟିଭ ରୋଗୀ ଚିହ୍ନଟ ହୋଇନାହାଁନ୍ତି । ସରପଂଚ ଶ୍ରୀଯୁକ୍ତ ସାହୁ ନିଜେ ଲୋକଙ୍କ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା, ମାସ୍କ,ସାନିଟାଇଜର ବିତରଣ କରିବା ଓ ସାମାଜିକ ଦୂରତା ରକ୍ଷା କରିବା ସହିତ ସର୍ବସାଧାରଣ ସ୍ଥାନରେ ଗହଳି ନକରିବା ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ବିଡିଓ ଆଶୀର୍ବାଦ ପରିଡା ସୂଚନା ଦେଇଛନ୍ତି ।

# ସତ୍ୟବାଦୀ ବ୍ଲକରୁ ନୂଆ ୩୫ କରୋନା ପଜିଟିଭ୍ ଚିହ୍ନଟ

ସାକ୍ଷିଗୋପାଳ,୨୫/୫ (ନି.ପ୍ର): ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକରୁ ଗତ ୨୪ ଘଂଟା ମଧ୍ୟରେ ନୂଆ ୩୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅଳସା ପଚାଂୟତରୁ ଜଣେ, ବୀରରାମଚନ୍ଦ୍ରପୁର ପଚାଂୟତରୁ ୬ ଜଣ, ବିଶ୍ୱନାଥପୁର ପଚାଂୟତରୁ ଜଣେ, ଜୟପୁର ପଚାଂୟତରୁ ୩ ଜଣ, କାଦୁଆ ପଚାଂୟତରୁ ଜଣେ, ମୂଳ ଅଳସା ପଚାଂୟତରୁ ଜଣେ ଏବଂ ନରେନ୍ଦ୍ରପୁର ପଚାଂୟତରୁ ଜଣେ ଆକ୍ରାନ୍ତ ରହିଛନ୍ତି । ସେହିପରି ନୂଆ ସୋମେଶ୍ୱର ପଚାଂୟତରୁ ୪ ଜଣ, ପରଜାପଡା ପଚାଂୟତରୁ ଜଣେ, ପେଣ୍ଠପଡାରୁ ୭ ଜଣ, ସାଣ୍ଡରାହାଟ ପଚାଂୟତରୁ ୪ ଜଣ, ସାରଙ୍ଗଯୋଡ଼ି ପଚାଂୟତରୁ ୪ ଜଣ ଏବଂ ଶ୍ରୀରାମଚନ୍ଦ୍ରପୁର ପଚାଂୟତରୁ ଜଣେ ଆକ୍ରାନ୍ତ ରହିଛନ୍ତି ।

# କରୋନା ଯୋଦ୍ଧା ସାମ୍ବାଦିକ ଆଶୁତୋଷଙ୍କ ଦେହାନ୍ତ : କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ

କନ୍ଧମାଳ,୨୫/୫ (ନି.ପ୍ର): ଓଡ଼ିଆ ଦୈନିକ ଖବର କାଗଜ ସର୍ବସାଧାରଣର ଫୁଲବାଣୀ ପ୍ରତିନିଧି ଆଶୁତୋଷ ବେହେରା ୪୫ (ବର୍ଣ୍ଣ)ଙ୍କର ରବିବାର ରାତି ପ୍ରାୟ ୯ଟା ବେଳେ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ହୋଇଛି । ସେ କରୋନାରେ ଆକ୍ରାନ୍ତ ହେବାରୁ ତାଙ୍କୁ ଗତ ୨୦ ତାରିଖରେ ଫୁଲବାଣୀ କୋଭିଡ ହସ୍ପିଟାଲରେ ଭର୍ତି କରାଯାଇଥିଲା । ୨୨ ତାରିଖ ଦିନ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଥିଲା ଏବଂ ଡାକ୍ତରଙ୍କ ସମସ୍ତ ଚେଷ୍ଟା ବିଫଳ ହୋଇଥିଲା । ସେ ଜଣେ ମେଳାପି, ହସଖୁସି ମିଜାଜର ମଣିଷଟିଏ ଥିଲେ । ଜଣେ ନିଷ୍କପଟ ସରଳ ହୃଦୟର ବ୍ୟକ୍ତିତ୍ୱ ଭାବେ ଫୁଲବାଣୀ ଏବଂ କନ୍ଧମାଳ ଜିଲ୍ଲାରେ ସବୁ ମହଲରେ ପରିଚିତ ଥିଲେ । ତାଙ୍କର ୨୦ ବର୍ଷର ଗୋଟିଏ ପୁଅ ଏବଂ ୧୫ ବର୍ଷର ଝିଅ ଏବଂ ପତ୍ନୀ ଅଛନ୍ତି । ତାଙ୍କ ପୂର୍ବରୁ ତାଙ୍କ ଝିଅ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଥିଲା । ପରେ ସେ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ । ରବିବାର ରାତିରେ ଫୁଲବାଣୀ ପୌରାଂଚଳର କର୍ମଚାରୀ ଏବଂ ସାମ୍ବାଦିକ ସୁନିଲ ବିଶ୍ୱାଳ, ହୁରଞ୍ଜନ ସେଠୀ ଟିମ୍ ହ୍ୟୁମାନିଟିର ଆବାହକ ଭି.ଲୋକନାଥ ରାଜୁ, ଭି.ଜଗନ୍ନାଥ ରାଜୁ ଏବଂ ଅନ୍ୟ ସଦସ୍ୟ ମାନଙ୍କ ସହାୟତାରେ ସ୍ଥାନୀୟ ଏଫସିଆଇ ଛକଠାରେ ଥିବା ଶ୍ମଶାନରେ କୋଭିଡ ନିୟମ ଅନୁସାରେ ତାଙ୍କର ଶବ ସତ୍କାର କରାଯାଇଥିଲା । ତାଙ୍କ ବିୟୋଗରେ ଫୁଲବାଣୀର ସାମ୍ବାଦିକ ମହଲରେ ଶୋକର ଛାୟା ଖେଳି ଯାଇଛି । ବିଶେଷ କରି ବରିଷ୍ଠ ସାମ୍ବାଦିକ ଡ.ଅରୁପ ଜେନା, ସୁନିଲ ପଟ୍ଟନାୟକ, ସନ୍ତୋଷ ଡିଗଲ, ଗୋପାଳକୃଷ୍ଣ ପଟ୍ଟନାୟକ, ନାରାୟଣ ସାହୁ, ଅଶୋକ ପରିଡା, ପ୍ରଶାନ୍ତ କୁମାର ବେହେରା, ସଦାଶିବ ପାତ୍ର, ଅଜିତ ମହାରଣା, ସୁଜିତ ବେହେରା, ସୁନୀଲ ବିଶ୍ୱାଳ, ତ୍ରିନାଥ ସାହୁ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ ଜେନା, ଜୟସେନ ପରିଡା, ଶିବ ବିଶ୍ୱାଳ, ହିମାଂଶୁ ବେହେରା, ରାଧା ମୋହନ ମହାପାତ୍ର, ସତ୍ୟ ନାରାୟଣ ବେହେରା, ସୂର୍ଯ୍ୟ ବେହେରା, ବୈଦ୍ୟ ବେହେରା, ବୈଦ୍ୟ ନାୟକ, ଶିବ ନାୟକ, ରମେଶ ପ୍ରଧାନ ଏବଂ ବାଲିଗୁଡାର ବିପ୍ର ଚରଣ ସାହୁ ପ୍ରମୁଖ ଜିଲ୍ଲାର ବହୁ ସାମ୍ବାଦିକ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

## ଗତ ୨୪ ଘଂଟାରେ କଟକରେ ମାସ୍କ ନପିନ୍ଧିବା ପାଇଁ ୧୫୮ ଜଣଙ୍କ ଠାରୁ ଜୋରିମାନା ଆଦାୟ

କଟକ,୨୫/୫ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅନୁଯାୟୀ ୧୫୮ ଜଣଙ୍କ ଠାରୁ ମାସ୍କ ନପିନ୍ଧିବା ପାଇଁ ଜୋରିମାନା ଆଦାୟ କରାଯାଇଛି। ସେହିପରି ୩୩୦ ଜଣ ସାମାଜିକ ଦୂରତା ନରଖିବା ବ୍ୟକ୍ତିଙ୍କ ଠାରୁ ମଧ୍ୟ ଜୋରିମାନା ଆଦାୟ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରୁ ଟୁଇଟ୍ ଦ୍ୱାରା ସୂଚନା ଦିଆଯାଇଛି

# ପୁରୀ ସମୁଦ୍ର କୂଳେ ଜେଲିଫିସ୍ ମଡ଼କ

ପୁରୀ,୨୫/୫ (ନି.ପ୍ର): ଆଜି ପୁରୀ ସମୁଦ୍ର କୂଳେ ଏକ ବିରଳ ଘଟଣା ଦେଖିବାକୁ ମିଳିଛି । କୁଡ଼ କୁଡ଼ ମୃତ ଜେଲିଫିସ୍ ଦିଗବାରିଣୀ ସମୁଦ୍ର କୂଳ ନିକଟରେ ଲାଗିଥିବା ଦେଖିବାକୁ ମିଳିଛି । ଗତ ଦୁଇ ଦିନ ତଳେ ପେଣ୍ଠକଟା ସମୁଦ୍ର କୂଳେ ହଜାର ହଜାର ସଂଖ୍ୟାରେ ଡିସ୍କୋ କୋକଲି ମାଛ ମରି ପଡିଥିବା ଦେଖିବାକୁ ମିଳିଥିଲା । ପୁରୀ ସମୁଦ୍ର କୂଳେ ଏଭଳି ମୃତ ଜଳଜୀବଙ୍କୁ ଦେଖି ପରିବେଶବିତ୍ ମାନେ ଚିନ୍ତା ପ୍ରକଟ କରିଛନ୍ତି । ସମ୍ଭାବ୍ୟ ୟାସ ବାତ୍ୟା ପ୍ରଭାବରେ ସମୁଦ୍ରରେ ପ୍ରବଳ ଲହଡ଼ି ଯୋଗୁଁ ମୃତ ଜେଲିଫିସ୍ ଭାସି ଆସି କୂଳରେ ଲାଗୁଥିବା କେତେକ ମତ୍ସ୍ୟଜିବୀ କହିଛନ୍ତି । ଅନ୍ୟପକ୍ଷରେ ସହରର ସମସ୍ତ ନର୍ଦ୍ଦମା ଜଳ ବାଙ୍କୀ ମୁହାଣ ଦେଇ ସମୁଦ୍ରରେ ସିଧାସଳଖ ମିଶୁ ଥିବାରୁ ଏହି ଅଂଚଳର ଜଳରାଶି ପ୍ରଦୂଷିତ ହେଉଥିବା ଅଭିଯୋଗ ହେଉଛି । ସମୁଦ୍ର କୂଳେ କୂଳେ କୋଟି କୋଟି ଟଙ୍କା ବ୍ୟୟରେ ବର୍ଷାଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ଡ୍ରେନ୍ ରେ କେତେକ ହୋଟେଲ ଓ ଜଳଖିଆ ଦୋକାନୀଙ୍କ ବର୍ଜ୍ୟଜଳ ଡ୍ରେନରେ ଯାଇ ବାଙ୍କୀ ମୁହାଣ ଓ ହୋଟେଲ ଷ୍ଟରଲିନ୍ ନିକଟ ସମୁଦ୍ରରେ ମିଶୁଛି । ଏ ସମ୍ପର୍କରେ ମତ୍ସ୍ୟ ବିଭାଗ, ପରିବେଶ ବିଭାଗ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଅନୁଧ୍ୟାନ କରିବା ପାଇଁ ମତ୍ସ୍ୟଜିବୀ ମାନେ ଦାବି କରିଛନ୍ତି ।

# ଜୀବନଶୈଳୀରେ ଧ୍ୟାନ ଦିଅନ୍ତୁ

**ଆଜିକାଲିର ବ୍ୟସ୍ତବହୁଳ ଜୀବନ ଶୈଳୀ ଏବଂ ଖାଦ୍ୟ ପାନୀୟ ମଣିଷର ପ୍ରଭୁତ କ୍ଷତି କରଉଛି । ଏମିତିକି ମଣିଷକୁ ପୌରୁଷତ୍ୱ ହୀନ କରିଦେଉଛି । ହେଲେ ଏଥିରୁ ରକ୍ଷାପାଇବା ପାଇଁ ଏବେ ବଜାରରେ ମେଡ଼ିସିନ ଉପଲବ୍ଧ ସତ କିନ୍ତୁ ଏହା ସ୍ୱାସ୍ଥ୍ୟ ପ୍ରତି କେତେ ଯେ ହାନୀକାରକ ତାହା ବ୍ୟବହାର କରୁଥିବା ବ୍ୟକ୍ତି ହିଁ ଜାଣେ । ହେଲେ ଆଜି ଆସନ୍ତୁ ଜାଣିବା ଏମିତି କିଛି ଖାଦ୍ୟ ବିଷୟରେ ଯାହାକୁ ଖାଇଲେ ଆପଣଙ୍କର ପୌରୁଷତ୍ୱ ସଦାବେଳେ ସହିସଲାମତ ରହିବ ।**





ପୌରୁଷତ୍ୱ ବଢ଼ାଇବା ପାଇଁ ସାମୁଦ୍ରିକ ଖାଦ୍ୟ ବ୍ୟତୀତ ଡ୍ରାଇ ଫୁଡ୍ସ ଏବଂ ଗଜା ଜାତୀୟ ପଦାର୍ଥ ନିଶ୍ଚିତ ଭଲ । ଏତଦବ୍ୟତୀତ ବିଶେଷଜ୍ଞଙ୍କ ମତରେ ସପ୍ତାହରେ ଥରେ ରେଡ଼ ମିଟ୍ ଏବଂ ୱାଇନର ଏକ ଛୋଟିଆ ଗ୍ଲାସ ବି ନେଇପାରନ୍ତି । ଯାହା ଆପଣଙ୍କ ପୌରୁଷତ୍ୱକୁ ଠିକ୍ ରଖିଥାଏ । କମି କମି ଯାଉଥିବା କାମଶକ୍ତି, ଇରେକ୍ଟାଇଲ ଡିସଫଙ୍କସନ ଭଳି ପୌରୁଷ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକରୁ ରକ୍ଷା ପାଇବାକୁ ଚାହୁଁଥିଲେ ଡାଏଟରେ କିଛିଟା ପରିବର୍ତ୍ତନ ନିଶ୍ଚିତ କରନ୍ତୁ । ଆପଣ ସି-ଫୁଡ଼ ନିଶ୍ଚିତ ଖାଆନ୍ତି, ଏଥିରୁ ଲାଭ ମିଳିବ । ସି ଫୁଡ୍ ଖାଇବା ଦ୍ୱାରା ରକ୍ତ ସଂଚାଳନ ଠିକ୍ ରହିଥାଏ ଏବଂ ଶରୀରର ନିମ୍ନଭାଗରେ ରକ୍ତ ସଂଚାଳନ ତୀବ୍ର ହୋଇଥାଏ । ଏହାଦ୍ୱାରା ପୌରୁଷ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ । ଡେଲିମେଲ ମୁତାବକ ଗ୍ରୀନ କାର୍ଡ଼ିଓଲୋଜିଷ୍ଟ ଏଥାନାସିଓସ ଆଞ୍ଜେଲିସ ତାଙ୍କ ଅଧ୍ୟୟନ ଆଧାରରେ ଏହା ଦାବି କରିଛନ୍ତି । ତାଙ୍କ ଅନୁସାରେ ମାଛ, ସାଲାଡ଼, ଅଲିଭ ଅଏଲରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଏବଂ ଏକଗ୍ଲାସ ୱାଇନ ପୌରୁଷତ୍ୱ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ଭାଏଗ୍ରାର ବିକଳ୍ପ ଭାବେ ସମୁଦ୍ର ମାଛ ସେବନକୁ ନିଆଯାଇପାରେ । ଡାକ୍ତର ଆଞ୍ଜେଲିସ ତାଙ୍କ ଅଧ୍ୟୟନରେ ଏହାକୁ ପ୍ରକାଶ କରିଛନ୍ତି ।

# ସୁନ୍ଦର ତ୍ୱଚା ପାଇଁ ଖାଆନ୍ତୁ ତାଜା ଫଳ



ନିୟମିତ ଫଳ ସେବନ କରିବା ନିହାତି ଜରୁରୀ । ଏହା ତ୍ୱଚାରେ ଚମକ ଆଣିବା ସହିତ ବୟସ ବୃଦ୍ଧି ଜନିତ ପଡୁଥିବା ରେଖାକୁ ପଡିବାକୁ ଦିଏନାହିଁ । ଖାଦ୍ୟରେ ଭିଟାମିନ୍ ସି'କୁ ନିଶ୍ଚିତ ଭାବେ ସାମିଲ୍ କରନ୍ତୁ । ଏହା ତ୍ୱଚାକୁ ଆବଶ୍ୟକୀୟ ପୋଷଣ ପ୍ରଦାନ କରିଥାଏ । ଖଟାଫଳରେ ଭିଟାମିନ୍ ସି' ପ୍ରଚୁର ପରିମାଣରେ ରହିଥାଏ ।

ତାଜା ଫଳରେ ପୌଷ୍ଟିକ ତତ୍ତ୍ୱ ଭରପୁର ରହିଛି । ଏଥିରେ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍ ସି, ଲୌହ, ଫଲିକ୍ ଏସିଡ଼୍ ଓ ବିଟା କାରୋଟିନ୍ ଆଦି ରହିଥାଏ । ଫଳରେ କ୍ୟାଲୋରୀ ମଧ୍ୟ ବହୁତ କମ୍ ମିଳିଥାଏ । ବୟସ ବଢ଼ିବା ସହିତ ତ୍ୱଚାକୁ ସୁକୋମଳ ଓ ଆକର୍ଷଣୀୟ କରି ରଖିବାକୁ ଚାହୁଥିବ ମହିଳାମାନେ ରହିଥାଏ । ଜାମୁ, ଚେରୀ ଅଙ୍ଗୁର ଆଦି ଫଳରେ ଥିବା ପୋଷକ ତତ୍ତ୍ୱ ବିଭିନ୍ନ ତ୍ୱଚା ସମସ୍ୟାକୁ ଦୂର କରିଥାଏ । ଡାକ୍ତରଙ୍କ ଅନୁଯାୟୀ ନିୟମିତ ଫଳାହାର ତ୍ୱଚାରେ ଚମକ ଆଣିଥାଏ । ଖାଦ୍ୟରେ ଜଙ୍କ୍ ଫୁଡ୍ ବଦଳରେ ଫଳକୁ ପ୍ରାଥମିକତା ଦେଲେ ଅନେକ ସମସ୍ୟା ଆପେ ଆପେ ସମାଧାନ ହୋଇଯାଇଥାଏ ।

# ମୂଲ୍ୟବାନ ହୀରା

ହୀରାର ସଉକ୍ ଧନିକ ଗୋଷ୍ଠୀ ଓ ରାଜ ପରିବାରର ସଦସ୍ୟଙ୍କ ଠାରେ ହିଁ ଅଧିକ ଦେଖିବାକୁ ମିଳେ । ଏହି ମୂଲ୍ୟବାନ ଧାତୁକୁ ନେଇ ଅନେକ କାହାଣୀ ମଧ୍ୟ ରହିଛି । ଇତିହାସର ପୃଷ୍ଠାରୁ ଜଣାପଡ଼ିଛି, ହୀରାର ସଉକ୍ ସବୁଠୁ ଅଧିକ ବ୍ରିଟେନବାସୀଙ୍କ ନିକଟରେ ଦେଖାଯାଇଥାଏ । ୧୯୫୦ରୁ ଆମେରିକା ଓ ବ୍ରିଟେନରେ



ଗବେଷକଙ୍କ ମିଳିତ ଉଦ୍ୟମରେ ପ୍ରଥମଥର ମନୁଷ୍ୟ ପାଉଁଶରୁ ହୀରା ତିଆରି କରାଯାଇଥିଲା । ତାହାର ନାମ 'ସ୍ମୃତିର ହୀରା' ରଖାଗଲା । ମନୁଷ୍ୟର କେଶ ଓ ପାଉଁଶ ସହ ଅନ୍ୟ କିଛି ପଦାର୍ଥକୁ ମିଶାଇ ଏହି ହୀରା ନିର୍ମାଣ କରାଯାଉଥିଲା । ୨୦୦୦ରେ ପ୍ରଥମଥର ସ୍ମୃତିର ହୀରା ଆମେରିକୀୟ ବଜାରରେ ଉପଲବ୍ଧ ହେଲା । ଗବେଷକଙ୍କ ମତରେ, ଏହି ହୀରା ପ୍ରସ୍ତୁତି ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ଓ ବ୍ୟୟସାପେକ୍ଷ । ବ୍ରିଟେନରେ ଅଧିକାଂଶ ସମ୍ଭ୍ରାନ୍ତ ପରିବାର ନିଜ ପ୍ରିୟଜନଙ୍କ ପାଉଁଶରୁ ଏହି ହୀରା ତିଆରି ପାଇଁ ବରାଦ୍ ଦିଅନ୍ତି । ଏକ ମାସର ପ୍ରକ୍ରିୟାରେ 'ସ୍ମୃତିର ହୀରା' ତିଆରି ହୁଏ ବୋଲି ଜଣାପଡ଼ିଛି । ଗୋଟିଏ ହୀରା ତିଆରି ନିମନ୍ତେ ୪୫ଲକ୍ଷ ଟଙ୍କା ଖର୍ଚ୍ଚହୁଏ ।

# ଯୋଗ ଓ ସୌନ୍ଦର୍ଯ୍ୟ



ସୌନ୍ଦର୍ଯ୍ୟକୁ ସୁରକ୍ଷିତ ରଖିବା ପାଇଁ ମହଳାମାନେ ପ୍ରତିଦିନ ଯୋଗ ଅଭ୍ୟାସ କରିବା ଉଚିତ । ନିୟମିତ ଯୋଗାସନ କରିବା ଦ୍ୱାରା ରକ୍ତ ସ ।ଳନ ଭଲ ଭାବେ ହେବା ସହିତ କୋଷ୍ଠ କାଠିନ୍ୟ ଦୂର ହୋଇଥାଏ । ଶରୀରରେ ସ୍ଥିରତା ତଥା ମାନସିକ ଏକାଗ୍ରତା ପାଇଁ ବି ଭି ନ୍ନ ଆସନ ଯଥା ମୟୂରାସନ, ସର୍ବାଙ୍ଗାସନ, ମତ୍ସ୍ୟାସନ, ଭୁଜଙ୍ଗାସନ, ଧନୁରାସନ ଓ ପବନ ମୁକ୍ତାସନ ବେଶ୍ ଉପକାରୀ । କେବଳ ସେତିକି ନୁହେଁ ଏହା ସହ ପ୍ରାଣାୟମ ଓ ପ୍ରାର୍ଥନା ମନକୁ ସ୍ଥିର କରିଥାଏ । ଏହା ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇବାର ମାର୍ଗ ଅଟେ । ସେହିପରି କପାଳଭାତି, ଭ୍ରମରୀ, ଭସ୍ତିକା, ନାଡିଶୋଧନ, ଓ ଉଜ୍ଜାୟୀ ପରି ଉପକାରୀ ପ୍ରାଣାୟମ ସୌନ୍ଦର୍ଯ୍ୟ ବିକାଶ କରିଥାଏ । ସେହିପରି ମହଳାମାନେ ପ୍ରତିଦିନ ସର୍ବନିମ୍ନ ୩୦ ମିନିଟ୍ ଯାଏ ଧ୍ୟାନ କରିବା ଉଚିତ । ଏହା ସହ ସନ୍ତୁଳିତ ଖାଦ୍ୟ ଖାଇବା ଉଚିତ । ଏହା ସେମାନଙ୍କ ସୌନ୍ଦର୍ଯ୍ୟକୁ ଅତୁଟ ରଖିଥାଏ ।

# ରାଶି ଅନୁସାରେ କିଣନ୍ତୁ ବ୍ୟାଗ୍

**ରାଶି, ନକ୍ଷତ୍ର ମାନି କେବଳ ବିବାହ ହୁଏନାହିଁ । କିଭଳି ବ୍ୟାଗ ଆପଣଙ୍କ ପାଇଁ 'ଦ ବେଷ୍ଟ' ତାହା ବି କହିପାରେ ଆପଣଙ୍କ ରାଶି । ଜାଣନ୍ତୁ କେଉଁ ରାଶି ପାଇଁ କିଭଳି ବ୍ୟାଗ ଉପଯୁକ୍ତ ।**

**ମେଷ:** ଖୁବ୍ ବ୍ୟସ୍ତ ଆପଣ ? ବ୍ୟାଗ ବାଛିବା ପାଇଁ ଆପଣଙ୍କ ହାତରେ ଯଥେଷ୍ଟ ସମୟ ନାହିଁ । ତେଣୁ ରାଶି ଅନୁସାରେ ବ୍ୟାଗ ବାଛିବା କଥା କେବେ ଭାବି ନାହାନ୍ତି । ଆପଣଙ୍କର ପ୍ରିୟ ବନ୍ଧୁ ହୋଇପାରେ ଏକ ଗାଢ଼ ଲ୍ୟାଭେଣ୍ଡର୍ ରଙ୍ଗର ଷ୍ଟ୍ରକଚରଡ଼୍ ବ୍ୟାଗ ।

**ବୃଷ:** ଦୀର୍ଘଦିନ ଧରି ବ୍ୟବହାର କରିହେଉଥିବା ନରମ ଚମଡ଼ା ବ୍ୟାଗ ଆପଣଙ୍କର ପ୍ରଥମ ପସନ୍ଦ ହୋଇପାରେ । ଏହି ବ୍ୟାଗକୁ ଆପଣ ମନଭରି ଉପଭୋଗ କରିପାରିବେ ।

**ମିଥୁନ:** ପ୍ରତିଦିନ ପାଇଁ ଏମିତି ବ୍ୟାଗ ଦରକାର ଯାହା ଶନିବାର ରାତିରେ ବି ଖାପଛଡ଼ା ଲାଗିବ ନାହିଁ । ତାହେଲେ ଆପଣଙ୍କ ପାଇଁ ପପ୍ କଲରର ପେବଲ୍ସ ଲେଦର ବ୍ୟାଗ ପୁରା ପରଫେକ୍ଟ । ଆପଣ ଏହାକୁ ଅଫିସ ପାର୍ଟିରେ ବି କ୍ୟାରି କରିପାରନ୍ତି ।

**କର୍କଟ:** ଆପଣ ତ ଖୁବ୍ କେୟାରିଂ ବନ୍ଧୁ । ତେଣୁ ଆପଣଙ୍କର ମଧ୍ୟ ଦରକାର ଏମିତି ଏକ ବ୍ୟାଗ ଯିଏ ଆପଣଙ୍କ ପାଖରେ ପୂରା ବେଷ୍ଟଫ୍ରେଣ୍ଡ ଭାବରେ ରହିପାରିବ । ତାହେଲେ ଆଣ ବାଛିନିଅନ୍ତୁ ସଂପୂର୍ଣ୍ଣ ଚମଡ଼ା ବ୍ୟାଗ । କାରଣ ଚମଡ଼ା ବ୍ୟାଗ ବିଶ୍ୱାସୀ ବନ୍ଧୁ ଭଳି ଆପଣଙ୍କ ପାଖରେ ରହିପାରିବ ଅନେକ ଦିନ ।

**ସିଂହ:** ଆପଣ ହସଖୁସିରେ ରହିବା ଆପଣଙ୍କ ପସନ୍ଦ । ତାହେଲେ ଆପଣଙ୍କ ପାଇଁ ଫଙ୍କି ଲୁକିଂ ବ୍ୟାଗ ବେଷ୍ଟ ଯାହା ଆପଣ ପରଫେକ୍ଟ ଡେଟରେ କ୍ୟାରି କରି ପାରିବେ ।





**କନ୍ୟା:** ଆପଣ ଟିକେ ଗମ୍ଭୀର ବ୍ୟକ୍ତିତ୍ୱର । ଆପଣଙ୍କ । ପାଖରେ ଯେତେବେଳ କ୍ୟାରିଅର ସବୁଠୁ ଉପରେ ତାହେଲେ ଅବଶ୍ୟ ହିଁ ଆପଣଙ୍କ ପାଇଁ ପରଫେକ୍ଟ ଡେଟୁ-ସହ ବ୍ୟବହାର ପାଇଁ ଅଫିସିଆଲ ବ୍ୟାଗ । ତେବେ ଯେହେତୁ ଆପଣ ନରମ ସ୍ୱଭାବର ତେଣୁ ରଙ୍ଗ କ୍ଷେତ୍ରରେ ପାଷ୍ଟେଲ ପିଙ୍କ ଆପଣଙ୍କ ପାଇଁ ବେଷ୍ଟ ।

**ତୁଳା:** ଆପଣ ଠିକ୍ ଭାବରେ ଜିନିଷ ବାଛି ପାରନ୍ତି ନାହିଁ । ଷ୍ଟ୍ରକଚରଡ଼୍ ଟପ୍ ହ୍ୟାଣ୍ଡେଲ ବ୍ୟାଗ ନା କ୍ରସ ବଡ଼ି ? ଅଯଥାରେ ଘଣ୍ଟାଘଣ୍ଟି କରି କିଛି ଲାଭନାହିଁ । ଆପଣ ବରଂ ଦୁଇଟିର କମ୍ବୋ ଟ୍ରାଏ କରିପାରନ୍ତି । କାଣଣ କୌଣସି ଗୋଟିଏ ଅପସନରେ ଆପଣଙ୍କର ମନ ଭରିବ ନାହିଁ ।

**ବିଛା:** ଯେକୌରସି ପ୍ରସଙ୍ଗକୁ ଖୁବ୍ ସହଜ ଓ ସରଳ ରଖିବାକୁ ପସନ୍ଦ କରନ୍ତି ଅପଣ । ତାହେଲେ ଆପଣଙ୍କ ପାଇଁ ବେଷ୍ଟ ଅପସନ ସିମ୍ପଲ ଲୁକିଂ କଳା କ୍ରସବଡ଼ି ବ୍ୟାଗ । ଯେକୌଣସି ସମୟରେ ଏହି ବ୍ୟାଗ ହିଟ୍ ।

**ଧନୁ:** ଆପଣ ଆଡ଼ଭେଞ୍ଚର ପସନ୍ଦ କରନ୍ତି । ତାହେଲେ ଆପଣଙ୍କ ପାଇଁ ଏଲିଗ୍ୟାଣ୍ଟ ଲେଦର ବ୍ୟାକପ୍ୟାକ ପୂରା ଫିଟ, ଯାହାକୁ କାନ୍ଧରେ ପକାଇ ପାହାଡ଼, ଜଙ୍ଗଲ ବୁଲିବାରେ କୌଣସି ଅସୁବିଧା ହେବନାହିଁ ।

**ମକର:** ଆପଣଙ୍କ ପାଇଁ ଏକଦମ ପାରମ୍ପରିକ ଫ୍ଲେୟାରେ ହ୍ୟାଣ୍ଡବ୍ୟାଗ ପରଫେକ୍ଟ । ନ୍ୟୁଟ୍ରାଲ ରଙ୍ଗ ବାଛନ୍ତୁ ଯାହା ସବୁ ପୋଷାକ ସହିତ କ୍ୟରି କରିପାରିବେ ।



**କୁମ୍ଭ:** ଆପଣ ଖୁବ ମୃଦୁଭାଷୀ । ତେଣୁ ଏକ ହାଲୁଗା ରଙ୍ଗର ଟେନଡ଼୍ ଡାଉନ୍ ବ୍ୟାଗ ବାଛନ୍ତୁ । ଆପଣଙ୍କ ବ୍ୟକ୍ତିତ୍ୱ ସହିତ ଭଲ ମାନିବ । କ୍ୟାଜୁଆଲ ବ୍ୟାଗ ଭାବେ ମଧ୍ୟ ନେଇପାରିବେ । କୌଣସି ଉଜ୍ୱଳ ଶେଡ଼ର ମ୍ୟାଟ୍ ଫିନିଶ୍ ବ୍ୟାଗ କିଣନ୍ତୁ ।

**ମୀନ:** ଆପଣଙ୍କର ବହୁଦିନ ଧରି ବିଚ୍ ବ୍ୟାଗଟିଏ କିଣି ପକାନ୍ତୁ ।



# ମୋଟା ହେବେ

ù W i ÑÑ e

f * K ù f



ପ୍ରତ୍ୟେକ ବ୍ୟକ୍ତି ମୋଟା ହେବାଠାରୁ ନିଜକୁ ସର୍ବଦା ଦୂରେଇ ରଖିବାକୁ ଚେଷ୍ଟା କରିଥାନ୍ତି । ଏଥି ପାଇଁ ନିୟମିତ ବ୍ୟାୟାମ ଓ ଯୋଗ ଭଳି ଅନେକ ଉପାୟ ଅବଲମ୍ବନ କରିଥାନ୍ତି । ମତ୍ର ଦୈନନ୍ଦିନ ଜୀବନରେ କେତେକ ଅସାବଧାନତା ଯୋଗୁ ଅଜାଣତରେ ଅନେକେ ମୋଟା ହୋଇଥାନ୍ତି । ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗବେଷକ ଜେଫ୍ ବ୍ରୁନ୍ଷ୍ଟ୍ରମ୍ଙ୍କ ଅଧକ୍ଷତାରେ ଗବେଷକ ମାନେ ଏକ ନୂତନ ଅଧୟନରୁ ଜାଣିବାକୁ ପାଇଛନ୍ତି ଯେ, ଅଫିସରେ କାର୍ଯ୍ୟ କରୁଥିବା ସମୟରେ ଯେଉଁ ବ୍ୟକ୍ତି ନିଜର ଡେସ୍କରେ ଲଞ୍ଚ ବା ମଧ୍ୟାହ୍ନ ଭୋଜନ କରିଥାନ୍ତି ସେମାନେ ମୋଟା ହୋଇଥାନ୍ତି । ବ୍ରୁନ୍ଷ୍ଟ୍ରମ୍ଙ୍କ ମତରେ ଡେସ୍କରେ ଲଞ୍ଚ କରୁଥିବା ବ୍ୟକ୍ତିଙ୍କ କ୍ଷୁଧା ସମ୍ପୂର୍ଣ୍ଣ ଭାବେ ମେଣ୍ଟି ନ ଥାଏ । ଲଞ୍ଚର ଅଳ୍ପ କିଛି ସମୟ ପରେ ସେ ଅନ୍ୟାନ୍ୟ ଖାଦ୍ୟ ଖାଇବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଫଳରେ ତାଙ୍କ ଶରୀର ଧୀରେ ଧୀରେ ପୃଥୁଳକାୟ ଆଡକୁ ଗତି କରିଥାଏ । ମଣିଷର ସ୍ମୃତି ଶକ୍ତି ଓ କାର୍ଯ୍ୟରେ ମନଯୋଗ କିଭଳି ଭାବେ କ୍ଷୁଧାକୁ ପ୍ରଭାବିତ କରେ ତାହା ଜାଣିବା ପାଇଁ ୪୪ ଜଣ ବ୍ୟକ୍ତିଙ୍କୁ ନେଇ ଗବେଷକମାନେ ଏକ ଗବେଷଣା କରିଥିଲେ । ସେମାନଙ୍କୁ ୨ଟି ଗୋଷ୍ଠରେ ବିଭକ୍ତ କରାଯାଇଥିଲା । ପ୍ରଥମ ଗୋଷ୍ଠୀରେ ଲୋକମାନଙ୍କୁ କମ୍ପ୍ୟୁଟରରେ ସଲିଟାୟାର ଗେମ୍ ଖେଳିବାକୁ କୁହାଯାଇଥିଲା । ବିରତି ସମୟରେ ସେମାନଙ୍କୁ ୯ ପ୍ରକାର ଖାଦ୍ୟ ଲଞ୍ଚରେ ଦିଆଯାଇଥିଲା । ବିନା କୌଣସି କାର୍ଯ୍ୟରେ ନିୟୋଜିତ ଥିବା ୨ୟ ଗୋଷ୍ଠୀର ଲୋକମାନଙ୍କୁ ମଧ୍ୟ ସମାନ ଖାଦ୍ୟ ଦିଆଯାଇଥିଲା । ୨ୟ ଗୋଷ୍ଠୀ ତୁଳନାରେ ଯେଉଁମାନେ କମ୍ପ୍ୟୁଟରରେ ଗେମ୍ ଖେଳୁଥିଲେ ଲଞ୍ଚ ପରେ ସେମାନଙ୍କ କ୍ଷୁଧା ନିବାରଣ ହୋଇ ନ ଥିଲା । କାରଣ ଲଞ୍ଚ କରିବାର ଅଧ ଘଣ୍ଟାଏ ପରେ ସେମାନେ ଚକୋଲେଟ ବିସ୍କୁଟ ଆଦି ଖାଦ୍ୟ ଖାଉଥିବାର ଦେଖାଯାଇଥିଲା । ଅନ୍ୟପକ୍ଷରେ ଖେଳ ସରିବା ପରେ ଲଞ୍ଚରେ କେଉଁ ଖଦ୍ୟ ଗ୍ରହଣ କରିଥବଲେ ତାହା ପ୍ରଥମ ଗୋଷ୍ଠୀର ଲୋକମାନଙ୍କ ମନେ ନଥିଲା ।

# ରାଗ ବଢ଼ାଏ ଧୂମପାନ



ଧୂମପାନ କରୁଥିବା ଲୋକମାନେ ଅଧିକ ରାଗିଥାନ୍ତି । ଏଥିଯୋଗୁଁ ଧୀରେ ଧୀରେ ସେମାନଙ୍କର ସ୍ୱଭାବରେ ପରିବ ର୍ନ ଆସିଥାଏ । ତେବେ ଏ ସମ୍ପର୍କରେ ସେମାନେ ନିଜେ ଜାଣିପାରିନଥାନ୍ତି; କିନ୍ତୁ ସ୍ୱଭାବ ଓଳ ଚିନ୍ତାଧାରାରେ କ୍ରମାଗତ ପରିବ ର୍ନ ହୋଇଥାଏ । ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡିଛି । ଏତଦ୍‌ବ୍ୟତୀତ ଧୂମପାନକାରୀ ମାନେ ଜୀବନରେ ଅଧିକ ମଉଜମସ୍ତି କରିଥାନ୍ତି ବୋଲି ଗବେଷକମାନେ କହିଛନ୍ତି । ତେବେ ଏହି କାରଣରୁ ମସ୍ତିଷ୍କ ଉପରେ ବିଶେଷ ପ୍ରଭାବ ପଡିଥାଏ ଯାହାଦ୍ୱାରା ମଣିଷ ଅଧିକ କ୍ରୋଧୀ ହୋଇଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୬ ମଇ ୨୦୨୧, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଭବିଷ୍ୟତ ନାଗରିକଙ୍କ ଭବିଷ୍ୟତ...

ପ୍ରଶ୍ନ ଯେମିତି ଘା ି ଦେଉଛି । ସ୍ୱଜନଙ୍କୁ ଦୂରେଇ ରଖିବାଠାରୁ ଆତ୍ମୀୟଙ୍କଠାରୁ ଦୂରେଇ ରହିବା ପର୍ଯ୍ୟନ୍ତ ସବୁ ଅବିଗୁଣ ଅଦୃଶ୍ୟ ଭୂତାଣୁ ମଣିଷ ଜାତିକୁ ଶିଖେଇଦେଲା । ଜୀବନର ଅନିତ୍ୟତା ବିଷୟରେ ପୁରାଣ-ପରମ୍ପରା ଯେତିକି ବତେଇନଥିଲା, ତାହାଠାରୁ ଯଥେଷ୍ଟ ଅଧିକ ଶିକ୍ଷା ଦେଲା ଏହି ଦୃଶ୍ୟ ଭୂତାଣୁ । ଯେତେବେଳେ ମାନବ ଜାତିର ଅସ୍ତିତ୍ୱ ନେଇ ପ୍ରଶ୍ନ ଉଠିଛି, ସେତେ ସେହି ସମୟରେ ଭୂତାଣୁକୁ ମାତ୍ ଦେଇ ଆମେ ସୁଖୀ ଓ ସମୃଦ୍ଧ ଜୀବନ ଜିଇଁବାର କଳ୍ପନା କରିବା କଥା ଉଠୁଛି କେଉଁଠୁ ? ପ୍ରଥମ ଲହରରେ ବୟସ୍କ ଓ ରୁଗ୍‌ଣମାନଙ୍କ ଭିତରୁ ଯେଉଁମାନଙ୍କର କଥିତ ପ୍ରତିରୋଧ ଶକ୍ତି ଅପେକ୍ଷାକୃତ ଊଣା, ସେମାନଙ୍କୁ ଭୂତାଣୁ ପ୍ରଥମ ଶିକାର କରିଥିବା ବେଳେ, ଦ୍ୱିତୀୟରେ ଯୁବବର୍ଗଙ୍କ ଉପରେ ପାହାର କଷୁଛି । ଗଜା ଭେଣ୍ଡିଆଙ୍କ ତୋଟି ଚିପି ଅଦୃଶ୍ୟ କରୋନା ଯେମିତି ମାରିଦେଉଛି, ତାହା ସଭ୍ୟତାର ସ୍ଥିତି ରକ୍ଷା ନେଇ ଛିଡ଼ା କରାଇଛି ବିରାଟ ପ୍ରଶ୍ନବାଚୀ । ଯେଉଁ ଯୁବକ ଯୁବତୀମାନଙ୍କ ଉପରେ ପରିବାରଗୁଡ଼ିକର ଭରସା, ସେମାନଙ୍କୁ ବାଛି ବାଛି କରି କରୋନା ଗର୍ଭସାତ୍ କରିଦେବା ଫଳରେ ସାମାଜିକ ସନ୍ତୁଳନ ପୂରା ବିପର୍ଯ୍ୟସ୍ତ ହୋଇପଡୁଛି । ବୁଢ଼ାବୁଢ଼ୀମାନଙ୍କର ଆୟୁଷ ଏମିତିରେ ପୂରି ଆସୁଥିଲା, ସେମାନଙ୍କୁ କରୋନା ଓଟାରି ନେଇ ପରିବାରକୁ ମୁରବିଶୂନ୍ୟ କରିଦେଇଥିବା ବେଳେ, ଏବେ ଦେଖାଯାଉଛି ରୋଗ ବଇରାଗ ନଥିଲେ ସୁଦ୍ଧା ରୋଜଗାରିଆ ଯୁବବର୍ଗଙ୍କୁ ଗୋଟାପଣେ ଗିଳିଦେଇ ପରିବାରର ଭାତଥାଳିକୁ ଛଡ଼େଇ ନେଇଯାଉଛି । କଳକବ୍‌ଜା ବନ୍ଦ, ଭୂତାଣୁ ଭୟରେ ଗାଡ଼ିଘୋଡ଼ା ଚାଲୁନି । ଏମିତି କେଉଁ ଜିନିଷ ନାହିଁ, ଯାହାର କି ଦର ବଢ଼ିନାହିଁ । ରୋଜଗାର ନଥିବାକୁ ମହଙ୍ଗା ମାଡ଼ ସହିବାର ଶକ୍ତି ଟିକକ କରୋନା ଲୋକମାନଙ୍କଠାରୁ ଚୋରାଇ ନେଇଛି ।

ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗ ଲୋକମାନଙ୍କ ଭିତରେ ଲଢ଼େଇ ପାଇଁ ସାହସ ଜୁଟାଇବା ବେଳକୁ, ଗୋଟିକ ପରେ ଦଫାରେ କରୋନା ଓ ତାହାର ଚେଲାଚାମୁଣ୍ଡାମାନେ ସମସ୍ତଙ୍କୁ ହନ୍ତସନ୍ତ କରିଚାଲିଛନ୍ତି । କେତେବେଳେ ବ୍ଲାକ୍ ଫଙ୍ଗସ୍ ତ' ଆଉ କେତେବେଳେ ହ୍ୱାଇଟ୍ ଫଙ୍ଗସ୍ ଭାବରେ ମୁଣ୍ଡଟେକି ସମସ୍ତଙ୍କ ଭିତରେ ଆତଙ୍କର ଲହର ଖେଳାଇ ଚାଲିଛି । ଏବେ ନୂଆ ଆତଙ୍କ ଖେଳାଇଦେଇ କରୋନା ସାନ ବୟସର ପୁଅ-ଝିଅଙ୍କୁ କ୍ଷତି ପହଞ୍ଚାଇବ ବୋଲି କୁହାଗଲାଣି । ଯେହେତୁ ଛୋଟ ପିଲାମାନଙ୍କୁ ଟିକାର ପରିସରକୁ ଅଣାଯିବାର ଚିନ୍ତା କରାଯାଇନଥିଲା, ଏବେ କ ୃପକ୍ଷ ସେ ନେଇ ଗୁରୁତ୍ୱ ସହକାରେ କାର୍ଯ୍ୟ ଆରମ୍ଭ କରିଦେଲେଣି । ଦୁଇ ଦୁଇଟି ଶିକ୍ଷାବର୍ଷ ହରାଇବାକୁ ବସିଛନ୍ତି ଛାତ୍ରଛାତ୍ରୀ । ପାଠପଢ଼ା ବ୍ୟବସ୍ଥା ଉପରେ କରୋନା ମାଡ଼ର ପରିଣତି କିଭଳି ସବୁ ସ୍ତରକୁ ପ୍ରଭାବିତ କରିଚାଲିଛି, ତାହା ସମସ୍ତେ ଦେଖିପାରୁଛନ୍ତି । ଅନ୍‌ଲାଇନ୍ ପାଠପଢ଼ା ଓ ଘନଘନ ପରୀକ୍ଷା ବାତିଲ ପିଲା ଓ ଅଭିଭାବକମାନଙ୍କ ଉପରେ ପ୍ରବଳ ଚାପର କାରଣ ହୋଇଛି । ହଜାର ହଜାର ମେଧାବୀ ଛାତ୍ରଛାତ୍ରୀ କଠିନ ପରିଶ୍ରମ ସ ୍ୱେ ଏବେ ଅଦୃଷ୍ଟର ହାତରେ ସବୁକିଛି ଛାଡ଼ିଦେବା ଭଳି ହୋଇଛି । ବିଭିନ୍ନ ବୟଃଗୋଷ୍ଠୀକୁ ଏବେ ଟିକାକରଣ ଚାଲିଛି । ଶିଶୁ ଓ ନାବାଳକମାନଙ୍କୁ ଭବିଷ୍ୟତ ନାଗରିକ ଭାବେ ବର୍ଣ୍ଣନା କରାଯାଉଛି । ଯଦି କରୋନା ସାରା ବ୍ୟବସ୍ଥାକୁ ବିଗାଡ଼ି ଦେଉଛି, ସେମାନଙ୍କ ଭବିଷ୍ୟତ କ'ଣ ହେବ, ଚିନ୍ତା କରାଯାଇନପାରେ । ଏହି ଜୈବିକ ଅସ୍ତ୍ର ଜରିଆରେ ମାନବ ଜାତିକୁ କଲବଲ କରାଯାଉଥିବା ଭିତରେ କେଉଁ ଅଧିକ ଶକ୍ତିଶାଳୀ ଅସ୍ତ୍ର ଲଗାଇ ଭୂତାଣୁ କରିଚାଲିଥିବା ଅସୁମାରୀ କ୍ଷତିର ଭରଣା କରିହେବ, ଚିନ୍ତା କରି ହେଉନାହିଁ । ବୟସ୍କ ଓ ଯୁବବର୍ଗଙ୍କ ପରେ ଶିଶୁ ତଥା ନାବାଳକଙ୍କ ଉପରେ ଯଦି ଭୂତାଣୁ ଚଢ଼କ ପଡ଼ିବାକୁ ଯାଉଛି, ଜାଣିବା ସମଗ୍ର ସଭ୍ୟତା ଏକ ବିରାଟ ଗ ର୍ଭିତରେ ପତିତ ହେବାକୁ ଯାଉଛି । ମାନବ ସଭ୍ୟତାକୁ ସମୂଳେ ଧ୍ୱଂସ କରିଦେବା ପାଇଁ ହୋଇଥିବା ଷଡ଼ଯନ୍ତ୍ରକୁ ପ୍ରତିହତ କରିବା ତ' ଦୂରର କଥା, ସମସ୍ତେ ଅସହାୟ ଚିତ୍କାର କରିବା ଛଡ଼ା କିଛି କରିବା ଅବସ୍ଥାରେ ନାହାଁନ୍ତି । ପ୍ରକୃତି କିଭଳି ବିଭିନ୍ନ ସମୟରେ ବିପର୍ଯ୍ୟୟ ଜରିଆରେ ଦାଉ ସାଧୁଥାଏ, ଏବେ ଭୂତାଣୁ ସଂକ୍ରମଣ ସମସ୍ତଙ୍କ ମୁହଁରୁ ହସ ଲିଭାଇବା ସହସ ତମାମ ବ୍ୟବସ୍ଥାକୁ ବିକୃତ କରିଦେବାକୁ ବସିଛି । ଭବିଷ୍ୟତ ବଂଶଧର ପାଇଁ ଅଭିଶାପ ସଦୃଶ ଭୂତାଣୁ ଆସିଥିବା ହେତୁ ତାହାର ମୂଳୋତ୍ପାଟନ ପାଇଁ ଏବେଠାରୁ ପ୍ରୟାସ ପୂରାଦମ୍‌ରେ ନହେଲେ ଇତିହାସ କ୍ଷମା ଦେବନାହିଁ ।

### କବିତା କୋଣାର୍କ

## ସାଥି

**ସସ୍ମିତା ମହାପାତ୍ର**

ଏଇ ଆମ ନିବିଡ଼ତା
ଜୀବନ ତମାମ ସବୁଦିନ
ସକାଳ ପାଦୁକା ସମ
ଶୀତଳ ମଧୁର ଆଉ ପବିତ୍ରତା ।

କେଜାଣି କେତେ
ଯୁଗ ସମ୍ବୋତ୍ସରର
ଜନ୍ମ ଜନ୍ମାନ୍ତରର ତପୋବଳେ
ଦୂରେ ଦୂରେ ଥାଇ ମଧ
ନଲାଗେ ଦୂରତା ।

ତୁମ ସହ ମୋର ବନ୍ଧନ
ପ୍ରେମ ଆଉ ବିଶ୍ୱାସର ସମ୍ବୋଧନ
କେତେବେଳେ
ବୋଉ ପରି ଝାଡ଼ିଦିଅ ସର୍ବାଙ୍ଗର ଧୂଳି
ନିର୍ଭିକ ସାହସ ପଣ ଭରିଛ ଠିକ୍
ବାପା ଭଳି
ହାତ ଧରି ଶିଖାଅ
କ ର୍ତ୍ତବ୍ୟ ରଣଭୂମିରେ ଯୁଝିବାର
ଭାଇଟିଏ ପରି ।

ମୋ ଏକଲାପଣ ଦେଖି
ଚୁପ୍ ଚାପ୍ ଆସି ଛୁଇଁ ଦେଇଯାଅ
ବୁଲିପଡ଼ି ଚାହିଁ ଦିଏ ପାଶେ ତୁମେ ନାହିଁ
କିନ୍ତୁ ରାଗ, ରଷା ଅଭିମାନ ସମୟରେ
ଖୁବ୍ ପାଖେ ପାଖେ ଥାଅ ।

ସେଦିନ ଦୃଷ୍ଟି ପଡ଼ିଲା
ଆକାଶର ଦ୍ୱିତୀୟା ଜହ୍ନରେ
ତା ଭିତରେ ତମେ ଥିଲ
କଣେଇ ହସୁଥିଲ ବଙ୍କିମା ଅଧରେ
ତମ ବିଶ୍ୱାସ ମୋ ନିଶ୍ୱାସ ଦେଇ
ଛାତି ଭିତରେ ଜମାଟ ବାନ୍ଧିଛି
ମୋର ସମସ୍ତ ଶୂନ୍ୟତାକୁ ଭରି
ତୁମ ଯାଦୁକରୀ ଶବ୍ଦର
ବୁନ୍ଦାଏ ମହକରେ
ମୋର ଦୀର୍ଘଶ୍ୱାସ
ମଳୟ ପାଲଟି ଯାଇଛି ।

ଅନେକ ଥର
ଏଇମିତି ବାରମ୍ବାର
ଘୂର୍ଣ୍ଣିବଳୟ ପ୍ରଭାବେ
ଉଠିଥିବା ଝଡ଼ ଥମି ତ ଯାଇଛି
ସେତେବେଳେ
ତୁମ କବିତା ସ୍ପର୍ଶରେ
ଦୁଃଖ କିଣା ଅମୃତ ଧାରରେ
ମୁଁ ଜିଇଁକି ଉଠୁଚି ।

+ ଖଞ୍ଜାସାହି
ପାରଳାଖେମୁଣ୍ଡି

---



**ବିପିନ ବିହାରୀ ମହାନ୍ତି**

### ବୁଦ୍ଧ ଜୟନ୍ତୀ:ବୈଶାଖ ପୂର୍ଣ୍ଣମା ଉପଲକ୍ଷେ

## ଚତ୍ୱାରି ଆର୍ଯ୍ୟ ସତ୍ୟାନି

ଇତିହାସର ଗବେଷକମାନଙ୍କ ମତରେ ବୁଦ୍ଧଦେବଙ୍କ ଜନ୍ମବର୍ଷ ହେଉଛି ଖ୍ରୀ.ପୂର୍ବ ୫୬୬ ବା ୫୬୭ରେ । ତେବେ ସେ ଯେଉଁବର୍ଷ ହେଉନା କାହିଁକି ସେହି ଦିନଟି ଥିଲା ବୈଶାଖ ପୂର୍ଣ୍ଣିମା । ଏହିକାରଣରୁ ବୈଶାଖ ପୂର୍ଣ୍ଣିମାକୁ ବୁଦ୍ଧପୂର୍ଣ୍ଣିମା କୁହନ୍ତି । ଏହି ଦିବସରେ ଖ୍ରୀଷ୍ଟପୂର୍ବ ୪୮୬ ବା ୪୮୭ରେ ବୁଦ୍ଧଦେବଙ୍କର ମହାନିର୍ବାଣ ଘଟିଥିଲା ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ, ବୈଶାଖ ପୂର୍ଣ୍ଣିମା ଦିନହିଁ ବୁଦ୍ଧଦେବଙ୍କର ଜ୍ଞାନ ପ୍ରାପ୍ତି ହୋଇଥିଲା । ସଂକ୍ଷେପରେ ତାଙ୍କ ଜନ୍ମ, ଜ୍ଞାନପ୍ରାପ୍ତି ଏବଂ ମହାପ୍ରୟାଣ ବୈଶାଖ ପୂର୍ଣ୍ଣିମା ବା ଗୋଟିଏ ଦିବସରେ ପଡ଼ିଥିଲା ।

ଗୌତମବୁଦ୍ଧ ହେଉଛନ୍ତି ବୌଦ୍ଧ ଧର୍ମର ପ୍ରବ ର୍ତ୍ତକ । ସେ ଆବାଲ୍ୟରୁ ଥିଲେ ରାଜପୁତ୍ର ଏବଂ ତାଙ୍କ ଶୈଶବର ନାମ ଥିଲା ସିଦ୍ଧାର୍ଥ । ତାଙ୍କ ପିତା ଓ ମାତାଙ୍କ ନାମ ଥିଲା ଯଥାକ୍ରମେ ଶୁଦ୍ଧୋଦନ ଓ ମାୟା ଦେବୀ । ସେ ବିବାହିତ ଥିଲେ । ତାଙ୍କ ପତ୍ନୀଙ୍କ ନାମଥିଲା ଗୋପା ବା ଯଶୋଧାରା । ଏକମାତ୍ର ପୁତ୍ର ଯାହାର ନାମ ଥିଲା ରାହୁଳ । ଶୈଶବରୁ ସେ ସଂସାର ପ୍ରତି ଉଦାସୀନ ଥିଲେ । ଏଣୁ ସାଂସାରରିକ ଜୀବନ ତାଙ୍କୁ ବାନ୍ଧିରଖିପାରିଲା ନାହିଁ । ସେ ୨୯ବର୍ଷରେ ଜ୍ଞାନ ପାଇଁ ଗୃହତ୍ୟାଗ କଲେ ଏବଂ ବହୁସାଧନାପରେ ଶେଷରେ ନୀରଞ୍ଜନା ନଦୀକୂଳରେ ଏକ ଅଶ୍ୱତଥଗଛମୂଳେ ଜ୍ଞାନ ପ୍ରାପ୍ତହେଲେ ଏହି ବୈଶାଖ ପୂର୍ଣ୍ଣିମା ତିଥିରେ ।

ବୁଦ୍ଧପୂର୍ଣ୍ଣିମା ବୌଦ୍ଧମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହାକୁ ବୌଦ୍ଧଧର୍ମାବଲମ୍ବୀ ଆନନ୍ଦ ଓ ଉତ୍ସାହ ସହପାଳନ କରନ୍ତି । ଅବଶ୍ୟ ବୁଦ୍ଧପୂର୍ଣ୍ଣିମା ବ୍ୟତୀତ ଅନ୍ୟାନ୍ୟ ପୂର୍ଣ୍ଣିମା ଦିନଗୁଡ଼ିକମଧ ସେମାନଙ୍କ ପାଇଁ ଶୁଭଦିନ । ତେବେ ବୈଶାଖପୂର୍ଣ୍ଣିମାଟିକୁ ଜନ୍ମ, ମୃତ୍ୟୁ ଓ ଜ୍ଞାନଲାଭର ଗୋଟିଏ ତିଥି କାରଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହିଦିନ ସେମାନେ ଗାଧୁଆପାଧୁଆ ସାରି ଧଳା ଲୁଗା ପିନ୍ଧନ୍ତି । ବିହାର ବା ମଠମାନଙ୍କରେ ଏକାଠି ହୋଇ ବୁଦ୍ଧଙ୍କର ଜୀବନୀ ଓ ଧର୍ମ ବିଷୟରେ ବୌଦ୍ଧସନ୍ନ୍ୟାସୀମାନଙ୍କଠାରୁ ଆଲୋଚନାରୁ ଶୁଣନ୍ତି । ଭିକ୍ଷୁକମାନଙ୍କୁ ଭିକ୍ଷା ଦିଅନ୍ତି । ଦିପାବଳୀପରି ବାଉଁଶରେ 'ବୈଶାଖ ଭକତ', ତିଆରି କରି ସେଥିରେ ପତ୍ରଫୁଲ ଟାଙ୍ଗି ଘରକୁ ସଜାନ୍ତି ।

ବୌଦ୍ଧଧର୍ମର ସାରତ ୍ତ୍ୱକୁ କହନ୍ତି ଆର୍ଯ୍ୟସତ୍ୟ । ଏହି ସତ୍ୟାନୁଯାୟୀ ଜୀବନ ଦୁଃଖପୂର୍ଣ୍ଣ ଏବଂ ଅସାର ଓ ଅସତ୍ୟ । । ଦୁଃଖର କାରଣ ସେ ଖୋଜି ପାଇଥିଲେ ଏବଂ ସେଥିରୁ ମୁକ୍ତି ମିଳିବାର ଉପାୟ ମଧ ପାଇଥିଲେ । ଏହାକୁ ସେ 'ଚାରିଆର୍ଯ୍ୟ ସତ୍ୟ' ବା ଚତ୍ୱରି ଆର୍ଯ୍ୟସତ୍ୟାନି' ନାମରେ ନାମିତ କରିଛନ୍ତି ।

ପ୍ରଥମ ସତ୍ୟଟି ଦୁଃଖ:ଜନ୍ମ, ବାର୍ଦ୍ଧକ୍ୟ ଏବଂ ମୃତ୍ୟୁ ପ୍ରତ୍ୟେକ ଗୋଟିଏ ଗୋଟିଏ ଦୁଃଖ । କ୍ଷଣସ୍ଥାୟୀ ମଣିଷର ଅବସ୍ଥିତି ମଧରେ ଦୁଃଖହିଁ ଚିରସତ୍ୟ । ଦ୍ୱିତୀୟଟି ହେଉଛି ଦୁଃଖର କାରଣ:ଆମର ସମସ୍ତ ଆଶା ବା କାମନା ଅର୍ଥାତ୍ ମଣିଷ ଅସରନ୍ତି ଲାଳସାରୁ ଦୁଃଖର ଉତ୍ପ ି ଯାହାକି ଦୈହିକ ବା ମାନସିକ ଦୁଃଖର ଉତ୍ସ । ତୃତୀୟଟି ହେଲା ଦୁଃଖର ବିନାଶ:ଏହା କେବଳ ଆଶାର ବା କାମନାର ପରିତ୍ୟାଗ ଦ୍ୱାରା ସମ୍ଭବ ।

ଚତୁର୍ଥଟି ହେଲା କାମନାର ବିନାଶରେ ଦୁଃଖର ବିନାଶ ଓ ନିର୍ବାଣପ୍ରାପ୍ତି । ଏଥିପାଇଁ କୌଣସି ସାଧନା ବା ପ୍ରାୟଶ୍ଚିତର ଆବଶ୍ୟକତା ନାହିଁ; କିନ୍ତୁ ଅଛି ଆଦର୍ଶମାର୍ଗ ଯାହାକୁ 'ଆର୍ଯ୍ୟ ଆଷ୍ଟାଙ୍ଗିକ ମାର୍ଗ' କୁହାଯାଏ । ଏଗୁଡ଼ିକ ହେଲା ସାମ୍ୟକ ଦୃଷ୍ଟି, ସମ୍ୟକ ସଂକଳ୍ପ, ସମ୍ୟକ ବାକ୍ୟ, ସମ୍ୟକ କର୍ମ, ସମ୍ୟକ ଜୀବିକା, ସମ୍ୟକ ପ୍ରୟାସ, ସମ୍ୟକ ସ୍ମୃତି ଓ ସମ୍ୟକ ସମାଧି ।

ଈଶ୍ୱରଙ୍କ ଅସ୍ତିତ୍ୱ ନେଇ ବୁଦ୍ଧଦେବ ନୀରବ । ଈଶ୍ୱରଙ୍କ ପିତୃତ୍ୱ ଅପେକ୍ଷା ବିଶ୍ୱ ଭାତୃତ୍ୱକୁ ସେ ଗୁରୁତ୍ୱ ପ୍ରଦାନ କରୁଥିଲେ । ଜୀବନର ପବିତ୍ରତା ଉପରେ ଗୁରୁତ୍ୱ ପ୍ରଦାନପୂର୍ବକ ସାର୍ବଜନୀନ ସୁଖ ଶାନ୍ତିପାଇଁ ସେ ମାର୍ଗ ପ୍ରଦର୍ଶନ କରିଛନ୍ତି । ତାଙ୍କ ମତରେ ମାତା ପିତା ପ୍ରତି ଭକ୍ତି, ଶିଶୁ ତଥା ପତ୍ନୀପ୍ରତି ସ୍ନେହ ଏବଂ ଏକ ଶାନ୍ତିମୟ ଜୀବିକା ଧାରଣ, ପୁଣ୍ୟମୟ ଜୀବନ ଧାରଣ, ଦରିଦ୍ରକୁ ଭିକ୍ଷାଦାନ, ସ୍ୱଜନକୁ ସ୍ନେହ, ଦୋଷ ତଥା ତୃଟିହୀନ କର୍ମକରିବା ଉଚିତ୍ ଏହାହିଁ ଅତ୍ୟୁତମ ଗୁଣ ।

ସେ ଥିଲେ ଅହିଂସାର ପ୍ରତୀକ: କେହି ଜୀବହତ୍ୟା ନକରୁ, ପଶୁବଳି ନକରୁ, ମଣିଷ ଅହଂମୁକ୍ତ ହେଉ; ଅନ୍ଧବିଶ୍ୱାସ, କୁସଂସ୍କାର ଓ ଜାତିଭେଦଠୁ ଦୂରେଇ ରହୁ । ଏହାହିଁ ଥିଲା ତାଙ୍କ ନୀତି ।

ବୌଦ୍ଧଧର୍ମର ନୀତି, ଆଦର୍ଶ ଏବଂ ସଂଘୀୟ ଧର୍ମ ଇତ୍ୟାଦି ଯେଉଁ ଗ୍ରନ୍ଥମାନଙ୍କରେ ଲେଖାଯାଇଛି, ସେଗୁଡ଼ିକୁ କହନ୍ତି 'ପିଟକ' । 'ପିଟକ' ଅର୍ଥ ପେଡ଼ି । ସେଗୁଡ଼ିକ ହେଲା ସୂତ୍ର ପିଟକ, ବିନୟ ପିଟକ ଏବଂ ଅଭିଧର୍ମ ପିଟକ ।

ବୁଦ୍ଧଧର୍ମ ଏକ ହିନ୍ଦୁଧର୍ମ; କିନ୍ତୁ ଏକ ସଂସ୍କାରୀ ହୁନ୍ଦୁଧର୍ମ । ଏହାର ନୀତି ସରଳ ଓ ସହଜ ହେତୁ ଏହା ଏକଦା ପାଳଟିଥିଲା ସାମାଜିକ ତଥା ରାଜଧର୍ମ ଏବଂ ଶେଷରେ ବୁଦ୍ଧପାଲଟିଗଲେ 'ଶ୍ରୀଜଗନ୍ନାଥ', ନବମ ଅବତାର ବିଷ୍ଣୁ:ବୁଦ୍ଧ । ପରବ ର୍ତ୍ତୀସମୟରେ ଏହି ବୁଦ୍ଧ ହେଲେ ଶ୍ରୀ ଜଗନ୍ନାଥ, ସୁଭଦ୍ରା ଏବଂ ବଳଭଦ୍ର ଓ ବୌଦ୍ଧଧର୍ମର ଚକ୍ର ହେଲା ସୁଦର୍ଶନ । ଏବେ ଆମେ ତାଙ୍କରି ଶରଣ । ସେହି ତାରଣ ଓ ନିର୍ବାଣ ଦାତା । ଏଣୁ ଯଥାର୍ଥରେ: ବୁଦ୍ଧଂ ଶରଣଂ ଗଚ୍ଛାମି ।


+ ବିକାଶ ନଗର,
ଜଟଣୀ, ଖୋର୍ଦ୍ଧା,
(ମୋ) ୯୯୩୮୩୪୪୧୩୮


---



**ହଳଧର ଧୀର**

## ଓଡିଶା ଶିଳ୍ପ ବିକାଶ ମାନଚିତ୍ରରେ କଳିଙ୍ଗନଗର ଇସ୍ପାତ କରିଡର

(ପୂର୍ବ ପ୍ରକାଶିତ ଉତ୍ତାରରୁ)

ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା କଳିଙ୍ଗନଗର ଇସ୍ପାତ କାରଖାନା ଗୁଡ଼ିକୁ ଓ ଖଣି ଅଞ୍ଚଳକୁ ବ୍ୟାସନଗର ସହର ଓ ଦାନଗଦୀବଜାର ମଧ ଦେଇ ଭାରୀଯାନଗୁଡ଼ିକ ଚଳାଚାଳ କରିବାଯୋଗୁଁ ବହୁଧନ ଜୀବନ ନଷ୍ଟ ହେଉଥିବାରୁ ଲୋକଙ୍କ ମଧରେ ଅସନ୍ତୋଷ ଲାଗି ରହୁଥିଲା । ଟ୍ରାଫିକଜାମ ରହୁଥିବାରୁ ଜନ ସାଧାରଣ ନାନା ଅସୁବିଧାର ସମ୍ମୁଖିନ ହେଉଥିଲେ । ଛୋଟ ସ୍କୁଲ ପିଲାମାନେ ସ୍କୁଲକୁ ଯାତାୟତ କରିବାରେ ମଧ ବହୁ ସମସ୍ୟାର ସମ୍ମୁଖିନ ହେଉଥିଲେ ଏବଂ ଅନେକ ଛାତ୍ରଛାତ୍ରୀମାନଙ୍କର ମର୍ମନ୍ତୁଦ ଦୁର୍ଘଟଣାରେ ଜୀବନହାନୀ ଘଟୁଥିଲା । ଏହି ଘଟଣା ବିଧାୟକ ଇଂ ଘଡାଇଙ୍କୁ ବ୍ୟଥିତ କରି ଆସୁଥିଲା, ତାଙ୍କର ବହୁ ଉଦ୍ୟମ ପରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟର ମୁଣ୍ଡି ମରାଯାଇ ପାରୁଛି । ଏହି ଇସ୍ପାତକରିଡର ରାସ୍ତା ନିର୍ମାଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କର ସଦିଚ୍ଛା ଓ ମହାନତା ପାଇଁ ସମ୍ଭବପର ହୋଇପାରିଛି ।

ତ୍ରୀଜଙ୍ଗାର ଯୁବ ସମାଜସେବୀ, ଯୁବନେତା ଜଗନ୍ନାଥ ଧୀରଙ୍କ ମତରେ ସରକାର ସେମାନଙ୍କର କିଛି ଗ୍ରୃଷଜମିକୁ ଆଇନ ଅନୁଯାୟୀ ଜମି ଅଧିଗ୍ରହଣ ନକରି ଓ କ୍ଷତିପୂରଣ ଅର୍ଥ ନଦେଇ ଜୋର୍‌ଜବରଦସ୍ତ ରାତି ଅଧିଆ ସେମାନଙ୍କର ଜମି ଉପରେ ରାସ୍ତା ନିର୍ମାଣ କରାଯାଇଥିଲେ ବି ଆଜି ପର୍ଯ୍ୟନ୍ତ ସେମାନେ ତାଙ୍କର କ୍ଷତିପୂରଣ ଅର୍ଥ ପାଇପାରି ନାହାନ୍ତି କି ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ କୌଣସି ନୋଟିସ୍ ଜାରି କରାଯାଇ ନାହିଁ । ସେମାନଙ୍କର ଆଉ କେତେକ ଜମି ଅଧିଗ୍ରହଣ କରାଯାଇ ଜମି ଉପରେ ରାସ୍ତା ନିର୍ମାଣ କରାଯାଇଥିଲେ ବି ତାହାର କ୍ଷତିପୂରଣ ଅର୍ଥ ମଧ ଆଜି ପର୍ଯ୍ୟନ୍ତ ପାଇ ପାରି ନାହାନ୍ତି । ତଥାପି ସେମାନେ ସେମାନଙ୍କର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ସାମିଲ ହୋଇ ଆଶା ରଖିଛନ୍ତି ଯେ ଦିନେ ନା ଦିନେ ସେମାନଙ୍କର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ସୁକିନ୍ଦା ବିଧାୟକ ଶ୍ରୀ ଘଡାଇ ସେମାନେ ହରାଇଥିବା ଜମିର କ୍ଷତିପୂରଣ ଅର୍ଥପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ଏହି ଆସ୍ଥା ବିଶ୍ୱାସ ନେଇ ସେମାନେ ଦେଶ ଓ ରାଜ୍ୟର ମଙ୍ଗଳ ପାଇଁ ନିର୍ମାଣ ହେଉଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟରେ କୌଣସି ପ୍ରତିବନ୍ଧକ ସୃଷ୍ଟି ନକରି ସହଯୋଗ କରିଆସୁଛନ୍ତି ।

ପ୍ରାୟ ୩୪ କୋଟିଙ୍କ ବ୍ୟୟରେ ନିର୍ମିତ ଏହି କଳିଙ୍ଗନଗର ଇସ୍ପାତକରିଡର ଗ୍ରିରିଲେନ୍ ବିଶିଷ୍ଟ ରାଜ୍ୟ ଚୋରଦା ଠାରୁ ଡବୁରୀ ଜାତୀୟ ରାଜ୍ୟ ସଡକ ମାର୍ଗ ଦୁଇଟି ଜାତୀୟ ରାଜ ପଥକୁ ସଂଯୋଗ କରୁଛି । ଏହି ରାଜ୍ୟ ରାଜପଥ ଢେଙ୍କାନାଳ, ଅନୁଗୁଳ, ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲା ସଙ୍ଗେ ସଂଯୋଗ ସ୍ଥାପନ କରିବା ସହିତ ଆନ୍ତଃରାଜ୍ୟ ଝାଡଖଣ୍ଡ, ବିହାର, ପୂର୍ବାଞ୍ଚଳ ପଶ୍ଚିମବଙ୍ଗ, ଆସାମ, ମଣିପୁର ଓ ଅନ୍ୟାନ୍ୟ ରାଜ୍ୟ ସହ ପଶ୍ଚିମାଞ୍ଚଳ ଛତିଶଗଡ, ମଧ୍ୟପ୍ରଦେଶ, ରାଜ୍ୟ ସହିତ ସଂଯୋଗ କରୁଥିବା ବେଳେ ଦାକ୍ଷିଣାତ୍ୟ ରାଜ୍ୟମାନଙ୍କ ସହିତ ମଧ ସଂଯୋଗ କରୁଛି । ଫଳରେ ଲୋକମାନଙ୍କ ଜାତାୟତ ସୁଗମ ହୋଇପାରିବ । ଜାତୀୟ ଗୁରୁତ୍ୱ ବହନ କରୁଥିବା ଏହି ରାସ୍ତା ନିର୍ମାଣ କାର୍ଯ୍ୟର ଗୁରୁ ଦାନ୍ତତ୍ୱ ବହନ କରିଥିବା ପୂର୍ତ୍ତ ବିଭାଗର ସହକାରୀ ଇଂଜିନିୟର ମନୋଜ କୁମାର ମାଝିଙ୍କ ଦିନରାତି ଅକ୍ଲାନ୍ତ ପରିଶ୍ରମ ଓ ନିଷ୍ଠା ଯୋଗୁ ଏକ ଦଶନ୍ଧିଧରି ବନ୍ଦ ହୋଇ ଯାଇଥିବା ନିର୍ମାଣ କାର୍ଯ୍ୟ ମାତ୍ର ଦୁଇବର୍ଷ ମଧରେ ଆଜି ଶେଷ ହେବାକୁ ଯାଉଛି । ଏହି ବିଳମ୍ବିତ ନିର୍ମାଣ କାର୍ଯ୍ୟ ନବକଳେବରର ପୁରୋଧାଭାବେ କାର୍ଯ୍ୟ କରି ଆଜି ଇଂ ମାଝି ଆଜି ସମସ୍ତଙ୍କ ମୁହଁରେ ହସଫୁଟାଇ ପାରିଛନ୍ତି । ଏଥିସହ ପାଣିକୋଇଲି ଡିଭିଜନର କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ ଅରୁଣ କୁମାର ପଟ୍ଟନାୟକ ଓ ଏସ.ଡି.ଓ ଇଂ ପ୍ରଶାନ୍ତ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଗୁରୁତ୍ୱପୂର୍ଣ୍ଣ କରିଡ଼ର ରାସ୍ତାର ନିର୍ମାଣ କାର୍ଯ୍ୟ ସମାପ୍ତ ହେବାକୁ ଯାଉଛି । ଏହି ନିର୍ମାଣ କାର୍ଯ୍ୟ ସମୟରେ ବହୁ ପ୍ରତିବନ୍ଧକର ସମ୍ମୁଖିନ ହେବାକୁ ପଡିଥିଲା । ଜମିହରାଇଥିବା ଲୋକ ମାନଙ୍କର ଅସନ୍ତୋଷ ସହ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେବାକୁ ପଡିଥିଲା । କାର୍ଯ୍ୟସ୍ଥଳରେ ଅତି ବୁଦ୍ଧିମତ୍ତାର ସହିତ ଦାୟିତ୍ୱରେ ଥିବା ସହକାରୀ ଇଂଜିନିୟର ଶ୍ରୀ ମାଝି ଲୋକମାନଙ୍କ ସମସ୍ୟାର ସମାଧାନ କରିବାରେ ସମର୍ଥ ହୋଇ ପାରିଥିଲେ । ଯେଉଁ ଲୋକମାନେ ଏହି ରାସ୍ତାରେ ଜମି ହରାଇ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇପାରିନାହାନ୍ତି । ସେମାନେ କିପରି ସେମାନଙ୍କର କ୍ଷତି ପୂରଣ ଅର୍ଥ ପାଇପାରିବେ ସେଥିଲାଗି ସେ ଉଦ୍ୟମ କରିବେ ବୋଲି ଲୋକମାନଙ୍କୁ ପ୍ରତିଶୃତି ଦେଇ ନିଜର ଉଦ୍ୟମ ଆରମ୍ଭ କରିବା ଫଳରେ କ୍ଷତିଗ୍ରସ୍ତ ଗ୍ରୃଷୀ ଓ ଜମିହରା ଲୋକମାନେ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟରେ ସହଯୋଗ ପ୍ରଦାନ କରିଥିଲେ । ଏହି କଳିଙ୍ଗନଗର ଇସ୍ପାତ କରିଡର ଓଡିଶା ଶିଳ୍ପ ବିକାଶର ଏକ ମାଇଲଖୁଣ୍ଟ ସଦୃଶ । ଏହି କରିଡର ରାସ୍ତା ରାଜ୍ୟ ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ଓ ଓଡିଶାର ଗୌରବ ବୃଦ୍ଧି କରିପାରିବ ।

(ସମାପ୍ତ)


+ ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର,
(ମୋ)୯୪୮୬୩୯୪୫୩


---

**ବିଶ୍ୱବିଜୟୀ ଦାଶ**

## ବିପ୍ଲବୀ ଜନନେତା ତଥା ଜାତୀୟତାବାଦୀ ନାଟ୍ୟକାର ପର୍ଶୁରାମ ହରିଚ଼ନ୍ଦନ

କୀ ର୍ତ୍ତିମନ୍ତ ଜୀଇଁ ରହେ ଅନନ୍ତ କାଳର କଳାର କାଳିମାକୁ ଭେଦକରି କାଳଜୟୀ ଭାବରେ ସେମିତି ଜୀଇଁଛନ୍ତି କୀ ର୍ତ୍ତିସ୍ମାନ ପର୍ଶୁରାମ ହରିଚ଼ନ୍ଦନ ।

ଶୋଲରୀ, ଭାଲେରୀ, ଘ ଶିଳା, ଖଣ୍ଡାହଣା ପାହାଡ଼ ପରିବେଷ୍ଟିତ ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ତଟ ଦେଶରେ ବାଣପୁର ମାଟି । ତା ମଧରେ ଭାଟପଡ଼ା ଅ ଳର ଶ୍ୟାମଳ ସବୁଜିମା ଘେରା, ଚ଼କଡ଼ାପଥର ପାହାଡ଼ ପାଦଦେଶରେ ପଲ୍ଲୀଗାଁ ଗୋଡ଼ିଝର । ସେଇ ମାଟିରେ ଜନ୍ମଗ୍ରହଣ କରିଥିଲେ ପ୍ରଚ଼ଣ୍ଡ ପ୍ରତିଭାଧର ପ୍ରବାଦ ପୁରୁଷ ପର୍ଶୁରାମ ହରିଚ଼ନ୍ଦନ ।

ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ପିଲା ବେଳରୁ ତାଙ୍କର ମୂଳ ଲକ୍ଷ୍ୟ ଥିଲା ସମାଜସେବା, ଅ ଳର ଉନ୍ନତି ଓ ବିକାଶ । ପରବ ର୍ତ୍ତୀ ସମୟରେ ସେ ଭାରତର ସ୍ୱାଧିନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିଲେ । ଯୁଗପୁରୁଷ ପର୍ଶୁରାମ ହରିଚ଼ନ୍ଦନଙ୍କ ଦ୍ୱାରା ଗମ୍ଭାରିମୁଣ୍ଡାରେ ପ୍ରତିଷ୍ଠା ହୋଇଥିଲା ପଲ୍ଲୀ ସଂସ୍କୃତି କଳା ପରିଷଦ । ଏହି କଳା ପରିଷଦ କେବଳ ଯେ କଳା ଚ଼ର୍ଚ୍ଚାର କେନ୍ଦ୍ରବିନ୍ଦୁ ଥିଲା ତାହା ନୁହେଁ, ବରଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଗୋଟିଏ ସାମାଜିକ ଆନ୍ଦୋଳନ ସୃଷ୍ଟି କରି ଅନେକ ଯୁବ କଳାକାର, ସମାଜସେବୀ ଓ ଯୁବ କର୍ମଯୋଗୀ ସେ ଗଢ଼ିପାରିଥିଲେ । ଗମ୍ଭାରିମୁଣ୍ଡା ଅ ଳରେ ଶିକ୍ଷାର, ସ୍ୱାସ୍ଥ୍ୟର, ରାସ୍ତାଘାଟର ଏବଂ ସର୍ବୋପରି ସଂସ୍କୃତିର ବିକାଶ ପାଇଁ ଅହରହ ଚ଼େଷ୍ଟା ଚ଼ଳାଇଥିଲେ ।

ପର୍ଶୁରାମ ହରିଚ଼ନ୍ଦନ ବାଣପୁର ବ୍ଲକ ର ଚ଼େୟାରମ୍ୟାନ୍ ହେଲେ, ତା'ପରେ ପୁରୀ ଜିଲ୍ଲା ପରିଷଦର ଉପସଭାପତି ହେଲେ । ବାଣପୁର ବ୍ଲକ ର ଚ଼େୟାରମ୍ୟାନ ଥିବାବେଳେ ବାଣପୁର ଅ ଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ବିକାଶ ଓ ଉନ୍ନତି କରିଥିଲେ । ସେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରୁଥିଲେ ।

ଶିକ୍ଷାର ଉନ୍ନତି କଳ୍ପେ ପର୍ଶୁରାମ ହରିଚ଼ନ୍ଦନ ପ୍ରାଣାନ୍ତକ ଉଦ୍ୟମ କରି ସ୍ୱର୍ଗତ ଭାଗିରଥି ମାଲୁଙ୍କ ଅର୍ଥ ଓ ଅନ୍ୟ ସମାଜସେବୀ ବନ୍ଧୁ ମାନଙ୍କ ସହଯୋଗରେ ଗମ୍ଭାରିମୁଣ୍ଡା ଠାରେ ପତିତପାବନ ବାଣୀ ମନ୍ଦିର ନାମକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ ।

ଗମ୍ଭାରିମୁଣ୍ଡାରେ ସ୍ୱାସ୍ଥ୍ୟ କେନ୍ଦ୍ର, ଡ଼ାକଘର, ପଶୁ ଡ଼ାକ୍ତରଖାନା, ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ସେ ପ୍ରତିଷ୍ଠା କରିଥିଲେ ।

ସେ ବି ଜଣେ ଜାତୀୟତାବାଦୀ ନାଟ୍ୟକାର । ସେ ଅନେକ ନାଟକ ରଚ଼ନା କରିଥିଲେ । ସେହି ନାଟକ ମଧରେ 'ବିପ୍ଳବୀ କୃ ର୍ତ୍ତିବାସ', 'ଛିନାଙ୍ଗୀ', 'ଅଭିଶପ୍ତ ଦୁର୍ଗ', 'ଦିଗବିଜୟୀ କପିଳେନ୍ଦ୍ର' ।

ତାଙ୍କରି ନାଟକ ଓଡ଼ିଆ ପ୍ରାଣରେ ପ୍ରବଳ ଦେଶାତ୍ମବୋଧ ଓ ରୋମା ସୃଷ୍ଟି କରେ । ବିପ୍ଳବୀ ବୀର କୃ ର୍ତ୍ତିବାସଙ୍କୁ ବିସ୍ମୃତ ଗର୍ଭରୁ ଆଲୋକକୁ ଆଣିବା, ଓଡ଼ିଆଜାତି ପାଇଁ ପର୍ଶୁରାମ ହରିଚ଼ନ୍ଦନଙ୍କର ସର୍ବଶ୍ରେଷ୍ଠ ଅବଦାନ । ଯଦି ପର୍ଶୁରାମ ହରିଚ଼ନ୍ଦନଙ୍କ ବଳିଷ୍ଠ ଲେଖନୀରୁ ନିସୃତ ଐତିହାସିକ ଗବେଷଣା ସମ୍ବଳିତ କୃ ର୍ତ୍ତିବାସଙ୍କ ଜୀବନୀ ସମ୍ପର୍କୀତ ନିବନ୍ଧ ୧୯୫୦ ମସିହା ଡ଼ିସେମ୍ବର ମାସର ଝଙ୍କାର ପତିକ୍ରାରେ ପ୍ରକାଶ ପାଇନଥାନ୍ତା, ହୁଏତ ଇତିହାସର ଅତଳ ଗର୍ଭରେ ଓଡ଼ିଆ ଜାତିର ଏହି ଅନନ୍ୟ ବୀରଙ୍କ ରକ୍ତରଞ୍ଜିତ ଇତିହାସ ଚ଼ିରଦିନ ପାଇଁ ସମାଧି ଲଭିଥାନ୍ତା ।

'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ' । ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ । ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ । କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧରେ ଅବଲୀନ ହେଲେ ମଧ ତାର ସାଧନା, ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ, ପର୍ଶୁରାମ ହରିଚ଼ନ୍ଦନ ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା, ସାମାଜିକ ପରିଚ଼ିତ, ରାଜନୈତିକ ପାରଦର୍ଶିତା ଏବଂ ସମାଜସେବାର ପରାକାଷ୍ଠା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ଆମ ଅ ଳର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚ଼ାଲି ଯାଇଛନ୍ତି । ସେଥିପାଇଁ ଆମ ଅ ଳର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇ ରହିଥିବେ - ଏଥିରେ ଦ୍ୱିମତ ନାହିଁ ।

ଦିନ ଯାଏ, ଚ଼ିହ୍ନ ରହେ । ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ-କିମ୍ବଦନ୍ତୀ,ମିଳିବ ଅନେକ କାଳ୍ପନିକ ଚ଼ିତ୍ରପଟ, କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୂଲା-ଅପାଶୋରା ମୁହଁଟିଏ ।

ସେହି ଯୁଗପୁରୁଷ ୧୯୭୭ ମସିହା ମଇ ୨୬ ତାରିଖରେ ଏ ଦୁନିଆ ଛାଡ଼ି ଚ଼ାଲିଗଲେ ।

ସେ ଏକାଧାରାରେ ଜଣେ ସୁସଂଗଠକ, ଯୋଗଜନ୍ମା ନାଟ୍ୟକାର, ବିଶିଷ୍ଟ ରାଜନୀତିଜ୍ଞ, ନିସ୍ୱାର୍ଥପର ଜନସେବକ,ସୁପରାମର୍ଶଦାତା,ସ୍ୱାଧିନତା ସଂଗ୍ରାମୀ ଓ ଓଡ଼ିଆ ସାମରିକ ଇତିହାସ ଓ ପରମ୍ପରାର ତେଜୋଦୀପ୍ତ ନକ୍ଷତ୍ର ପର୍ଶୁରାମ ହରିଚ଼ନ୍ଦନଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ।


+ ଗମ୍ଭାରିମୁଣ୍ଡା, ବାଣପୁର,
ଖୋର୍ଦ୍ଧା, ପିନ୍- ୭୫୨୦୩୫
(ମୋ)- ୬୩୭୦୨୦୮୪୨୮


---

### କବିତା କୋଣାର୍କ

## ସଲାମ୍ କଳାହାଣ୍ଡି

**ଭାଗୀରଥି ସାଗର**

ବୈଭବ, ଐତିହ୍ୟ,ସଂସ୍କୃତି ସଂପନ୍ନ
କୀ ର୍ତ୍ତି,ସମୃଦ୍ଧି,ପରମ୍ପରା,ମଣି ମାଣିକ୍ୟ
ଭରା
ମୋ ଜନମ ମାଟି କଳାର ହାଣ୍ଡି
କଳାହାଣ୍ଡି
ଯେଉଁଠି ଫୁଲରୀ ଝରନ୍, ରାବଣ
ଦର, ଡୋକ୍ରି ଚ ରା,
ଭୈରି ଝରଣ ଝରେ,
ଆଶୀର୍ବାଦ ଅଜାଡ଼ି ଦିଅନ୍ତି
ମାଆ ମାଣିକେଶ୍ୱରୀ,
ଦେବୀ ଲଙ୍କେଶ୍ୱରୀ,
ଭଣ୍ଡାର ଘରିଆଣି
ପୁଣି ଇଷ୍ଟ ଦେବତା ବୁଢ଼ାରଜା ।

ଯାହାର ସୁଶୋଭିତ ଦୃଶ୍ୟ ଭାବ
ବିହ୍ୱଳିତ କରେ
ଭାବୁକ, ପର୍ଯ୍ୟଟକଙ୍କ ଚିନ୍ତନର
ଗବାକ୍ଷରେ,
କାଠ ହେଉ ଅବା ମାଟି
ଆଉ ପୁଣି ପଥର ଖୋଦେଇ
ଯାହାର ତେଲ, ହାତୀ, ଇନ୍ଦ୍ରାବତୀ,
ଶଗଡା, ଉତେଇ,
ମଡ୍ରାର ମୁନ୍ଦା,
ମୁନ୍ଦା ଜଳ ମହୁଠୁ ଶ୍ରେଷ୍ଠ
ଯାହାର ଚାରି ପାଶ ବନାନୀର ଫଳ
ପୁଷ୍ପ, ପକ୍ଷୀର ମଧୁ ଶବ୍ଦ,
ଝରଣାର ନାଦ ଅତିଥିଙ୍କୁ ଜଣାଏ
ଅର୍ଘ୍ୟ ଢାଳି ଅଭିବାଦନ
ଯେଉଁଠି ବେଳଖଣ୍ଡି, ଗୁଡହାଣ୍ଡି,
ଚୁରା ପାହାଡ, ଅସୁର ଗଡ଼, କରୁଣ୍ୟ
ଶ୍ରୀକ୍ଷେତ୍ର, ମହୂଲ ପାଟଣା,
ଜୁନାଗଡ଼, ଜୟପାଟଣା,
ଧରମ ଗଡ଼, କେସିଙ୍ଗା ଭଳି ଐତିହ୍ୟ
ଭରା ସ୍ଥାନ ଶୋଭିତ
ସେ ତ ମୋ ପ୍ରିୟ ଜନମ ଭୂଇଁ ଦିବ୍ୟ
ଜ୍ୟୋତି ସୁଶୋଭିତା
ଆଦରଣୀୟା କଳାହାଣ୍ଡି । ।

ଯାହାର ସୋରିଷ ବଣ, ବାସମତି
ଚାଉଳ, ବଡ଼ି, ଉଖୁଡା,
କଳା ଶୁଖୁଆ, ମୁଢ଼ି, ମୂହା, ମୁଗ
ଫଳି, କନ୍ଦୁଲ୍ ସର୍ବାଦୃତ
ଯାହାର ବୁକୁ ପ୍ରଶସ୍ତ, ଶିକ୍ଷା
ଦିକ୍ଷା,ଖେଳ କୁଦ, କଳା, ସାହିତ୍ୟ
ନୃତ୍ୟରେ ଯାହାର
ସନ୍ତାନ ସନ୍ତତି ସାଜନ୍ତି ଅଗ୍ରଦୂତ
ସେ ମୋ ପୁଣ୍ୟ ଆଶିଷ ଦାୟିନୀ
ମୋ ପ୍ରିୟ ମା କଳାହାଣ୍ଡି ।

ଯେଉଁଠି ପାଳିତ ହୁଏ ନୂଆଖାଇ,
ଚୈତ୍ରା, ପୁସପୁନି, ଛତର ଯାତ୍ରା,
ଆହୁରି ପୁଣି କେତେ ତିହାର
ଯେଉଁଠି ବାଜେ ଘୁମ୍ ଘୁମ ହେଇ
ଘୁମୁରା, ବାଜା ଶାଳ,
ବନା ବାଡି, ଡା ପ୍, ଦାସ୍‌କାଠି
ସେ ତ ମୋ ମାଆ କଳାହାଣ୍ଡି ।

ମୋ ମାଆ ପାଇଁ ମୁଁ ଗର୍ବିତ
ଯେଉଁଠି ଯାଏ, ଯେଉଁଠି ରହେ
ଆଉ ସବୁଠି କହେ
ସଲାମ କଳାହାଣ୍ଡି ।

+ ଡ଼ାଲଗୁମା,କୋକସରା,କଳାହାଣ୍ଡି
(ମୋ) ୯୩୩୭୬୨୪୮୯୯

## ନମସ୍କାର

**ବିନୟ ମିଶ୍ର**

ନମସ୍କାର କଲି ଦୁଇହାତ ଯୋଡି
ଶିରେ ଲଗାଇ ଅଞ୍ଜଳି,
ପାଟିରେ କହିଲି, ଆଣ୍ଠୁମାଡି ମୋର
ଭୂମିଷ୍ଠ ପ୍ରଣାମ କଲି ।

ବଡ଼ଭାଇ ମୋର କିଛି କହିଲେନି
ମୁଣ୍ଡକୁ ଟୁଙ୍ଗାରି ଦେଲେ,
ଭାଉଜ ମୋହର ହଉ ବୋଲି କହି
ଦାନ୍ତ ଦେଖେଇ ହସିଲେ ।

ବୋଉ ଆଉଁସଇ ମୁଣ୍ଡକୁ ମୋହର
ନନାଙ୍କର ଆୟୁସ୍ମାନ,
କକେଇ କହନ୍ତି କେବେ ଆସିଲୁ ଯେ
ଖୁଡିଙ୍କର ହସ ସାନ ।

ଜଣାଶୁଣା ବଡ଼ମାନେ କହିଥାନ୍ତି
କେତେ କିଏ କେଉଁପରି,
ନମସ୍କାର ମୋର ଗୋଟାଏ ପ୍ରକାର
ମନ ଯାଏ କିନ୍ତୁ ମରି ।

ଗୁରୁଙ୍କୁ ମୋହର ନମସ୍କାର କଲେ
କେବେ ନ କହନ୍ତି କିଛି,
ଆଶ୍ଚର୍ଯ୍ୟ ଲାଗଇ ନମସ୍କାର ଦେଇ
ନମସ୍କାର ବି ଶୁଣୁଛି ।

ଦିନେ ପଚାରିଲି ମୋ ଗୁରୁଙ୍କୁ ଯଦି
ଜଣେ କରେ ନମସ୍କାର,
କଅଣ କହିଲେ ଖୁସୀ ହେବ ସିଏ
ନ ଫେରାଇ ନମସ୍କାର ।

କହିଲେ ମୋ ଗୁରୁ ନମସ୍କାର ଗୋଟି
ହୋଇ ନ ଥାଏ କାହାର,
କାହାଠାରୁ କେବେ କିଏ ନ ନିଅନ୍ତି
(ଏ) ଦେବା ନେବାର ସମ୍ଭାର ।

ଏ ମ ର୍ତ୍ତ୍ୟ ମଣ୍ଡଳେ ନମସ୍କାର ପାଇଁ
ଏହି ପଦେ ମନେ ଥାଉ,
'ତୁମ୍ଭ ଇଚ୍ଛାପୂର୍ଣ୍ଣ ହେଉ ମହାବାହୁ
ମଣିଷର ଇଚ୍ଛା ନୋହୁ ।'

+ ମଲ୍ଲୀପୁର, ଖୋର୍ଦ୍ଧା

# ବୌଦ୍ଧ ଅବତାର



ଜୟଶ୍ରୀ ପଟ୍ଟନାୟକ

ପ୍ରଭୁ ଶ୍ରୀ ଜଗନ୍ନାଥ ଯାତ୍ରା ସମୟରେ ଦଶ ଅବତାର ରୂପ ଧାରଣ କରନ୍ତି ବୋଲି ରଥଯାତ୍ରାକୁ ଦଶାବତାର ଯାତ୍ରା କୁହାଯାଏ । ଯାତ୍ରା ସମୟରେ କୁସୁମ ଲାଗି ବେଳେ ମୀନ ଅବତାର ତୁଳି ଲାଗି ବେଳେ କୂର୍ମ ଅବତାର ଅନ୍ତର୍ବେଦୀ ମହୋତ୍ସବ ବେଳେ ବୌଦ୍ଧ ଅବତାର ଧାରଣ କରନ୍ତି ବୋଲି ଶାସ୍ତ୍ରୀୟ ପ୍ରମାଣ ମିଳେ । ତେଣୁ ଆମ ଜଗନ୍ନାଥ ସଂସ୍କୃତିର ବୁଦ୍ଧ ଓ ବୌଦ୍ଧ ଦର୍ଶନ ସହିତ ସମ୍ପର୍କ ଅଛି ବୋଲି ସ୍ୱୀକାର୍ଯ୍ୟ । ପୁରାଣକାର ମାନେ ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କ ନବମ ଅବତାର ରୂପେ ଗ୍ରହଣ କରିଛନ୍ତି । ଜୟଦେବ ରଚିତ ଗୀତଗୋବିନ୍ଦରେ ବୁଦ୍ଧଦେବଙ୍କୁ ନବମ ଅବତାର ରୂପେ ବର୍ଣ୍ଣନା କରିଛନ୍ତି । ସାରଳା ସାସ ମହାଭାରତରେ ଜଗନ୍ନାଥଙ୍କୁ ବୌଦ୍ଧ ଅବତାର ବୋଲି ବର୍ଣ୍ଣନା କରିଛନ୍ତି । ସଂସାର ଜନଙ୍କୁ ସେହୁ ତାରିବା ନିମନ୍ତେ ବଉଦ୍ଧ ରୂପରେ ବିଜେ ଅଛି ଜଗନ୍ନାଥେ । ଓଡିଆ ଭାଗବତରେ ଜଗନ୍ନାଥ ଦାସ ଲେଖିଛନ୍ତି -

ପ୍ରବୋଧ ବୁଦ୍ଧ ଅବତାରେ
ଜ୍ଞାନ ବିସ୍ତାରେ ଏ ସଂସାରେ ।

ମାଣବସା ପୁରାଣରେ ଲେଖାଅଛି
ବୁଦ୍ଧ ଅବତାରେ ନୀଳକନ୍ଦରରେ ଶ୍ରୀ ହରି
ଦର୍ଶନ କରିଣ ଭକ୍ତଗଣ ଯାନ୍ତି ତରି ।

ସୁତରାଂ, ଶ୍ରୀ ଜଗନ୍ନାଥଙ୍କୁ ବୌଦ୍ଧ, ଜୈନ, ଶୈବ, ଶଶକ୍ତ, ଗାଣପତ୍ୟ, ସୌର ସମସ୍ତେ ତାଙ୍କୁ ନିଜର ଦେବତା ବୋଲି ଗ୍ରହଣ କରିଛନ୍ତି । ଦୀନକୃଷ୍ଣ ଦାସ , ଜଗନ୍ନାଥ ଦାସ, ସାରଳା ଦାସ, ଚୈତନ ଆଦି ପଂଚସଖା ମଧ ଜଗନ୍ନାଥଙ୍କୁ ବୌଦ୍ଧ ଅବତାର ବୋଲି ବର୍ଣ୍ଣନା କରିଛନ୍ତି ।

ଜୟ ତୁ ଜଗନ୍ନାଥ କ୍ଷୀରୋଦତଟବାସୀ
କଳିଯୁଗ ନିମନ୍ତେ ବଉଦ ରୂପ ପ୍ରକାଶି
(ସାରଳା ମହାଭାରତ)

ସମାଜରେ ଅନେକ ଧର୍ମ ପ୍ରଚାରକ ମାନେ ବିଭିନ୍ନ ସମୟରେ ଜନ୍ମ ନେଇଥାନ୍ତି । ଯେମିତି ମହମ୍ମଦ ଥିଲେ ଇସଲାମ ଧର୍ମର ପ୍ରଚାରକ । ମହାବୀର ଜୈନଧର୍ମର ପ୍ରଚାରକ । ଯୀଶୁ ଖ୍ରୀଷ୍ଟିୟାନ ଧର୍ମର ପ୍ରଚାରକ ସେହିପରି ଗୌତମବୁଦ୍ଧ ଥିଲେ ବୌଦ୍ଧଧର୍ମର ପ୍ରଚାରକ । ପ୍ରାଚୀନ ବୌଦ୍ଧ ପାଲିଗ୍ରନ୍ଥ ଓ ଶ୍ରୀମନ୍ଦିର ଗାତ୍ରରୁ ଉଦ୍ଧାର କରାଯାଇଥିବା ଭଗବାନ ବିଷ୍ଣୁଙ୍କର ପ୍ରତିମୂର୍ତି ପ୍ରମାଣ କରୁଛନ୍ତି ଯେ ଉଭୟ ବୁଦ୍ଧ ଓ ବିଷ୍ଣୁ ୨୪ ଥର ଲେଖାଏଁ ଅବତାର ଗ୍ରହଣ କରିଛନ୍ତି । ଶ୍ରୀମନ୍ଦିର ପର୍ଶ୍ଚିମ ପାର୍ଶ୍ୱ ଚୂଡାରେ ଆସୀନ ବୁଦ୍ଧ, ବିଷ୍ଣୁଙ୍କ ନବମ ଅବତାର ଜଗନ୍ନାଥ ଏବଂ ସଂସ୍କୃତ ଶ୍ରୀମଦ୍ ଭାଗବତର ପ୍ରଥମ ସ୍କନ୍ଦରେ ବର୍ଣ୍ଣିତ ବିଷ୍ଣୁଙ୍କ ୨୧ତମ ଅବତାର ଭାବେ ବିଦ୍ୟମାନ । ସେ ରାମକୃଷ୍ଣଙ୍କ ପରି ଈଶ୍ୱର ନ ଥିଲେ, ମହମ୍ମଦଙ୍କ ପରି ଆଲ୍ଲାଙ୍କ ପ୍ରେରିତ ଦୂତ ନଥିଲେ କି ଯୀଶୁଙ୍କ ପରି ଈଶ୍ୱରପୁତ୍ର ନଥିଲେ । ସେ ଥିଲେ ସତ୍ୟକୁ ଅନୁସରଣ କରୁଥିବା ଜଣେ ମାର୍ଗଦର୍ଶକ ପଥ ପ୍ରଦର୍ଶକ ।

ସେଦିନ ଥିଲା ବୈଶାଖ ପୂର୍ଣ୍ଣିମାର ଦିନ । ଶାକ୍ୟରାଜ୍ୟର ରାଜଧାନୀ କପିଳବାସ୍ତୁର ଲୁମ୍ବିନୀ ନାମକ ସ୍ଥାନରେ ଶାକ୍ୟରାଜ ଶୁଦ୍ଧୋଦନ ଏବଂ ମାତା ମାୟାଦେବୀଙ୍କ କୋଳ ମଣ୍ଡନ କରିଥିଲେ ସିଦ୍ଧାର୍ଥ ୫୬୩ ଖ୍ରୀ. ରେ । ଜନ୍ମର ସାତଦିନ ପରେ ମାତାଙ୍କର ମୃତ୍ୟୁପରେ ସେ ପାଳିତ ହୋଇଥିଲେ ମାଉସୀ ପ୍ରଜାପତି ଗୌତମୀଙ୍କ ଦ୍ୱାରା । ଗୌତମ ପିଲାଦିନରୁ ଥିଲେ ଖୁବ ଏକୁଟିଆ, ନିସଙ୍ଗ ଜୀବନ ତାଙ୍କୁ ଭଲ ଲାଗୁଥିବାର ଦେଖି ପିତା ଶୁଦ୍ଧୋଦନ ଜ୍ୟୋତିଷକୁ ଜାତକ ଦେଖାଇଲେ । କୁଳଗୁରୁ କହିଥିଲେ , 'ଏ ଯଦି ରାଜା ହୁଅନ୍ତି ଦିନେ ରାଜଚକ୍ରବର୍ତୀ ହେବେ । ଯଦି ସନ୍ୟାସୀ ହୁଅନ୍ତି ତେବେ ସେ ହେବେ ଜ୍ଞାନୀ, ଓ ବୈରାଗୀ ।' ରାଜା ଶୁଦ୍ଧୋଦନ ଚାହୁଁଥିଲେ ଗୌତମ ସଂସାର ଭିତରେ ବାନ୍ଧି ହୋଇ ରହୁ । ଜଣେ ରାଜଚକ୍ରବର୍ତୀ ହେଉ । ଏଥିପାଇଁ ତାଙ୍କୁ ବିବାହ ବନ୍ଧନରେ ବାନ୍ଧିଦେଲେ ରାଜକନ୍ୟା ଯଶୋଧାରାଙ୍କ ସହିତ କିନ୍ତୁ ବିଳାସ ବ୍ୟସନ ଓ ସଂସାର ପ୍ରତି ସେ ଆସକ୍ତ ନହୋଇ ବିରାଗ ଥିଲେ । ଦିନେ ରାଜଧାନୀ ପରିକ୍ରମା ସମୟରେ ସେ ଜଣେ ବୃଦ୍ଧ, ଜଣେ ରୋଗୀ, ଗୋଟେ ଶବ ଏବଂ ଜଣେ ସନ୍ନ୍ୟାସୀଙ୍କୁ ଦେଖି ରାଜପ୍ରସାଦରେ ରହିବାପାଇଁ ମନ ବଳାଇଲେ ନାହିଁ । ଦିନେ ରାତିରେ ପତ୍ନୀ ଓ ପୁତ୍ର ରାହୁଳଙ୍କୁ ଛାଡି ଅରଣ୍ୟକୁ ପଳାଇଲେ । ସେଦିନ ଥିଲା ଆଷାଢ ପୂର୍ଣ୍ଣିମା ଆଉ ତାଙ୍କ ବୟସ ମାତ୍ର ୨୯ ବର୍ଷ । ବହୁ ସ୍ଥାନ ସତ୍ୟ ସନ୍ଧାନରେ ଭ୍ରମି ଭ୍ରମି



ଶେଷରେ ନିରାଶ ହେବାରୁ ମଧ୍ୟମ ମାର୍ଗର ଅନୁସରଣକରି , ନିରଞ୍ଜନା ନଦୀକୂଳରେ ଏକ ଅଶ୍ୱସ୍ତ ବୃକ୍ଷମୂଳରେ ବସି ଧ୍ୟାନ କଲେ । ସେହି ସମୟରେ ସୁଜାତା ନାମ୍ନୀ ଜଣେ କନ୍ୟାଠାରୁ କ୍ଷୀରି ଖାଇଥିଲେ । ଧ୍ୟାନ ତପସ୍ୟାରେ ବସି ଶେଷରେ ସେ ସିଦ୍ଧି ଲାଭ କଲେ ସେଦିନ ଥିଲା ବୈଶାଖ ପୂର୍ଣ୍ଣିମା । ଯେଉଁ ବୃକ୍ଷ ମୂଳରେ ବସି ଧ୍ୟାନରତ ଥିଲେ ସେହି ବୃକ୍ଷକୁ ବୋଧିଦ୍ରୁମ କୁହାଗଲା । ସେହି ସ୍ଥାନର ନାମ ବୁଦ୍ଧଗୟା ରଖାଗଲା ଯାହା ବିହାର ଜିଲ୍ଲାର ଅନ୍ତର୍ଗତ । ତପସ୍ୟା ପରେ ସେ ବୁଦ୍ଧତ୍ୱ ଲାଭ କଲେ । ସିଦ୍ଧାର୍ଥରୁ ଗୌତମବୁଦ୍ଧ ନାମରେ ପରିଚିତ ହେଲେ । ଶ୍ରୀରାମ ମନୁଷ୍ୟକୁ ଆତ୍ମ ମର୍ଯ୍ୟାଦା ଶିଖାଇଥିଲେ । ଶ୍ରୀକୃଷ୍ଣ ଦର୍ଶାଇଥିଲେ ସଂସାର ରୀତି । ବୁଦ୍ଧ ଶିଖାଇଥିଲେ ଦୁଃଖ ନିରୋଧର ମାର୍ଗ । କାମନାର ବିନାଶରେ ଦୁଃଖର ବିନାଶ ।

ବୁଦ୍ଧତ୍ୱ ପ୍ରାପ୍ତି ପରେ ସେ ଆସିଲେ କାଶୀକୁ । ସାରନାଥ ଠାରେ ସେ ତାଙ୍କର ପାଂଚଜଣ ଶିଷ୍ୟକୁ ପ୍ରଥମ ଉପଦେଶ ଦେଇଥିଲେ । ଉପଦେଶ ଗୁଡିକ ଥିଲା ଆର୍ଯ୍ୟ ଚତୁରାଙ୍ଗ ବା ଚତୁ ଆର୍ଯ୍ୟସତ୍ୟ ଯଥା- ଏ ସଂସାର ଦୁଃଖମୟ । ଦୁଃଖର କାରଣ କାମନା ବା ତୃଷ୍ଣା । କାମନାର ବିନାଶରେ ଦୁଃଖର ବିନାଶ । ଦୁଃଖ ବିନାଶ ପାଇଁ ମଣଷକୁ ଆଠଟି ବା ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ କୁ ଆପଣେଇବାକୁ ହେବ ତାଦ୍ୱାରା ମଣିଷ କାମନା ବା ଇଚ୍ଛାରୁ ନିଜକୁ ମୁକ୍ତି କରିପାରି ସୁଖରେ ଜୀବନ କାଟିପାରିବ । ସେଗୁଡିକ ହେଲା ୧. ସମ୍ୟକ ଦୃଷ୍ଟି, ୨. ସମ୍ୟକ ସଂକଳ୍ପ, ୩. ସମ୍ୟକ ବାକ୍ୟ, ୪. ସମ୍ୟକ କର୍ମ, ୫. ସମ୍ୟକ ଜୀବିକା, ୬. ସମ୍ୟକ ବ୍ୟାୟାମ। ୭.ସମ୍ୟକ ସ୍ମୃତି ୮. ସମ୍ୟକ ସମାଧି । ଜନ୍ମ ଜରା ମୃତ୍ୟୁକୁ ବୁଦ୍ଧ ବାରମ୍ବାର ଦୁଃଖ ବୋଲି କହି ଭଲ କର୍ମ କରିଲେ ଜନ୍ମରୁ ଜନ୍ମ ସଂସ୍କାରିତ ହୋଇ ପ୍ରାଣୀ ମୃତ୍ୟୁମୁଖରୁ ମୁକ୍ତ ହୋଇ ମହାନିର୍ବାଣ ଲାଭ କରିପାରିବ । ଏହା ହିଁ ମୋକ୍ଷ ବା ମହା ପରିନିର୍ବାଣ ଚରମ ପନ୍ଥା ବୋଲି ଉପଦେଶ ଦେଉଥିଲେ । ପରେ ପରେ ତାଙ୍କ ଉପଦେଶର ଗଭୀର ପ୍ରଭାବ ପଡିବାରୁ ରାଜା ପ୍ରଜା ବୁଦ୍ଧଙ୍କୁ ଅନୁସରଣ କଲେ । ବୌଦ୍ଧଧର୍ମକୁ ଗ୍ରହଣ କରି ତାଙ୍କର ଶିଷ୍ୟ ହେଲେ । ତାଙ୍କ ଶିଷ୍ୟ ଅଛବ ସାରିପୁତ, ନାପିତ ଉପାଳିଙ୍କ ପରି ଶ୍ରମଣ ଜ୍ଞାନ ସଂଯମ ଆଚରଣରେ ତାଙ୍କ ଉଚ୍ଚତାକୁ ଛୁଇଁ ପାରିଥିଲେ । ସେ ଜାତି ବର୍ଣ୍ଣ ଭେଦଭାବର ଉର୍ଦ୍ଧ୍ୱରେ ରହି ବାରାଙ୍ଗନା ଆମ୍ରପାଲ୍ଲୀ ବାସବଦତ୍ତାମାନଙ୍କୁ କାହିଁ କେଉଁ ଚେତନାର ଉର୍ଦ୍ଧ୍ୱ ସ୍ତରକୁ ନେଇ ଯାଇଥିଲେ । ବୌଦ୍ଧଧର୍ମର ଲୋକପ୍ରିୟତା ପରେ ସେ ନିଜର କନ୍ୟା ସଙ୍ଘମିତ୍ରା ଓ ପୁତ୍ର ରାହୁଳକୁ ବୌଦ୍ଧଧର୍ମର ପ୍ରଚାର ପ୍ରସାର ନିମନ୍ତେ ସିଂହଳକୁ ପଠାଇଥିଲେ । ବୌଦ୍ଧଧର୍ମକୁ ମୌର୍ଯ୍ୟରାଜା ଅଶୋକ, କନିଷ୍କ. ହର୍ଷ ମଧ ଆପଣେଇଲେ । ବୌଦ୍ଧଧର୍ମର ପ୍ରଚାର ପ୍ରସାର ଶ୍ରୀଲଙ୍କା, ବର୍ମା ସୁମାତ୍ରା, ଜାଭା, ଚୀନ, ଜାପାନ ତିବତ୍ ଥାଇଲାଣ୍ଡ, କୋରିଆ , ମଙ୍ଗୋଲିଆରେ କରାଇଥିଲେ । ତାଙ୍କର ସଂଘ ବୌଦ୍ଧସଂଘ ନାମରେ ନାମିତ ହେଲା । ବୌଦ୍ଧ ଧର୍ମରେ ବୌଦ୍ଧଭିକ୍ଷୁର ସଂଖ୍ୟା ବଢିଲା । ରାଜା ପ୍ରଜା ସ୍ତ୍ରୀ ମାନଙ୍କୁ ବି ସଂଘରେ ନିଆଗଲା । ବୁଦ୍ଧ ବହୁଜନ ହିତାୟ ସୂତ୍ରରେ ଜନକଲ୍ୟାଣ ପାଇଁ ଦେଶ ବିଦେଶରେ ବୌଦ୍ଧଧର୍ମକୁ ପ୍ରଚାର କଲେ । ସେ ସବୁବେଳେ କହୁଥିଲେ ସୌନ୍ଦର୍ଯ୍ୟ କ୍ଷଣସ୍ଥାୟୀ । ସୌନ୍ଦର୍ଯ୍ୟ ବ୍ୟକ୍ତିର ବେଶପୋଷାକରେ ନ ଥାଏ ବ୍ୟକ୍ତିର ହୃଦୟରେ ଥାଏ । ସେହି ଗୁଣକୁ ଚିହ୍ନିଲେ ବ୍ୟକ୍ତି ଜୀବନରେ ଦୁଃଖର ବିଲୋପ ଘଟେ । ବୈଶାଖ ପୂର୍ଣ୍ଣିମା ର ଅନ୍ୟନାମ ବୁଦ୍ଧ ପୂର୍ଣ୍ଣିମା , ବୁଦ୍ଧ ଜୟନ୍ତୀ ଗ୍ରୋତମ ବୁଦ୍ଧଙ୍କର ଜନ୍ମ, ବୋଧିପ୍ରାପ୍ତି ଓ ମହାନିର୍ବାଣ ଗୋଟିଏ ପୂର୍ଣ୍ଣିମାରେ ହୋଇଥିଲା ତାହା ହ୍ଲା ବୈଶାଖ ପୂର୍ଣ୍ଣିମା । ସେ ଥିଲେ ,ପରି ସଂଯୋଗର ଜଣେ ମହାପୁରୁଷ । ଏହିଦିନର ମହତ୍ୱ ହେଉଛି ଗୌତମବୁଦ୍ଧଙ୍କର ଜନ୍ମ ଜୟନ୍ତୀ ପାଳିବା ତାଙ୍କୁ ସ୍ମରଣ କରିବା । ଏହିଦିନ ପୂର୍ବଏସିଆର ଲୋକମାନେ ପାଳନ କରନ୍ତି ତାଙ୍କର ଜୟନ୍ତୀ । ସାରା ବିଶ୍ୱର ବୌଦ୍ଧଧର୍ମାବଲମ୍ବୀ ମାନେଏହିଦିନକୁ ଏକ ପବିତ୍ର ଦିବସ ରୂପେ ମାନନ୍ତି ।

ବୁଦ୍ଧଦେବଙ୍କୁ ଯେତେବେଳେ ୮୦ ବର୍ଷ ବୟସ ହୋଇଥିଲା ସେ ଚାହିଁଥିଲେ ନିର୍ବାଣ । ସେଦିନ ବି ଥିଲା ବୈଶାଖ ପୂର୍ଣ୍ଣିମା ଦିନ । କୁଶୀନଗରରେ ତାଙ୍କର ମହାପ୍ରୟାଣ ହୋଇଥିଲା ୪୮୩ ଖ୍ରୀ.ରେ । ବୌଦ୍ଧଭିକ୍ଷୁମାନେ ଧର୍ମପ୍ରଚାର କଲାବେଳେ ଉଚ୍ଚାରଣ କରୁଥିଲେ –

ବୁଦ୍ଧଂ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି
ଧର୍ମଂ ଶରଣଂ ଗଚ୍ଛାମି ।

ପୁରାଣକାରମାନେ ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କ ନବମ ଅବତାର ରୂପେ ଗ୍ରହଣ କରିଛନ୍ତି । ଶ୍ରୀମନ୍ଦିର ପରିସରରେ ମୁକ୍ତିମଣ୍ଡପ ନିକଟରେ ସର୍ବପ୍ରାଚୀନ ଶ୍ରୀ ନୃସିଂହ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାରରେ ଦଶାବତାରଙ୍କ ନବମ ସ୍ଥାନରେ ବୁଦ୍ଧମୂର୍ତି ରହିଛନ୍ତି । ୨୨ ପାବଚ୍ଛର ପ୍ରତ୍ୟେକ ପାବଚ୍ଛ ଏକ ନିର୍ଦ୍ଦିଷ୍ଟ ଅବତାର ପାଇଁ ଉଦ୍ଦିଷ୍ଟ । ତନ୍ମଧ୍ୟରେ ୨୧ ତମ ପାବଚ୍ଛ ବୁଦ୍ଧ ଅବତାର ପାଇଁ ଉଦ୍ଦିଷ୍ଟ ବୋଲି ଉଲ୍ଲେଖ ରହିଛି । ଜଗନ୍ନାଥଙ୍କ ଅବତାର ଭାବେ ବୁଦ୍ଧଙ୍କୁ ପୂଜା କରାଗଲା । ଶ୍ରୀମନ୍ଦିର ବେଢାସ୍ଥ ଅନ୍ନବଜାରରେ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ଆଚାଣ୍ଡାଳ ବ୍ରାହ୍ମଣ ଏକତ୍ର ମହାପ୍ରସାଦ ସେବନ କରିବା ବିଧି ବୌଦ୍ଧଧର୍ମ ପ୍ରଥାର ଏକ ଜୀବନ୍ତ ନିଦର୍ଶନ । ଶ୍ରୀ ମନ୍ଦିରରେ ଦୀପ ପ୍ରଜ୍ୱଳନ ବିଧି ବୁଦ୍ଧଙ୍କ ପ୍ରବର୍ତିତ ଦିବ୍ୟ ଜ୍ଞାନର ପରିପ୍ରକାଶ । ଆହୁରି ଜଗନ୍ନାଥଙ୍କ ସଂପର୍କ ରହିଛି ବୁଦ୍ଧଙ୍କ ସହିତ । ରଥରେ ବାମନ ବା ଜଗନ୍ନାଥ ବୁଦ୍ଧଙ୍କୁ ଦର୍ଶନ କଲେ ମୋକ୍ଷ ବା ନିର୍ବାଣ ପ୍ରାପ୍ତିର ବିଶ୍ୱାସ ମଧ ରହିଛି । ଶ୍ରୀ ଜଗନ୍ନାଥଙ୍କ ଉତ୍ପତି ଓ ଉପାସନା ରେ ଡକ୍ଟର ମହତାବ ଉଲ୍ଲେଖ କରିଛନ୍ତି , ଅଶୋକଙ୍କ ସମୟରେ ଓଡିଶାର ଶବର ମାନେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ । ପୁରୀର ବୌଦ୍ଧସ୍ତୁପ ନିର୍ମିତ ହୋଇଥିଲା ଓ ସେଥିରେ ବୌଦ୍ଧ ତ୍ରିରତ୍ନ ଚିହ୍ନ ( ବୁଦ୍ଧ, ଧର୍ମ, ସଂଘ) ଅଙ୍କିତ ହୋଇଥିଲା । ଏ ସ୍ତୁପ ଶବର ମାନଙ୍କର ପୂଜାପୀଠ ଥିଲା । ଏହି ଚିହ୍ନ ତ୍ରୟକୁ ଜଗନ୍ନାଥ ବୋଲି କୁହା ଯାଉଥିଲା । ବୁଦ୍ଧଙ୍କର ଅପର ନାମ ଜଗନ୍ନାଥ । ଏହା ପୁରାତନ ପାଲି ସାହିତ୍ୟ ଓ ନେପାଳରୁ ମିଳିଥିବା ତନ୍ତ୍ର ସାହିତ୍ୟରୁ ମିଳେ । ଜଗନ୍ନାଥଙ୍କୁ ବୁଦ୍ଧଙ୍କର ଅବତାର ରୂପେ ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ଉପସ୍ଥାପିତ କଲାବେଳେ ଜଗନ୍ନାଥ ବୋଲି ସମ୍ବୋଧନ କରାଯାଏ । କବି ଜୟଦେବ ରଚିତ ଗୀତଗୋବିନ୍ଦରେ ନବମ ଅବତାର ରେ ବୁଦ୍ଧରୂପୀ ଜଗନ୍ନାଥଙ୍କର ଗୁଣ ଗାନ କରାଯାଇଛି । ମହାକବି ସାରଳା ଦାସ ମଧ ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ବର୍ଣ୍ଣନା କରିଛନ୍ତି । ପଂଚସଖାର କବିମାନେ ମଧ ଜଗନ୍ନାଥଙ୍କୁବୁଦ୍ଧ ରୂପରେ ଅଭିହିତ କରିଛନ୍ତି । ଶାସ୍ତ୍ରୀୟ, ପ୍ରତ୍ନତାତ୍ୱିକ, ପୌରାଣିକ ପ୍ରମାଣ ଅନୁଯାୟୀ ଶ୍ରୀ ଜଗନ୍ନାଥ ବିଷ୍ଣୁଙ୍କର ଅବତାର ନୁହଁନ୍ତି ବରଂ କୃଷ୍ଣ, ରାମ, ବୁଦ୍ଧ ଏସବୁ ତାଙ୍କର ଅବତାର ବୋଲି ପ୍ରମାଣିତ ।

+ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪

# ଗର୍ଭବତୀ ମହିଳାଙ୍କ ପାଇଁ ଉପକାରୀ ଗୁଡ଼



ଆଧୁନିକ ଯୁଗରେ ବିଭିନ୍ନ କାରଣ ପାଇଁ ଦୁର୍ବଳ ଶିଶୁ ଜନ୍ମ ହେଉଛନ୍ତି ଯାହା ବାପ-ମାଆଙ୍କ ଚିନ୍ତାର କାରଣ ପାଲଟିଛି । ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ । ଗର୍ଭାବସ୍ଥାରେ ଗୁଡ଼ ଖାଆନ୍ତୁ, ବ୍ୟାୟାମ କରନ୍ତୁ ଓ ଧୂମପାନ କିମ୍ବା ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ପାଖରୁ ଯଥାସମ୍ଭବ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । କାରଣ, ଏସବୁ ଗର୍ଭସ୍ଥ ଶିଶୁ ଉପରେ କୁପ୍ରଭାବ ପକାଇଥାଏ । ୧୫୦୦ ଗର୍ଭବତୀ ମହିଳାଙ୍କୁ ନେଇ କରାଯାଇଥିବା ସର୍ବେକ୍ଷଣରୁ ଜଣାପଡିଛି ଯେ, ଭାରତର ସହରା ଳରେ ଜନ୍ମ ହେଉଥିବା ଶିଶୁଙ୍କ ମଧ୍ୟରୁ ୨୪ ପ୍ରତିଶତ ଶିଶୁ ଦୁର୍ବଳ ଓ ୧୪.୭ ପ୍ରତିଶତ ଶିଶୁଙ୍କ ଓଜନ ସାମାନ୍ୟ ରହିଥାଏ । ମୁଖ୍ୟତଃ ମା' ମାନଙ୍କର ଜୀବନଶୈଳୀ ଶିଶୁମାନଙ୍କ ଦୁର୍ବଳତାର ମୁଖ୍ୟ କାରଣ ପାଲଟିଛି । ଗର୍ଭାବସ୍ଥାର ପ୍ରଥମ ତିନିମାସ ମହିଳା ମାନଙ୍କୁ ବାନ୍ତି, ମୁଣ୍ଡ ବୁଲାଇବା ସହିତ ହାଲିଆ ମଧ୍ୟ ଲାଗିଥାଏ । ସେମାନେ ଏହି ସମୟରେ ସୀମିତ ପରିମାଣର ଭୋଜନ କରିଥାନ୍ତି । ଏହାଦ୍ୱାରା ଭ୍ରୂଣକୁ କମ୍ ପୋଷଣ ମିଳିଥାଏ । ଗର୍ଭାବସ୍ଥାର ଶେଷ ତିନିମାସ ମହିଳାମାନେ ଅଧିକ ପୋଷଣଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ । ଏହି ସମୟରେ ଦିନକୁ ପା ଛଅ ଥର ଭୋଜନ କରିବା ଦରକାର । ସେଥିପାଇଁ କ୍ଷୀର, ମାଛ, ପ୍ରୋଟିନଯୁକ୍ତ ପରିବା, ଡାଲି ଆଦି ପ୍ରଚୁର ପରିମାଣରେ ଖାଆନ୍ତୁ । ଖାଦ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଗ୍ଲୁକୋଜ ପାଣିର ମହ ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିରେ ଗୁଡକୁ ମଧ୍ୟ ସାମିଲ କରନ୍ତୁ । ସୁସ୍ଥତା ଶିଶୁର ଓଜନ ବଢ଼ାଇବା ସହିତ ସୁସ୍ଥ ସବଳ ଶିଶୁ ମଧ୍ୟ ଜନ୍ମ ହୋଇଥାଏ । ଚିନ୍ତାରୁ ମୁକ୍ତି ପାଇବା ନିୟମିତ ପାଇଁ ବ୍ୟାୟାମ କରନ୍ତୁ ।

# କବ୍‌ଜ ଦୂର ପାଇଁ ସହଜ ଉପାୟ

କବ୍‌ଜ ଏକ ଏଭଳି ସମସ୍ୟା ଯାହା ସମ୍ବନ୍ଧରେ ଲୋକେ ଖୋଲି କଥାହୁଅନ୍ତି ନାହିଁ । ପେଟ ପରିଷ୍କାର ନହେଲେ ଶରୀରରେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥାଏ ଓ ପରେ ଏହା ଘାତକ ରୂପ ନେଇଥାଏ । ସାଧାରଣତଃ ବୟସ୍କ ବ୍ୟକ୍ତି ଓ ମହିଳାମାନଙ୍କ ଠାରୁ କବ୍‌ଜ ସମସ୍ୟା ଅଧିକ ଦେଖାଯାଏ । କବ୍‌ଜ ଦୂର ପାଇଁ କେତେକ ସହଜ ଘରୋଇ ଉପାୟ ରହିଛି । ଡାକ୍ତରଙ୍କ ନିକଟକୁ ଯିବା ପୂର୍ବରୁ ଏହି ଉପାୟ ଆପଣେଇ ପରୀକ୍ଷା କରିବା ଉଚିତ । ବେକିଂ ସୋଡ଼ା



ଦ୍ୱାରା କବଜ ସମସ୍ୟା ୯୫ ପ୍ରତିଶତ ଦୂର ହୋଇଥାଏ । ୧/୪ କପ୍ ପାଣିରେ ୧ ଛୋଟ ଚାମଚ ବେକିଂ ସୋଡ଼ା ଗୋଳାଇ ପିଇଦିଅନ୍ତୁ । ସେହିଭଳି ହାଲକା ଗରମ କ୍ଷୀରରେ ୩ଟି ଖଜୁର ପକାଇ ଏକ ସପ୍ତାହେ ଯାଏଁ ଖାଇଲେ କବ୍‌ଜ ସମସ୍ୟା ଦୂର ହୋଇଥାଏ । ୧ ଗ୍ଲାସ ଗରମ ପାଣିରେ ଗୋଟିଏ ଲେମ୍ବୁରସ ଚିପୁଡ଼ି ଏହି ପାଟିକୁ ପିଇ ଦିଅନ୍ତୁ ।

# ପିଜୁଳିର ଉପକାରିତା



ଭାରତୀୟ ଜଳବାୟୁରେ ପିଜୁଳି ଫଳ ସର୍ବତ୍ର ହୋଇଥାଏ । ବିଶେଷଜ୍ଞଙ୍କ ମତରେ ଏହି ଫଳରେ ପ୍ରଚୁର ପରିମାଣରେ ଭିଟାମିନ ଥିବା କାରଣରୁ ସମସ୍ତ ବୟସର ଲୋକେ ଏହାକୁ ଖାଇବା ଉପକାରୀ ।

- ପିଜୁଳି ପ୍ରତ୍ୟହ ଖାଇଲେ ପେଟରୋଗ ଦୂର ହେବା ସହ ପାଚନ କ୍ରିୟା ଉ ମ ହେଉଥିବାର ପ୍ରକପାଶ ।
- କୋଷ୍ଠକାଠିନ୍ୟ ଭୋଗୁଥିବା ଲୋକେ ସକାଳେ ପାଚିଲା ପିଜୁଳି ଗେଟିଏ କିମ୍ବା ଦୁଇଟି ଖାଇବା ଉପାକରୀ ।
- ପିଜୁଳି ଗଛରେ ପତ୍ରକୁ ବାଟି ଆଖି ତଳେ ଲଗାଇଲେ କଳା ଦାଗ ଦୂର ହୋଇଥାଏ ।
- ଏହାସହ ଏହି ପତ୍ରକୁ ଚୋବାଇଲେ ମୁଖ ଦୁର୍ଗନ୍ଧ ଦୂରହୁଏ ବୋଲି ବିଶେଷଜ୍ଞଙ୍କ ପ୍ରକାଶ କରିଚନ୍ତି ।
- ନପିୟମିତ ପିଜୁଳି ଖାଇଲେ ହୃଦଯନ୍ତ୍ର ଓ ମାଂସପେଶୀ ଶକ୍ତ ହୋଇଥାଏ ।
- ଏହି ଫଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ କେଶ ଓ ତ୍ୱଚାରେ ବିଶେଷ ଚମକ ଆସିଥାଏ ।
- ପିଜୁଳି ଖାଇଲେ କର୍କଟ ରୋଗ ହେବାର ଆଶଙ୍କା ଯଥେଷ୍ଟ କମ୍ ।
- ଏହି ଫଳରେ ଫାଇବର ପ୍ରଚୁର ପରିମାଣରେ ଥିବାରୁ ମଧୁମେହ ରୋଗୀ ଖାଇବା ମଧ୍ୟ ଉପକାରୀ ।

# ନଖ ସୌନ୍ଦର୍ଯ୍ୟ



- ନଖରେ ବେସ୍ କଟ ବ୍ୟବହା କରି ନେଲ୍ ପଲିସ୍ ଲଗାନ୍ତୁ, ଅଧିକ ଦିନ ପର୍ଯ୍ୟନ୍ତ ରଙ୍ଗ ରହିବା ଫିକା ପଡ଼ିବ ନାହିଁ । - ବାମରୁ ଡାହାଣ ଓ ପରେ ତଳୁ ଉପରୁ ରଙ୍ଗ ଲଗାନ୍ତୁ । - ନଖ ବାହାରେ ଲାଗିଥିବା ରଙ୍ଗ ଛଡ଼ାଇବା ପାଇଁ ନେଲ୍ ପଲିସ୍ ରିମୁଭର ବ୍ୟବହାର କରନ୍ତୁ । - ନେଲ୍ ପଲିସ୍ ଶୀଘ୍ର ଶୁଖାଇବାକୁ ଚାହୁଁଥିଲେ, ଥଣ୍ଡା ପାଣିରେ କିଛି ସମୟ ନଖ ବୁଡ଼ାଇ ରଖନ୍ତୁ । - ନେଲ୍ ପଲିସ୍ ଲଗାଇଥିଲେ ଉଷୁମ କିମ୍ବା ଗରମ ପାଣିରେ କାମ କରନ୍ତୁ ନାହିଁ । ଏହା ଦ୍ୱାରା ଶୀଘ୍ର ରଙ୍ଗ ଛାଡ଼ିଯାଏ, ନଖ ଟାଣହୁଏ ଓ ଫାଟେ ।

- ନଖରେ ଆଲମଣ୍ଡ ତେଲ ଲଗାନ୍ତୁ । ନଖ ନରମ ରହିବା ସହ ସୌନ୍ଦର୍ଯ୍ୟ ବଢ଼ିବ ।

# ମିଲ ମାଲିକ ଓ କର୍ମଚାରିଙ୍କୁ କୋଭିଡ ଟିକା ଦେବା ପାଇଁ ଦାବି

ଜୟପୁର,୨୫/୫ (ନି.ପ୍ର): କୋରାପୁଟ ଜିଲା ମିଲ ମାଲିକ ସଂଘ ତରଫରୁ ଜିଲାପାଳଙ୍କ ନିକଟରେ ମିଲ ମାଲିକ ଓ କର୍ମଚାରିଙ୍କୁ କୋଭିଡ ଟୀକା ଦେବା ନେଇ ଦାବି କରିଛନ୍ତି । ଏନେଇ ସଂଘ ତରଫରୁ ଜିଲା ଯୋଗାଣ ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଜିଲ୍ଲାର ବିଭିନ୍ନ ମଣ୍ଡି ଧାନ କିଣିବା ଠାରୁ ଆରମ୍ଭ କରି ଚାଉଳ ପ୍ରସ୍ତୁତ କରି ଏଫସିଆଇ ଓ ଚାଉଳ ସଂଗ୍ରହ କାରି କେନ୍ଦ୍ରକୁ ଯୋଗାଯାଉଛି । ବର୍ଷ ସାରା ଏହି କାର୍ଯ୍ୟ ନିୟୋଜିତ ହୋଇରହିଛୁ । ତେଣୁ କୋରନା ବ୍ୟାପିବା ଆଶଙ୍କା ରହିଛି ତେଣୁ ଜିଲା ପ୍ରଶାସନ ମିଲ ମାଲିକ ଓ କର୍ମଚାରୀଙ୍କୁ ତୁରନ୍ତ କୋଭିଡ ଭେକ୍ସିନ ଦେବା ପାଇଁ ସମ୍ପାଦକ ଗୋପାଳ ପଣ୍ଡା, ଅଧ୍ୟକ୍ଷ ଗିରିଜା ଶଙ୍କର ଦାସ ଦସ୍ତଖତ କରି ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏହାର ନକଲ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ପ୍ରଦାନ କରିଛନ୍ତି ।

# ମଦ ବ୍ୟବସାୟୀଙ୍କ ଠାରୁ ଫି ଛାଡ଼କୁ ଯୁବ କଂଗ୍ରେସର ଧାରଣା

କେନ୍ଦ୍ରାପଡ଼ା,୨୫/୫ (ନି.ପ୍ର): ରାଜ୍ୟ ସରକାର ମଦ ବ୍ୟବସାୟୀଙ୍କ ଠାରୁ ଫି ଛାଡ ର ନିଷ୍ପତି ପ୍ରତିବାଦ ରେ ରାଜ୍ୟ କଂଗ୍ରେସ କମିଟିର ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ମଦ ବ୍ୟବସାୟୀଙ୍କ ଉପରେ ଲାଇସେନ୍ସ ଫି ଛାଡ କରିବା ପ୍ରତିବାଦ ରେ ଯୁବ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳ ସଭାପତି ସତ୍ୟପ୍ରିୟ ସାମଲଙ୍କ ନେତୃତ୍ୱରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ୧ ଘଣ୍ଟା ଧାରଣା ଦେବା ସହ ମଦ ବ୍ୟବସାୟୀଙ୍କ ଠାରୁ ଫି ଛାଡ ପ୍ରତ୍ୟାହାର କରିବା ପାଇଁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ରାଜ ମୋହନ ସ୍ୱାଇଁ, ରାଜେଶ ଦାସ, ଚାନ୍ଦ ମିର୍ଜା, ରତୀକାନ୍ତ ସାମଲ, ସେକ ପରୱେଜ, ପ୍ରଦିପ ବିଶ୍ୱାଳ, ସେକ ଅମୀର, ସନ୍ତୋଷ ପାଣିଗ୍ରାହୀ, ଅଜୟ ଜେନା, ଚିନ୍ମୟୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ମାସ୍କ ଓ ସାନିଟାଇଜ ବଂଟନ କେଲେ ବିଧାୟକ ତାରା ପ୍ରସାଦ ବାହିନିପତ

ଜୟପୁର,୨୫/୫ (ନି.ପ୍ର): କରୋନା ମହାମାରୀ ଜୟପୁରରେ ଉଗ୍ରରୁ ଧାରଣ କରିଥିବାବେଳେ ବିଧାୟକ ତାରା ପ୍ରସାଦ ବାହିନିପତି ଲୋକଙ୍କୁ ସଚେତନ କରିଛନ୍ତି । ସମସ୍ତେ ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ ଆବଶ୍ୟକ ନହେଲେ ବାହାରକୁ ନବାହାରିବାକୁ ବିଧାୟକ ଅନୁରୋଧ କରିଛନ୍ତି । ସଚେତନ କରିବା ସହ ବିଧାୟକ ଜୟପୁର ସହରରେ ମାସ୍କ ଓ ସାନିଟାଇଜ ବଂଟନ କରିଛନ୍ତି । କୋରାପୁଟ ଜିଲ୍ଲା ସହ ଜୟପୁର ନିବାଚନ ମଣ୍ଡଳିରେ ଏପରି ବଂଟନ କରାଯିବ । ଜୟପୁର ନିର୍ବାଚନ ମଣ୍ଡଳିରେ ପାଖାପାଖି ୧ ଲକ୍ଷ ମାସ୍କ ଓ ସାନିଟାଇଜ ବଂଟନ କରାଯିବ ବୋଲି ବିଧାୟକ ବାହିନିପତି ସୂଚନା ଦେଇଛନ୍ତି । ସମସ୍ତ ମାସ୍କ ପିନ୍ଧିବା, ହାତ ଧୋଇବା, ଓ ସମ ଦୁରତା ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି । ଆଜି କାର୍ଯ୍ୟକ୍ରମରେ ନଗର ସଭାପତି ନରେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ବସନ୍ତ ନାୟକ,ନିହାର ବିଷୋୟୀ, ଗଙ୍ଗା ସାହୁ, ସତ୍ୟ ନାୟକ, ବିଶ୍ୱଜିତ ଦଣ୍ଡସେନା, ଡି. ଶ୍ରୀନୁ. ଏ ରମେଶ ରାଓ ତ୍ରିପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କୋରନାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ କୋଭିଡ ମୃତ୍ୟୁ ଦର୍ଶାଯାଉ -ବିଧାୟକ

ଜୟପୁର,୨୫/୫ (ନି.ପ୍ର): କୋରାପୁଟ ଜିଲ୍ଲା ସମେତ ଜୟପୁରରେ କୋରନା ମହାମରୀରେ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି । ପ୍ରତ୍ୟେକ ଦିନ ଜୟପୁରରେ ୪ରୁ ୫ ଜଣ କୋରନା ଆକ୍ରାନ୍ତ ମୃତ୍ୟୁବରଣ କରୁଛନ୍ତି । ଆଜି ସୁଦ୍ଧା ୪୦ରୁ ଅଧିକ ଜଣ ମୃତ୍ୟୁବରଣ କଲେଣି । କିନ୍ତୁ ପ୍ରଶାସନ ତରଫରୁ ୪ରୁ ୫ ଜଣ ରିପୋର୍ଟରେ ଦର୍ଶାଉଛନ୍ତି । ଏନେଇ ବିଧାୟକ ତାରା ପ୍ରସାଦ ବାହିନିପତି ଉଦବେଗ ପ୍ରକାଶ କରିଛନ୍ତି । କୋରନାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବିଶେଷଙ୍କୁ କୋଭିଡରେ ମୃତ୍ୟୁ ହୋଇଥିବା ନେଇ ସରକାର ଘୋଷଣା କରନ୍ତୁ । ବର୍ତମାନ ପ୍ରଶାସନ ତରଫରୁ କୋରନାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ହାର୍ଟ କିମ୍ବା ଅନ୍ୟ କୌଣସି ରୋଗରେ ମୃତ୍ୟୁବରଣ କରିଥିବା କହୁଛନ୍ତି । ଫଳରେ ମୃତବ୍ୟକ୍ତିଙ୍କ ପରିବାର କିଛି ସରକାର ସୁବିଧା ପାଇପାରୁ ନାହାଁନ୍ତି । ଘରର ମୁରବି, ରୋଜଗାରିଆ, ଲୋକଙ୍କ ମୃତ୍ୟୁ ହୋଉଥିବା ବେଳେ ଛୋଟ ପିଲା ତାଙ୍କ ଥିବାବେଳେ ସେମାନେ କିପରି ଜୀବନ ନିର୍ବାହ କରିବେବୋଲି ବିଧାୟକ ବାହନିପତି ପ୍ରଶ୍ନ କରିଛନ୍ତି । ତେଣୁ କୋଭିଡରେ ମୃତ୍ୟୁ ପ୍ରଶାସନ ଦେଖାଇଲେ ସେମାନେ କିଛି ସରକାରି ସୁବିଧା ପାଇଁ ପାରିଥାନ୍ତେ ବୋଲି ବିଧାୟକ ଦାବି କରିଛନ୍ତି । ତଥ୍ୟ ପ୍ରଶାସନ ଲୁଛାଉଛି କି ସରକାରଙ୍କ ନିଦ୍ଦେଷ ରହିଛି ସେ ଜାଣିପାରୁ ନଥିବା ମଧ ସେ କ୍ଷୋଭପ୍ରକାଶ କରିଛନ୍ତି । ତେଣୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ସେ ଦାବି କରିଛନ୍ତି ।

# ପୁଲିସ୍ ଓ ମଦ ମାଫିଆଙ୍କ ମଧୁଚନ୍ଦ୍ରିକା; ଚୋରା ଦେଶୀ ମଦ ବେପାରୀଙ୍କ ଘରେ ପଶିଲେ ମହିଳା

ଭଦ୍ରକ, ୨୫/୫ (ହି.ସ.) - ଏହି ଜିଲାର ସାବରଙ୍ଗ ଥାନା ଅଧୀନସ୍ଥ ଗୋରାମାଟି ଗ୍ରାମପ ।ୟତର ୮ନଂ ୱାର୍ଡର ଜେନାସାହି ଛକରେ କରୋନା ଜନିତ ସଟଡାଉନ୍ ଓ ଲକଡାଉନ୍‌ରେ ଚାଲିଛି ବେଆଇନ୍ ଚୋରା ଦେଶୀ ମଦ ବେପାର । ପ୍ରାୟ ୯ ମାସ ହେବ ଏହି ମାଫିଆମାନେ ଛକରେ ଖୋଲାଖୋଲି ଭାବେ ସେମାନଙ୍କର ବେପାର କରିଆସୁଥିବାବେଳେ ତାଲାବନ୍ଦ ବେଳେବି ଦିନରାତି ନିଜର ବ୍ୟବସାୟ ଜାରି ରଖିଛନ୍ତି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଏଥିନେଇ ସାବରଙ୍ଗ ଥାନାରେ ବହୁବାର ଅଭିଯୋଗ କରାଯାଉଥିଲେ ମଧ ମଦ ମାଫିଆଙ୍କ ସହ ସେମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ । ଏଣୁ ସ୍ଥାନୀୟ ମହିଳାମାନେ ମିଶି ଏଭଳି ଚୋରା ମଦ ବିକ୍ରି କରୁଥିବା ବେପାରୀଙ୍କ ଘରେ ପଶି ହରତାଳ କରିବା ସହ ମଦ ବିକ୍ରି ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଏହି ମଦ ମାଫିଆଙ୍କ ଚୋରା କାରବାର ସଂପର୍କରେ ପୁଲିସ୍‌କୁ ଖବର ଦିଆଯାଉଥିବାବେଳେ ପୁଲିସ୍ ପହଂଚିବା ପୂର୍ବରୁ ସେମାନେ ଫେରାର ହେଇଯାଉଛନ୍ତି । ଏହା ପୁଲିସ୍‌ର ମଦ ମାଫିଆଙ୍କ ସହ ଥିବା ମଧୁଚନ୍ଦ୍ରିକା ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।

# କରୋନାରେ ମୃତ୍ୟୁ ; ପ୍ରଶାସନ ସହଯୋଗରେ ଶବ ସତ୍କାର

ଭଦ୍ରକ, ୨୫/୫ (ହି.ସ.) - ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ନଳଗୋହିରା ଗ୍ରାମର ସୁବାଷ ଖଟୁଆ (୫୮) କିଛିଦିନ ପୂର୍ବରୁ କର୍କଟ ରୋଗରେ ପୀଡିତ ଥାଇ ଗତ ସପ୍ତାହ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ । ଡାକ୍ତରମାନେ ତାଙ୍କୁ କରୋନା ପଜିଟିଭ୍ ହୋଇଛି ବୋଲି କହିବା ପରେ ସେ ଘରେ ଆସି ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଛି । ଏହି ଖବର ପାଇ ଚାନ୍ଦବାଲି ତହସିଲଦାର ସୁଶାନ୍ତ କୁମାର ସୂତାର, ଅତିରିକ୍ତ ତହସିଲଦାର ବସନ୍ତ ମହାରଣା, ଚାନ୍ଦବାଲି ଥାନାଧିକାରିଣୀ ପ୍ରଜ୍ଞା ମହାନ୍ତି, ବିଡିଓ ଜ୍ୟୋତିବିକାଶ ଦାସ, ବାଂଶଡା ଥାନାଧିକାରୀ କରୁଣାକର ରାଉତ ଓ ନଳଗୋହିରା ସରପଂଚ ଆଶୁତୋଷ ଭୋଇ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଶବଟିର ସତ୍କାର କରାଇଥିଲେ । ଚାନ୍ଦବାଲି ତହସିଲଦାର ଶ୍ରୀ ସୂତାର ନିଜେ ପିପିଇ କିଟ୍ ପିନ୍ଧି ମୃତଦେହକୁ କାନ୍ଧରେ ବୋହିନେବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ପ୍ରଶାସନର ଏଭଳି ମହତ୍ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ୨୮ ଲକ୍ଷ ଟଙ୍କାର ୨୮୦ ଗ୍ରାମ ବ୍ରାଉନସୁଗାର ଜବତ, ବିଭିନ୍ନ ମାରଣାସ୍ତ୍ର ସହ ୩ ଗିରଫ

ଭଦ୍ରକ, ୨୫/୫ (ହି.ସ.) - ଆଜି ଭଦ୍ରକ ଗ୍ରାମାଂଚଳ ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ୧୬ନଂ ଜାତୀୟ ରାଜପଥର ଚରମ୍ପାସ୍ଥିତ ଧାମରା ବ୍ରିଜ୍ ତଳୁ ଏକ ସୁଜ୍‌କି ସ୍କୁଟରରେ ଆସୁଥିବା ୩ ଜଣ ଅଭିଯୁକ୍ତଙ୍କ ଠାରୁ ପ୍ରାୟ ବିପୁଳ ପରିମାଣର ବ୍ରାଉନସୁଗାର ସହ ମାରଣାସ୍ତ୍ର ଜବତ ହୋଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଗ୍ରାମାଳ ଥାନାଧିକାରୀ ଆଲୋକ ଜେନା କୌଣସି ସୂତ୍ରରୁ ଖବର ପାଇ ଧାମରା ବ୍ରିଜ୍ ତଳେ ପାଟ୍ରୋଲିଂ କରୁଥିବାବେଳେ ବାଲେଶ୍ୱର ଦିଗରୁ ଏକ ନମ୍ବର ବିହୀନ ସୁଜ୍‌କି ସ୍କୁଟରରେ ୩ ଜଣ ଯୁବକ ସନ୍ଦେହ ଜନକ ଅବସ୍ଥାରେ ଆସୁଥିବାବେଳେ ସେମାନେ ତାଙ୍କୁ ଅଟକାଇଥିଲେ । ପରେ ସେମାନଙ୍କ ନିକଟରୁ ପୁଲିସ୍ ୨୮୦ ଗ୍ରାମ ଓଜନର ବ୍ରାଉନସୁଗାର (ଯାହାର ଆନୁମାନିକ ମୂଲ୍ୟ ବଜାରରେ ୨୮ ଲକ୍ଷ ଟଙ୍କା ହେବ) ଓ ଗୋଟିଏ ବନ୍ଧୁକ, ୩ଟି ମୋବାଇଲ୍, ଗୋଟିଏ ଛୁରୀ, ଗୋଟିଏ କତା ଜବତ କରିଥିଲେ । ପରବର୍ତୀ ସମୟରେ ପୁଲିସ୍ ଗିରଫ ହୋଇଥିବା ଅପର୍ତିବିନ୍ଧା ମିରସାହିର ସେକ୍ ଇମ୍ରାନ, ଅସ୍ତଳର ମହେଶ ରାଉତ ଓ ଧୁଷୁରୀ ନରସିଂହପୁରର ଫକୀରମୋହନ ଜେନାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଏହି ୩ ଜଣଙ୍କ ମଧ୍ୟରୁ ଜଣଙ୍କ ନାମରେ ପୂର୍ବରୁ ବହୁ ଅପରାଧିକ ମାମଲା ରହିଥିବାବେଳେ ତାର ପତ୍ନୀ ମଧ ଏହି ଅପରାଧିକ କାର୍ଯ୍ୟରେ ସାମିଲ ରହିଛି । ଏହି ବିଷୟରେ ପୁଲିସ୍ ପକ୍ଷରୁ ଅଧିକ ତଦନ୍ତ ଚାଲିଛି ।

# କରୋନା ମହାମାରୀ ପରିପ୍ରେକ୍ଷୀରେ କିନ୍ନରମାନଙ୍କୁ କେନ୍ଦ୍ର ସରକାରଙ୍କ ସହାୟତା ଘୋଷଣା

ନୂଆଦିଲ୍ଲୀ,୨୫/୫ (ନି.ପ୍ର): ଦେଶ କରୋନା ସହ ଲଢୁଥିବା ସମୟରେ ସମାଜରେ ଥିବା କିନ୍ନରମାନଙ୍କର ଜୀବନ ଜୀବିକା ଗୁରୁତରଭାବେ ପ୍ରଭାବିତ ହୋଇଛି । ବର୍ତ୍ତମାନର ସ୍ଥିତିରେ ସମାଜର ଏହି ସଂଖ୍ୟାନ୍ୟୁନ ଗୋଷ୍ଠୀରେ ଆସୁଥିବା ଲୋକମାନେ ଖାଦ୍ୟ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତା ଯୋଗାଡ କରିବା କ୍ଷେତ୍ରରେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ତେଣୁ ପ୍ରତ୍ୟେକ କିନ୍ନରଙ୍କୁ ଦେଢ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । କିନ୍ନର ଗୋଷ୍ଠୀରେ ଆସୁଥିବା ବ୍ୟକ୍ତିମାନେ ବିଭିନ୍ନ ସମୟରେ ସରକାରଙ୍କୁ ଇ-ମେଲ ଏବଂ ଫୋନକଲ୍ କରି ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କ ଦୟନୀୟ ଅବସ୍ଥା ଜଣାଇବା ସହିତ ସହାୟତା ପାଇଁ ସରକାରଙ୍କୁ ନିବେଦନ କରିଥିଲେ । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ କିନ୍ନରମାନଙ୍କ କଲ୍ୟାଣ କ୍ଷେତ୍ରରେ ସାମାଜିକ ସହାୟତା ଦେଉଥିବା କେନ୍ଦ୍ର ସରକାରଙ୍କ ମୂଳ ସଂସ୍ଥା ହୋଇଥିବାରୁ ଜୀବନଜୀବିକା ପାଇଁ ସହାୟତା ବାବଦରେ ପ୍ରତ୍ୟେକ କିନ୍ନରଙ୍କୁ ସେମାନଙ୍କର ଜରୁରୀ ଆବଶ୍ୟକତା ପୂରଣ ପାଇଁ ଦେଢ ହଜାର ଟଙ୍କାର ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଆର୍ଥିକ ସହାୟତା ସେମାନଙ୍କ ଦୈନନ୍ଦିନ ଜୀବନର ଆବଶ୍ୟକତା ପୂରଣରେ ସହାୟକ ହେବ । କିନ୍ନରମାନଙ୍କ ପ୍ରଗତି ପାଇଁ କାମ କରୁଥିବା ବେସରକାରୀ ସଂଗଠନ ଏବଂ ଗୋଷ୍ଠୀଭିତ୍ତିକ ସଂଗଠନ ଗୁଡିକୁ ମଧ ଏ ସମ୍ପର୍କୀତ ସୂଚନା କିନ୍ନରମାନଙ୍କୁ ଦେବା ପାଇଁ ଅନୁରୋଧ କରାଯାଇଛି । ଏହି ଆର୍ଥିକ ସହାୟତା ପାଇବା ପାଇଁ ଆଧାର ସଂଖ୍ୟା, ବ୍ୟାଙ୍କ ଆକାଉଂଟ ଭଳି କେତେକ ତଥ୍ୟ ଯାଇ ଚଳିତମାସ ୩୧ତାରିଖ ସୁଦ୍ଧା ଆବେଦନ କରିବା ପାଇଁ ଜଣାଇ ଦିଆଯାଇଛି । ଏଥିପାଇଁ ଆବେଦନ ଫର୍ମ ମଧ ସାମାଜିକ ସୁରକ୍ଷା ରାଷ୍ଟ୍ରୀୟ ପ୍ରତିଷ୍ଠାନର ୱେବସାଇଟ୍ ?ରେ ମିଳିପାରିବ । ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଏହା ଏକ ସ୍ୱୟଂକ୍ରିୟ ସଂସ୍ଥା । ଏହି ସୂଚନାକୁ ସର୍ବାଧିକ ଲୋକଙ୍କ ନିକଟରେ ପହଂଚାଇବା ପାଇଁ ବେସରକାରୀ ସଂଗଠନ ଏବଂ ଗୋଷ୍ଠୀଭିତ୍ତିକ ସଂଗଠନଗୁଡିକୁ ଏହି ତଥ୍ୟ ସହିତ ଅନୁରୋଧ କରାଯାଇଛି । ଗତବର୍ଷ ମନ୍ତ୍ରଣାଳୟ ପକ୍ଷରୁ ଲକ୍ ?ଡାଉନ୍ ସମୟରେ କିନ୍ନରମାନଙ୍କୁ ଆର୍ଥିକ ସହାୟତା ଏବଂ ରେଶନ କିଟ୍ ଦିଆଯାଇଥିଲା । ଦେଶରେ ଥିବା ପ୍ରାୟ ୭ହଜାର କିନ୍ନରଙ୍କ ହିତ ଦୃଷ୍ଟିରୁ ମୋଟ ୯୮.୫୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଉଛି । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ କିନ୍ନର ଓ ତୃତୀୟଲିଙ୍ଗୀ ଗୋଷ୍ଠୀରେ ଆସୁଥିବା ବ୍ୟକ୍ତିମାନଙ୍କ ମାନସିକ ସ୍ଥିତିକୁ କରୋନାଜନିତ ପରିସ୍ଥିତିରେ ସୁଦୃଢ କରିବା ପାଇଁ ପରାମର୍ଶ ସେବା ଯୋଗାଇବା ନିମନ୍ତେ ମଧ ମନ୍ତ୍ରଣାଳୟ ଘୋଷଣା କରିଛି । ହେଲପ୍ ଲାଇନ ନମ୍ବର ୮୮୮୨୧୩୩୮୯୭ରୁ ଏହି ପରାମର୍ଶ ନେଇପାରିବ । ଏହି ନମ୍ବର ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟାଠାରୁ ଗୋଟାଏ ପର୍ଯ୍ୟନ୍ତ ଏବଂ ଅପରାହ୍ନ ୩ଟାଠାରୁ ୫ଟା ପର୍ଯ୍ୟନ୍ତ କାମ କରୁଛି । ତୃତୀୟ ଲିଙ୍ଗୀମାନଙ୍କ ମାନସିକ ସ୍ଥିତିକୁ ସୁଦୃଢ କରିବା ପାଇଁ ବୃତ୍ତିଗତ ମନସ୍ତତ୍ୱବିତ୍ ମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଉଛି । ଆହୁରି ମଧ କୋଭିଡ-୧୯ ଟିକାଦାନ କେନ୍ଦ୍ରମାନଙ୍କରେ କୌଣସି ବାଛବିଚାର ନ ରଖି କିନ୍ନରମାନଙ୍କୁ ଟିକାଦେବା ସୁଯୋଗ ନିଶ୍ଚିତ କରିବାକୁ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କୁ ଏହି ମନ୍ତ୍ରଣାଳୟ ଚିଠି ମାଧ୍ୟମରେ ଅନୁରୋଧ କରିଛି । ସେମାନଙ୍କ ମାତୃଭାଷାରେ କିନ୍ନରମାନଙ୍କୁ ଏ ସମ୍ପର୍କରେ ସୂଚନା ଦେବା ପାଇଁ ଜନଚେତନା ସୃଷ୍ଟି କରିବାକୁ ମଧ ଏଥିରେ ଉଲ୍ଲେଖ କରାଯାଇଛି । ହରିୟାନା ଏବଂ ଆସାମରେ ଏହି ଗୋଷ୍ଠୀ ଲୋକଙ୍କ ପାଇଁ ସ୍ୱତନ୍ତ୍ର ମୋବାଇଲ ଭ୍ୟାନରେ ଏବଂ ସ୍ୱତନ୍ତ୍ର ଟିକାଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଥିବାରୁ ଏହିଭଳି ସ୍ୱତନ୍ତ୍ର ପଦକ୍ଷେପ ମାଧ୍ୟମରେ କିନ୍ନରମାନଙ୍କୁ ଟିକା ଦେବା ପାଇଁ ମଧ ଅନୁରୋଧ କରାଯାଇଛି ।

# ଟିକାକରଣ ଅଭିଯାନର ତୃତୀୟ ପର୍ଯ୍ୟାୟରେ ୧୮.୪୪ ବର୍ଷ ବର୍ଗର ଲୋକଙ୍କୁ ୧ କୋଟିରୁ ଅଧିକ ଡୋଜ୍ ଟିକା ଦେଇ ଭାରତ ନୂଆ ମାଇଲଖୁଂଟ ହାସଲ କରିଛି

## କ୍ରମାଗତ ଏକାଦଶ ଦିନରେ ଦୈନିକ ସୁସ୍ଥଙ୍କ ସଂଖ୍ୟା ଦୈନିକ ନୂଆ ମାମଲା ଠାରୁ ଅଧିକ ରହିଛି

## କ୍ରମାଗତ ଅଷ୍ଟମ ଦିନରେ ଦୈନିକ ନୂଆ ମାମଲା ୩ ଲକ୍ଷରୁ କମ୍ ରହିଛି

## ସାପ୍ତାହିକ ପଜିଟିଭିଟି ହାର ୧୨.୬୬%କୁ ହ୍ରାସ ପାଇଛି




ନୂଆଦିଲ୍ଲୀ,୨୫/୫ (ନି.ପ୍ର): କୋଭିଡ-୧୯ ମହାମାରୀ ବିରୋଧରେ ଲଢ଼େଇରେ ଭାରତ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି । ଟିକାକରଣ ଅଭିଯାନର ତୃତୀୟ ପର୍ଯ୍ୟାୟରେ ୧୮-୪୪ ବର୍ଷ ବର୍ଗର ୧ କୋଟି (୧,୦୬,୨୧,୨୩୫) ରୁ ଅଧିକ ଲୋକଙ୍କୁ ଟିକା ଦିଆଯାଇପାରିଛି । କୋଭିଡ ମହାମାରୀକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ଟେଷ୍ଟ, ଟ୍ରାକ, ଟ୍ରିଟ ଏବଂ ଆବଶ୍ୟକ ଚିକିତ୍ସା ସହ ଟିକାକରଣକୁ ମଧ ଭାରତ ସରକାର ଗୁରୁତ୍ୱ ଦେଇ ଆସିଛନ୍ତି । ୨୦୨୧ ମେ ୧ ତାରିଖରୁ କୋଭିଡ-୧୯ ଟିକାକରଣର ତୃତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ଦେଶବ୍ୟାପୀ ଟିକାକରଣ ଅଭିଯାନର ତୃତୀୟ ପର୍ଯ୍ୟାୟରେ ଆଜି ସୁଦ୍ଧା ମୋଟ ୧୯.୬୦ କୋଟିରୁ ଅଧିକ ଡୋଜ୍ ଟିକା ଦିଆଯାଇଛି । ଆଜି ସକାଳ ୭ଟା ସୁଦ୍ଧା ୨୮,୧୬,୭୨୫ ସେସନରେ ମୋଟ ୧୯,୬୦,୫୧,୯୬୨ ଡୋଜ୍ ଟିକା ଦିଆଯାଇଛି । ଏହା ମଧ୍ୟରେ ରହିଛି, ୯୭,୬୦,୪୪୪ ଜଣ ଏଚସିଡବ୍ଲୁଙ୍କୁ ପ୍ରଥମ ଡୋଜ୍, ୬୭,୦୬,୮୯୦ ଜଣ ଏଚସିଡବ୍ଲୁଙ୍କୁ ଦ୍ୱିତୀୟ ଡୋଜ୍, ୧,୪୯,୯୧,୩୫୭ ଜଣ ଏଫଏଲଡବ୍ଲୁଙ୍କୁ ପ୍ରଥମ ଡୋଜ୍, ୮୩, ୩୩, ୭୭୪ ଜଣ ଏଫଏଲଡବ୍ଲୁଙ୍କୁ ଦ୍ୱିତୀୟ ଡୋଜ୍, ୧୮-୪୪ ବର୍ଷ ବୟସ ବର୍ଗର ୧, ୦୬, ୨୧, ୨୩୫ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୪୫ରୁ ୬୦ ବର୍ଷ ବୟସ ମଧ୍ୟରେ ୬,୦୯,୧୧,୭୫୬ ଜଣଙ୍କୁ ପ୍ରଥମ ଡୋଜ୍ ଓ ୯୮, ୧୮, ୩୮୪ ଜଣଙ୍କୁ ଦ୍ୱିତୀୟ ଡୋଜ୍ । ୬୦ ବର୍ଷ ବୟସରୁ ଅଧିକ ବୟସର ୫,୬୬, ୪୫, ୪୫୭ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୧, ୮୨, ୬୨, ୬୬୫ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି । କ୍ରମାଗତ ଏକଦଶ ଦିନରେ ବି ଭାରତରେ କରୋନାରୁ ଦୈନିକ ସୁସ୍ଥଙ୍କ ସଂଖ୍ୟା ନୂଆ କରୋନା ମାମଲାକୁ ପଛରେ ପକାଇପାରିଛି । ଗତ ୨୪ ଘଂଟା ମଧ୍ୟରେ ଦେଶରେ ୩,୦୨,୫୪୪ ଜଣ ସୁସ୍ଥ ହୋଇଛନ୍ତି । ଆଜି ଭାରତରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨, ୩୭,୨୮,୦୧୧ ରେ ପହଂଚିଛି । ଜାତୀୟ ସୁସ୍ଥତା ହାର ଏବେ ବୃଦ୍ଧି ପାଇ ୮୮.୬୯%ରେ ପହଂଚିଛି । ନୂଆ ସୁସ୍ଥଙ୍କ ମଧ୍ୟରୁ ୭୨.୨୩% ସୁସ୍ଥ ହୋଇଛନ୍ତି ଦଶଟି ରାଜ୍ୟରୁ ।

# ପୂର୍ବତଟ ରେଳପଥ ପକ୍ଷରୁ ୧୦୦ ରୁ ଉର୍ଦ୍ଧ ଅକ୍ସିଜେନ ଏକ୍ସପ୍ରେସ ଟ୍ରେନର ପରିଚାଳନା କରିଛି

ଭୁବନେଶ୍ୱର,୨୫/୫ (ନି.ପ୍ର): ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ୩୫ ଟି ଅମ୍ଳଜାନ ଭର୍ତି ସ୍ୱତନ୍ତ୍ର ଟ୍ରେନ୍ ଦେଶର ବିଭିନ୍ନ ରାଜ୍ୟକୁ ପଠାଯାଇଅଛି । ୨୨୫୨.୦୭ ଟନ୍ ତରଳ ମେଡିକାଲ୍ ଅମ୍ଳଜାନ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ପରିବହନ କରାଯାଇଅଛି । ଦକ୍ଷିଣ ପୂର୍ବ ଏବଂ ପୂର୍ବ ରେଳପଥରୁ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ୩୩ ଟି ଅମ୍ଳଜାନ ଭର୍ତି ଏକ୍ସପ୍ରେସ୍ ସ୍ପେସିଆଲ୍ ଗ୍ରୀନ୍ କରିଡର ଦେଇ ଗନ୍ତବ୍ୟ ସ୍ଥଳ ପାଇଁ ଯାତାୟାତ କରିଛି । ତରଳ ମେଡିକାଲ୍ ଅମ୍ଳଜାନ ଲୋଡିଂ ପାଇଁ ୩୮ ଟି ଖାଲି ଅମ୍ଳଜାନ ଏକ୍ସପ୍ରେସ ଟ୍ରେନ୍ ଏହି ଜୋନ୍ ଦେଇ ଚଳାଚଳ କରିଛି । ଅକ୍ସିଜେନ ଏକ୍ସପ୍ରେସ ଗନ୍ତବ୍ୟସ୍ଥଳକୁ ଯିବା ବାଟରେ ଟ୍ରେନର କର୍ମଚାରୀ ଓ ସହାୟକ ସଦସ୍ୟମାନଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ଖାଦ୍ୟ ପ୍ୟାକେଟ୍ ବ୍ୟବସ୍ଥା କରାଯାଉଅଛି । ପୂର୍ବତଟ ରେଳପଥ ମଧ୍ୟରେ ଅମ୍ଳଜାନ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ପ୍ରାଥମିକତା ଦିଆଯାଇଛି । ମହାମାରୀ ସମୟରେ ଅମ୍ଳଜାନ ଅଭାବ ଥିବା ରାଜ୍ୟମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ସହାୟତା ଏବଂ ରିଲିଫ୍ ଯୋଗାଇବା ପାଇଁ ଭାରତୀୟ ରେଳବାଇ ଦେଶର ବିଭିନ୍ନ ପ୍ରାନ୍ତରୁ ଅମ୍ଳଜାନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନ୍ ଚଳାଚଳ କରୁଅଛି । ଜାତୀୟ ପରିବହନକାରୀ ଭାରତୀୟ ରେଳବାଇ ଦ୍ୱାରା ଏପର୍ଯ୍ୟନ୍ତ ୧୫୦୦୦ ଟନ ଅମ୍ଳଜାନ ପରିବହନ କରାଯାଇଛି । କୋଭିଡ୍୧୯ ସଂକ୍ରମଣ ଯୋଗୁଁ ସଙ୍କଟାପନ୍ନ ପରିସ୍ଥିତିରେ ପୂର୍ବ ତଟ ରେଳପଥ ରୋଗୀ ମାନଙ୍କ ଜୀବନ ରକ୍ଷା ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ତରଳ ମେଡିକାଲ ଅମ୍ଳଜାନ ପରିବହନ କରିବା କ୍ଷେତ୍ରରେ ଏକ ଅଗ୍ରଣୀ ରେଳପଥ ହୋଇ ପାରିଛି । ଆଜି ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ବିଭିନ୍ନ ଷ୍ଟିଲ ପ୍ଲାଂଟରୁ ଦେଶର ବିଭିନ୍ନ ରାଜ୍ୟକୁ ପ୍ରାୟ ୨୨୫୨ ଟନ ତରଳ ମେଡିକାଲ ଅମ୍ଳଜାନ ବିଭିନ୍ନ ରାଜ୍ୟକୁ ପରିବହନ କରି ସାରିଲାଣି । ଭାରତୀୟ ରେଳବାଇ ଦ୍ୱାରା ପ୍ରଥମ ଅମ୍ଳଜାନ ଏକ୍ସପ୍ରେସ ଚଳାଚଳ ଠାରୁ ତଥା ୨୨ ଏପ୍ରିଲ, ୨୦୨୧ ରୁ ଆରମ୍ଭ ହୋଇଥିଲା ଯେତେବେଳେ ରାଷ୍ଟ୍ରିୟ ଇସ୍ପାତ ନିଗମ ଲିମିଟେଡ୍, ବିଶାଖାପାଟନମ୍ ରୁ ମହାରାଷ୍ଟ୍ର ର ନାସିକକୁ ଅମ୍ଳଜାନ ପରିବହନ କରାଯାଇଥିଲା । ବର୍ତମାନ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ନିଜ ପରିସୀମା ମଧ୍ୟରୁ ପ୍ରାୟ ୧୦୬ ଟି ଅମ୍ଳଜାନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନ୍ ପରିଚାଳନା କରିଛି, ସେଥିମଧ୍ୟରୁ ୩୫ ଟି ଅମ୍ଳଜାନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନ୍ ତରଳ ମେଡିକାଲ୍ ଅମ୍ଳଜାନ ଧାରଣ କରି ଏହାର ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ରାଜ୍ୟକୁ ପରିବହନ କରାଯାଇଅଛି । ଦକ୍ଷିଣ ପୂର୍ବ ରେଳପଥ ଏବଂ ପୂର୍ବ ରେଳପଥରୁ ୩୩ ଟି ଅମ୍ଳଜାନ ଭର୍ତି ଏକ୍ସପ୍ରେସ ଟ୍ରେନ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ପରିଚାଳିତ ହୋଇଅଛି । ଦୁର୍ଗାପୁର, ଟାଟାନଗର, ଏବଂ ରାଉରକେଲାରୁ ସିକନ୍ଦରାବାଦ, ଚେନ୍ନାଇ ଏବଂ ବାଙ୍ଗାଲୋର ଅଭିମୁଖେ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ତରଳ ମେଡିକାଲ ଅକ୍ସିଜେନ ଏକ୍ସପ୍ରେସ ଯାତାୟାତ କରୁଅଛି । ଏହା ବ୍ୟତୀତ, ତରଳ ମେଡିକାଲ ଅକ୍ସିଜେନ ଭରିବା ପାଇଁ ବିଭିନ୍ନ ଲୋଡିଂ ପଏଣ୍ଟରେ ପହଂଚିବା ପାଇଁ ପ୍ରାୟ ୩୮ ଟି ଖାଲି ଅମ୍ଳଜାନ ଏକ୍ସପ୍ରେସ ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଚଳାଚଳ କରିଅଛି । ପୂର୍ବତଟ ରେଳପଥ ଦ୍ୱାରା ୫୪୫.୩୧ ଟନ୍ ତରଳ ମେଡିକାଲ ଅକ୍ସିଜେନ ମହାରାଷ୍ଟ୍ରକୁ, ୮୪୨.୪ ଟନ୍ ଦିଲ୍ଲୀ ଏବଂ ହରିୟାଣାକୁ, ୧୧୭.୯ ଟନ୍ କେରଳକୁ, ୫୦୫.୪୪ ଟନ୍ ତେଲେଙ୍ଗାନାକୁ, ୧୨୦ ଟନ୍ ତାମିଲନାଡୁକୁ ଏବଂ ୧୨୦.୯୮ ଟନ୍ କର୍ଣ୍ଣାଟକକୁ ପରିବହନ କରାଯାଇଅଛି । ବିଭିନ୍ନ ରାଜ୍ୟକୁ ଯାଉଥିବା ସମସ୍ତ ଅମ୍ଳଜାନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନର କର୍ମଚାରୀ ମାନଙ୍କ ସହିତ ସହାୟକ ସଦସ୍ୟଙ୍କ ପାଇଁ ଖାଦ୍ୟ ପ୍ୟାକେଟ ଏବଂ ପାଣି ବୋତଲ ଯୋଗାଉଛି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଯୋଗାଇଦିଆଯାଉଅଛି । ଏହି ସଦସ୍ୟଙ୍କ ବ୍ୟତୀତ ଟ୍ରେନରେ ପରିବହନ ହେଉଥିବା ରୋଡ୍ ଯାନଗୁଡିକର କର୍ମଚାରୀମାନଙ୍କୁ ମଧ ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରେ ବିଶେଷ ଧ୍ୟାନ ଦିଆଯାଉଅଛି । ଅନୁଗୁଳ ସ୍ଥିତ ଟାଟା ଭୂଷଣ ଲିମିଟେଡ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ଏବଂ କଳିଙ୍ଗ ନଗର ସ୍ଥିତ ଟାଟା ଷ୍ଟିଲ ଲିମିଟେଡ ଭଳି ଇସ୍ପାତ କାରଖାନା ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅମ୍ଳଜାନ ବୋଝେଇ ଓ ପରିବହନ କ୍ଷେତ୍ରରେ ପ୍ରମୁଖ ଅବଦାନ ରଖିଛନ୍ତି । ବର୍ତମାନ ପର୍ଯ୍ୟନ୍ତ, ୧୨୪ ଟ୍ୟାଙ୍କରରେ ଲୋଡ୍ ହୋଇଥିବା ୩୧ ଟି ଅକ୍ସିଜେନ ଏକ୍ସପ୍ରେସ ଟ୍ରେନ୍ ଏହି ମହାମାରୀରେ ରୋଗୀଙ୍କ ଜୀବନ ବଂଚାଇବା ପାଇଁ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ରାଜ୍ୟକୁ ତରଳ ମେଡିକାଲ ଅକ୍ସିଜେନ ଯୋଗାଇବାରେ ବ୍ୟବହାର କରାଯାଇଅଛି । ବର୍ତମାନ ପର୍ଯ୍ୟନ୍ତ, ୧୪୦ ଟ୍ୟାଙ୍କରରେ ଲୋଡ୍ ହୋଇଥିବା ୩୫ ଅମ୍ଳଜାନ ଏକ୍ସପ୍ରେସ ଟ୍ରେନ୍ ଏହି ମହାମାରୀରେ ରୋଗୀଙ୍କ ଜୀବନ ବଂଚାଇବା ପାଇଁ ଇଷ୍ଟକୋଷ୍ଟ ରେଲୱେ ପ୍ରାଧିକରଣରୁ ବିଭିନ୍ନ ରାଜ୍ୟକୁ ଏଲଏମଓ ଯୋଗାଇବା ପାଇଁ ବ୍ୟବହାର କରିଛନ୍ତି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅକ୍ସିଜେନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନର ସୁରକ୍ଷିତ ଚଳାଚଳ ଏବଂ ଏହି ଟ୍ରେନଗୁଡ଼ିକୁ ଶୀଘ୍ର ଗନ୍ତବ୍ୟ ସ୍ଥାନ ଗୁଡିକରେ ପହଂଚାଇବା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରାଯିବା ସହିତ ଏହି ଅଂଚଳକୁ ଗ୍ରୀନ କରିଡର ଘୋଷଣା କରାଯାଇଅଛି । ଏହା ବ୍ୟତୀତ, ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଦେଶର ବିଭିନ୍ନ ଷ୍ଟିଲ୍ ପ୍ଲାଂଟଗୁଡିକରୁ ଗନ୍ତବ୍ୟ ସ୍ଥାନକୁ ପରିବହନ କରାଯାଉଥିବା ଅମ୍ଳଜାନ ସ୍ୱତନ୍ତ୍ର ଟ୍ରେନ୍ ଗୁଡିକର ମଧ ନିରାପଦ ଚଳାଚଳକୁ ମଧ ପ୍ରାଧାନ୍ୟ ଦିଆଯାଇଛି ।

# ବାତ୍ୟା ଭୟ; ସାମଗ୍ରୀ କ୍ରୟ ପାଇଁ ବଜାରରେ ଗହଳି, ଅଟକିଲା ଆମ୍ବୁଲାନ୍ସ

ଭଦ୍ରକ, ୨୫/୫ (ହି.ସ.) - ଗତ ଦୁଇ ଦିନର ସଡଡାଉନ ସହ ବାତ୍ୟା ଭୟରେ ସାମଗ୍ରୀ କ୍ରୟ ପାଇଁ ଆଜି ଭଣ୍ଡାରିପୋଖରୀ, ମଞ୍ଜୁରୀରୋଡ, ବାରିକପୁର ବଜାରରେ ନାହିଁନଥିବା ଭିଡ ପରିଲକ୍ଷିତ ହୋଇଛି । ମଞ୍ଜୁରୀରୋଡ ବଜାରରେ ଟ୍ରାଫିକ ସମସ୍ୟା ଉପୁଜି ଆମ୍ବୁଲାନ୍ସକୁ ଅଟକିବାକୁ ପଡିଥିଲା । ଏକ ୧୦୨ ଆମ୍ବୁଲାନ୍ସ ବଜାର ଛକରୁ ଡାକ୍ତରଖାନା ଛକୁ ଯିବାକୁ ପ୍ରାୟ ଅଧଘ । ସମୟ ଲାଗିଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି । ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଏକାଧିକ ଲୋକ ପୋଷ୍ଟ କରିଥିବା ଜଣାଯାଇଛି । ଏପରିକି ସ୍ଥାନୀୟ ପୁଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିଥିଲା ବୋଲି ଭିଡିଓରୁ ସ୍ପଷ୍ଟ ହୋଇଛି । ଅସଂଖ୍ୟ ବାଇକ ବଜାର ରାସ୍ତାରେ ପାର୍କିଂ କରି ଅବରୋଧ କରିବା ସାଙ୍ଗକୁ ସାମାଜିକ ଦୂରତାକୁ ଭୁଲିଥିଲେ । ବହୁଲୋକ ମାସ୍କ ମଧ ବ୍ୟବହାର କରିନଥିବା ଜଣାଯାଇଛି । ଏହାର ଫାଇଦା ନେଇ ପରିବା ବ୍ୟବସାୟୀମାନେ ପନିପରିବା ଦରକୁ ଦେଢଗୁଣା ଦରରେ ବିକ୍ରୟ କରୁଥିବା ବେଳେ ଲୋକେ ଅଯଥାରେ ଛାନିଆ ହୋଇ କିଣିପକାଉଥିବା ଦେଖିବାକୁ ମିଳିଥିଲା । ବାତ୍ୟା ପାଇଁ କୋଭିଡ କଟକଣାକୁ ଭୁଲିବା ସମୀଚୀନ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତ ଦେବା ସହ ପୁଲିସ ଏଥିପାଇଁ ଜନ ସହଯୋଗ ଲୋଡିଛି ।

# ସ୍ୱର୍ଗତ ରଘୁନାଥ ମହପାତ୍ରଙ୍କ ସହଧର୍ମଣୀ ନିକଟକୁ ଶୋକବାର୍ତା ପତ୍ର ପଠାଇଲେ ସୋନିଆ ଗାନ୍ଧୀ

ଭୁବନେଶ୍ୱର,୨୫/୫ (ନି.ପ୍ର): ଓଡ଼ିଶାର ସଂସ୍କୃତି, କଳା ଓ ଭାସ୍କର୍ଯ୍ୟକୁ ସାରା ବିଶ୍ୱ ଦରବାରରେ ଅଧିକ ଆଦୃତି ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଓ ସେ କ୍ଷେତ୍ରରେ ଆଜୀବନ ପ୍ରଚେଷ୍ଟା ଜାରିରଖିଥିବା ଖ୍ୟାତନାମା ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ତାଙ୍କର ଦୁଇ ସୁପତ୍ର ପ୍ରଶାନ୍ତ ଓ ଯଶୋବନ୍ତଙ୍କର କରୋନା ଜନିତ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ଅଖିଳ ଭାରତ କଂଗ୍ରେସ କମିଟିର ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ସ୍ୱର୍ଗତ ମହାପାତ୍ରଙ୍କ ସହଧର୍ମଣୀ ଶ୍ରୀମତୀ ରଜନୀ ମହାପାତ୍ରଙ୍କ ନିକଟଙ୍କୁ ଏକ ପତ୍ର ପ୍ରେରଣ କରିଛନ୍ତି । ରଘୁନାଥ ମହାପାତ୍ରଙ୍କ ଭୁବନେଶ୍ୱର ସ୍ଥିତ ବାସଭବନକୁ ଯାଇ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ନାତି ସ୍ମିତେଶ ମହାପାତ୍ରଙ୍କୁ ଶୋକବାର୍ତାଟି ପ୍ରଦାନ କରିଛନ୍ତି । ଶ୍ରୀମତୀ ଗାନ୍ଧୀ ଏହି ଦୁଃଖଦ ପରିସ୍ଥିତି ପାଇଁ ଗଭୀର ଆବେଗ ପ୍ରକାଶ କରିବା ସହ ପରିବାର ଦୁଃଖ ଓ ଯନ୍ତ୍ରଣାକୁ ହୃଦୟରେ ଅନୁଭବ କରିଛନ୍ତି ବୋଲି ଏହି ପତ୍ରରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ରଜନୀ ମହାପାତ୍ରଙ୍କର ସ୍ୱାମୀ ଓ ଦୁଇ ସନ୍ତାନ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ପାରଦର୍ଶିତା ଓ ସୁନାମ ଲାଭ କରିଥିଲେ । ଭବିଷ୍ୟତରେ ସମାଜକୁ ସେମାନେ ଅନେକ କିଛି ଅବଦାନ ଦେବାର ମଧ ଥିଲା । ଏଭଳି ଦୁଃସମୟରେ ସମବେଦନା ଜ୍ଞାପନ କରିବା ପାଇଁ ଆମ ପାଖରେ ଶବ୍ଦ ନାହିଁ । କିନ୍ତୁ ଏହି ଅପୁରଣୀୟ କ୍ଷତିକୁ ସହ୍ୟ କରିବାକୁ ଈଶ୍ୱର ତାଙ୍କର ପରିବାରକୁ ସାହାସ ଓ ଶକ୍ତି ଦେବାକୁ ଶ୍ରୀମତୀ ଗାନ୍ଧୀ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇଛନ୍ତି ।

# ବାରିପଦାରେ ଜନସେବାକୁ ନେଇ ଚର୍ଚ୍ଚାରେ ପୂର୍ବତନ ଉପନଗରପାଳ



ବାରିପଦା,୨୫/୦୫ (ନି.ପ୍ର): ନେତାଙ୍କର ପ୍ରଧାନ କାମ ହେଉଛି ଜନସେବା । ଜନସେବା କଥାକହି ରାଜନିତିର ସାଶନ ଗାଦିରେ ବସିଥିବା ନେତାମାନେ ଅନେକ ସମୟରେ ନିଜର ଦାୟୀତ୍ୱ ଓ କର୍ତ୍ତବ୍ୟ ଭୁଲି ଯାଉଥିବା ବେଳେ, ଏବେର କଳୁଷିତ ରାଜନିତିରେ ବହୁ ବେପାରୀ ଓ ଠିକାଦାରଙ୍କ ଅନୁପ୍ରବେଶ ପାଇଁ ଧିରେଧିରେ ରାଜନିତିରୁ ସେବା ଦୂରେଇ ଯାଉଛି । ଯଦିଓ ବହୁନେତା ଲୋକ ଦେଖାଣିଆ ଜନସେବା କରି ସୋସିଆଲ ମିଡିଆରେ ସକ୍ରୀୟ ରହିବାକୁ ଚାହୁଁଛନ୍ତି କିନ୍ତୁ ଅସଲ ବେଳାରେ ସେମାନଙ୍କରବି ଦେଖା ନାହିଁ । କରୋନାର ପ୍ରଥମ ଲହର ସମୟରେ ବହୁ ନେତା କର୍ମୀ ସମାଜସେବୀ ମାନେ ଗାଁ ଗାଁରେ ଗରୀବ ଅସହାୟଙ୍କୁ ଖାଦ୍ୟ, ମାସ୍କ, ସାବୁନ ଇତ୍ୟାଦି ବାଂଟି ସୋସିଆଲ ମିଡିଆରେ ବେଶ ଫୋଟଛାଡି ବାହାବା ନେଉଥିଲେ । କିନ୍ତୁ କରୋନାର ୨ୟ ଲହର ବେଶ ମାରାତ୍ମକ ହୋଇଥିବା ବେଳେ, ବହୁ ଗରୀବ ମଧ୍ୟବିତ୍ତ ଲୋକେ ସେମାନଙ୍କର ରୋଜଗାର ହରାଇ ଅଭାବ ଅସୁବିଧାରେ କାଳାତିପାତ କରୁଥିବା ବେଳେ, ଏବେ ଜୀବନ ଭୟରେ ନେତାଙ୍କ ଦେଖା ମିଳିବା ମୁସ୍କିଲ ହେଲାଣି । ନେତା ଙ୍କୁ ଭୋଟଦେଇ ନିର୍ବାଚିତ କରିଥିବା ଜନତାର ଦୁଃଖ ବୁଝିବାକୁ ନେତା ଆଜି ପ୍ରାଧାନ୍ୟ ନଦେଇ ନିଜ ଧନ ଜୀବନର ସୁରକ୍ଷାରେ ବ୍ୟସ୍ତ ରହିଥିବାର ପରିଲକ୍ଷିତ ହେଉଛି । ଏହାକୁ ନେଇ ଜିଲ୍ଲାର ବୁଦ୍ଧିଜିବୀ ମଧ ପ୍ରଶ୍ନ ଉଠାଇଲେଣି । ତେବେ ଆଜିର ଘଡିସନ୍ଧି ମୁହୁର୍ତ୍ତରେ ମଧ ବାରିପଦାର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି (ନଛି) ପୂର୍ବବତ ପ୍ରତିଦିନ ସକାଳେ ସହରରେ ସଫେଇ କରିବା ସହିତ ଅସହାୟ ତଥା ସମସ୍ୟାରେ ପଡିଥିବା ଅଭାବୀ ମଣିଷ ମାନଙ୍କ ପାଖ କୁ ପହଂଚି ସେମାନଙ୍କର ଦୁଃଖରେ ସହଭାଗୀ ହେବା ସହ ଭୋକିଲାକୁ ଖାଦ୍ୟ, ଘରଭାଙ୍ଗି ଯାଇଥିଲେ ପଲିଥିନ, ଏପରିକି ପଶୁପକ୍ଷୀଙ୍କର ସେବାସହ ସେମାନଙ୍କୁ ମଧ ଖାଦ୍ୟ ନିଜ ପକେଟ ଅର୍ଥରୁ ଖର୍ଚ୍ଚ କରିଥାନ୍ତି । ସବୁଜ ସୁନ୍ଦର ବାରିପଦା ନାମକ ସଂଗଠନରେ ସକ୍ରିୟ ରହି ସହରକୁ ସଫା ସୁତୁରା କରିବା ସହ ବୃକ୍ଷରୋପଣ କରିବା, ସହର ରେ ମଲା ଜୀବଜନ୍ତୁ ପଡିଥିବାର ଖବର ପାଇଲେ ମଧ ତାକୁ ସଫା କରିବାର କାର୍ଯ୍ୟ କରିଥାନ୍ତି ପୂର୍ବତନ ଉପନଗରପାଳ ନଛି । ଉପନଗରପାଳ କ୍ଷମତାରେ ଥିବା ବେଳେ ତାଙ୍କର ଏଭଳି ନିତିଦିନିଆ କାମକୁ ବହୁ ଲୋକ ସମାଲୋଚନା ମଧ କରୁଥିଲେ ହେଲେ କ୍ଷମତା ଗଲାପରେବି ନିତିଦିନିଆ ଜନସେବା ଦେଖି ଏବେ ସମାଲୋଚକ ମାନେବି ଏବେ ତାଙ୍କର ପ୍ରଶଂସା କରୁଥିବାର ଶୁଣିବାକୁ ମିଳୁଛି । ତେବେ ବିଜେଡିଦଳର ଏହି ତୁଙ୍ଗ ଯୁବନେତା ଜଣକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଜ ଜୀବନର ଆଦର୍ଶ ଭାବି ଏହି ଜନସେବାରେ ନିଜକୁ ନିୟୋଜିତ କରିଥିବା ବେଳେ ତାଙ୍କର ସ୍ୱର୍ଗତ ବଡଭାଇ ରଘୁନାଥ ମହାନ୍ତି (ଝୀନ)ଙ୍କ ଆଶିର୍ବାଦ ଓ ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଙ୍କ ପ୍ରେରଣା ତାଙ୍କୁ ଏଭଳି ଜନସେବା କରିବାକୁ ଖୋରାକ ଯୋଗାଇ ଦେଇଛି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୪ ଘଣ୍ଟା ପାଇଁ ୮ ଜିଲ୍ଲାକୁ ଅରେଞ୍ଜ ....

୯୦ କିଲୋମିଟର ବେଗରେ ଆସି ଝଟ୍‌କା ଦେବ। ଗଞ୍ଜାମ, ଖୋର୍ଧା, କଟକ, ଯାଜପୁର ଏବଂ ମୟୂରଭଂଜରେ ସେହି ସମୟରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ଏବଂ ସ୍ଥଳବିଶେଷରେ ପବନର ବେଗ ୬୦ କିଲୋମିଟର ଯାଏ ଛୁଇଁପାରେ। ୨୬ ତାରିଖରେ ପୁରୀ, କଟକ, ଖୋର୍ଧା ଏବଂ ଯାଜପୁରରେ ପବନର ବେଗ ୮୦ରୁ ୯୦ କିଲୋମିଟର ରହିବ ଏବଂ ବେଳେ ବେଳେ ୧୧୦ କିଲୋମିଟର ବେଗରେ ଝଟ୍‌କା ଦେବ। ଗଞ୍ଜାମ, ଢେଙ୍କାନାଳ, କେନ୍ଦୁଝରରେ ଘଣ୍ଟାପ୍ରତି ୯୦ କିଲୋମିଟର ଛୁଇଁପାରେ ପବନ। ଅନୁଗୁଳ, ଦେବଗଡ ଏବଂ ସୁନ୍ଦରଗଡରେ ପବନର ବେଗ ୭୦ କିଲୋମିଟର ଛୁଇଁବା ସମ୍ଭାବନାକୁ ଏଡ଼ାଇ ଦେଇ ହେବନାହିଁ। ୨୭ ତାରିଖରେ କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଂଜ, କେନ୍ଦୁଝର, ସୁନ୍ଦରଗଡ, ଦେବଗଡରେ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ ଏବଂ ବେଳେ ବେଳେ ୭୦ କିଲୋମିଟର ବେଗରେ ଧକ୍ ?କା ଦେଇପାରେ। ଏହି ସମୟରେ ସମୁଦ୍ର ଭୀଷଣ ଅଶାନ୍ତ ରହିବ ଏବଂ ଫୁଲି ଉଠି କିଛି ସ୍ଥାନରେ ଆଗକୁ ମାଡ଼ିଆସିବ। ବାଲେଶ୍ୱର ଏବଂ ଭଦ୍ରକରେ ୪ ମିଟର ଯାଏ ଏବଂ କେନ୍ଦ୍ରାପଡ଼ା, ଜଗତସିଂହପୁରରେ ୨ ମିଟର ଉଚ୍ଚର ଜୁଆର ମାଡ଼ିଆସିବ। ପାଣିପାଗ ବିଭାଗ କହିଛି, ବିଦ୍ୟୁତ ଖୁଣ୍ଟ ଠାରୁ ଆରମ୍ଭ କରି ଟେଲିଫୋନ୍ ଟ୍ୱାର ଉପୁଡି ଯାଇପାରେ। କଚ୍ଚା ଘର ଭାଙ୍ଗିଯାଇପାରେ, ପକ୍କା ରୋଡ୍ ଭାସିଯିବା ବିଚିତ୍ର ନୁହେଁ। ରେଳ ଚଳାଚଳ ଗଭୀର ଭାବେ ପ୍ରଭାବିତ କରିବ ଏବଂ ଗଛପତ୍ର ଭାଙ୍ଗି ଛିନ୍ ?ଛତ୍ର କରିଦେବ ବାତ୍ୟା 'ୟାସ୍'।

### ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ....

ନିୟମକୁ ପାଳନ କରିବାକୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିରନ୍ତର ବାତ୍ୟାର ସ୍ଥିତି ଓ ଅବସ୍ଥିତି ନେଇ ଭାରତୀୟ ପାଣିପାଗର ମହାନିର୍ଦ୍ଦେଶକ ଡା. ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ବାତ୍ୟା 'ୟଶ୍'ର ମୁକାବିଲା ପ୍ରସ୍ତୁତି ନେଇ ଏନଡ଼ିଆରଏଫ୍ ଡ଼ିଜି ସତ୍ୟ ନାରାୟଣ ପ୍ରଧାନଙ୍କ ସହ କ୍ରମାଗତ ଯୋଗାଯୋଗରେ ଅଛନ୍ତି। ସ୍ଥାନାନ୍ତରଣ କାର୍ଯ୍ୟର କ୍ରିୟାନ୍ୱୟନ, ଉଦ୍ଧାର, ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବା ପାଇଁ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି।

### ଚିତ୍ରକୋଣ୍ଡାରେ ଡଙ୍ଗା ବୁଡି ....

ଲୋକ କିଛି ସମୟ ପହଁରି ପହଁରି ପଛ ଡଙ୍ଗାରେ ଚଢିବାକୁ ଚେଷ୍ଟା କରିଥିଲେ କ୍ଷ ଡ଼ଙ୍ଗାଟି ଛୋଟ ଥିବାରୁ ଦୁଇଟି ଡଙ୍ଗାର ଲୋକ ଗୋଟିଏ ଡଙ୍ଗାରେ ପଳାଇ ଆସିବାକୁ ଚେଷ୍ଟା କରୁଥିବା ବେଳେ, ଦ୍ୱିତୀୟ ଡ଼ଙ୍ଗାଟି ଭାରସାମ୍ୟ ହରାଇ ଓଲଟି ଯାଇଥିଲା । ତିନି ଗ୍ରାମବାସୀ ପହଁରି ପହଁରି କନ୍ଧଗୁଡ଼ା ଘାଟରେ ପହଁଚିଥିଲେ । ପରେ ଗ୍ରାମବାସୀମାନେ ଖବର ପାଇ ନଦୀ ଘାଟରେ ପହଂଚି ଖୋଜାଖୋଜି ଆରମ୍ଭ କରିଥିଲେ । ତିନି ବର୍ଷର ଝିଅର ମୃତଦେହ ମିଳିଥିବା ବେଳେ ସାତ ଜଣ ନିଖୋଜ ଅଛନ୍ତି, ସେମାନଙ୍କୁ ଖୋଜାଖୋଜି ଜାରି ରହିଛି ।

### ଗୋଟିଏ ଦିନରେ ୧୦୯୩୯....

ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୨୯୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୮୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୨୩ ଜଣ, ବରଗଡ଼ରୁ ୩୨୩ ଜଣ, ଭଦ୍ରକରୁ ୧୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୯୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩୮୫, କଟକରୁ ୯୨୨ ଜଣ, ଦେବଗଡ ଜିଲ୍ଲାରୁ ୧୦୦ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୬୩ ଜଣ, ଗଜପତି ଜିଲ୍ଲାରୁ ୪୩ , ଗଞ୍ଜାମରୁ ୨୫୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୯୧ ଜଣ, ଯାଜପୁରରୁ ୫୪୧ ଜଣ, ଝାରସୁଗୁଡ଼ାରୁ ୧୯୧ ଜଣ, କଳାହାଣ୍ଡିରୁ ୨୪୪ ଜଣ, କନ୍ଧମାଳ ଜିଲ୍ଲାରୁ ୭୭ ଜଣ. କେନ୍ଦ୍ରାପଡ଼ାରୁ ୩୨୩ ଜଣ, କେନ୍ଦୁଝରରୁ ୧୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୨୯୮ ଜଣ, କୋରାପୁଟରୁ ୨୪୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୬୦୪ ଜଣ, ସୋନପୁରରୁ ୩୦୧ ଜଣ, ସୁନ୍ଦରଗଡ଼ରୁ ୫୧୨ ଜଣ ଓ ଷ୍ଟେଟ୍ ପୁଲରୁ ୨୧୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ....

କହିରଖୁ କି କ୍ରିକେଟ ଖେଳାଳୀରୁ ରାଜନେତା ପାଲଟିଥିବା ସିଦ୍ଧୁ ପଞ୍ଜାବର ପ୍ରତିଟି ଲୋକ କୃଷକ ଆନ୍ଦୋଳନକୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି କି ପଞ୍ଜାବର ବିକାଶ କେବଳ କୃଷକମାନଙ୍କ ଶ୍ରମ ଯୋଗୁଁ ହୋଇପାରିଛି । ସେ କହିଛନ୍ତି କି ସରକାର ଯେପର୍ଯ୍ୟନ୍ତ ଏହି କଳା ଆଇନକୁ ପ୍ରତ୍ୟାହାର ନକରିଛନ୍ତି ସେ ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିବ । କହିରଖୁ କି ସରକାରଙ୍କ ଦ୍ୱାରା ପାରିତ ୩ ଟି କୃଷି ଆଇନକୁ ବିରୋଧ କରି କୃଷକମାନେ ୬ ମାସ ହେବ ଆନ୍ଦୋଳନ ଜାରି ରଖିଛନ୍ତି । ମେ ୨୬ ତାରିଖରେ ଆନ୍ଦୋଳନକୁ ୬ ମାସ ପୁରୁଥିବାରୁ କୃଷକମାନେ ଏହି ଦିନ ସାରା ଦେଶରେ କଳାଦିବସ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି । ଏନେଇ ମହାରାଷ୍ଟ୍ର ଓ ପଞ୍ଜାବରୁ ହଜାର ହଜାର କୃଷକ ପୁଣି ଦିଲ୍ଲୀ ସୀମାରେ ଠୁଳ ହେଉଥିବା ଦେଖିବାକୁ ମିଳିଛି ।

### ବିଶାଖାପାଟଣା ନିକଟ ମାଲକାପୁରମରେ ଥିବା....

ପ୍ରଶାସନକୁ ସାହାଯ୍ୟ କରିଥିବା ନେଇ ସୂଚନା ମିଳିଛି । ତେବେ ବର୍ତ୍ତମାନ ନିଆଁକୁ ଆୟତ୍ତ କରାଯାଇଥିବା ବେଳେ ଦୁର୍ଘଟଣା ସମୟରେ ପ୍ଲାଣ୍ଟ ଭିତରେ ଥିବା ୬ଜଣ କର୍ମଚାରୀଙ୍କ କୌଣସି ପତ୍ତା ମିଳିପାରି ନାହିଁ । ନିଆଁକୁ ଆୟତ୍ତ କରାଯିବା ପରେ ଏବେ ୬ଜଣଙ୍କୁ ଖୋଜିବା ଆରମ୍ଭ କରାଯାଇଛି । ଏହି ଦୁର୍ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ କେହି ମୃତାହତ ହୋଇଥିବା ନେଇ ସୂଚନା ମିଳିନାହିଁ । ଘଟଣା ସମୟର କିଛି ଫଟୋ ଓ ଭିଡ଼ିଓ ମଧ ସାମ୍ନାକୁ ଆସିଛି, ଯେଉଁଥିରେ ଅଗ୍ନି ପିଣ୍ଡୁଳା ଉପରକୁ ଉଠୁଥିବା ଦେଖାଯାଉଛି । କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ଏବଂ କେହି ମୃତାହତ ହୋଇଛନ୍ତି କି ନାହିଁ ସେ ନେଇ ସ୍ଥାନୀୟ ପ୍ରଶାସନ ଅନୁସନ୍ଧାନ କରୁଛି।

## ଆଜି ରାଜ୍ୟରେ ୧୧ହଜାର ୭୬୯ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ଆଜି ରାଜ୍ୟରେ ୧୧ହଜାର ୭୬୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୬,୧୨,୯୯୩ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୭୩୨ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଅନୁଗୁଳ ଜିଲ୍ଲାରୁ ୯୪୩, କଟକରୁ ୮୫୨, ଯାଜପୁରରୁ ୬୭୯, ସୁନ୍ଦରଗଡ଼ରୁ୬୨୭, ସମ୍ବଲପୁରରୁ ୫୩୮, ବଲାଙ୍ଗୀରରୁ ୫୦୬, ବାଲେଶ୍ୱରରୁ ୪୭୨, ମୟୁରଭଞ୍ଜରୁ ୪୪୯, ଭଦ୍ରକରୁ ୪୧୪, କୋରାପୁଟରୁ ୩୫୫ ଜଣ ସୁସ୍ଥ ହୋଇଛନ୍ତି। ବରଗଡ଼ରୁ ୩୫୧, ପୁରୀରୁ ୩୫୦, ନବରଙ୍ଗପୁରରୁ ୩୪୨, କଳାହାଣ୍ଡିରୁ ୨୭୧, ଜଗତସିଂହପୁରରୁ ୨୬୭, କେନ୍ଦୁଝରରୁ ୨୩୭, ସୋନପୁରରୁ ୨୩୬, ଝାରସୁଗୁଡ଼ାରୁ ୨୩୧, ଗଞ୍ଜାମ ଏବଂ ନୟାଗଡ଼ରୁ ୨୧୫ ଲେଖାଏଁ, ବୌଦରୁ ୧୯୦, ନୂଆପଡ଼ାରୁ ୧୮୦, ଢେଙ୍କାନାଳରୁ ୧୬୯, ରାୟଗଡ଼ାରୁ ୧୬୫, କେନ୍ଦ୍ରାପଡ଼ାରୁ ୧୬୨, ମାଲକାନଗିରିରୁ ୧୧୧, ଦେଓଗଡ଼ରୁ ୧୦୬, କନ୍ଧମାଳରୁ ୭୫, ଗଜପତିରୁ ୬୩ ଜଣ ସୁସ୍ଥ ହୋଇଛନ୍ତି।

## କରୋନା ଆକ୍ରାନ୍ତ ୧୪୨ ଚିହ୍ନଟ

ଭଦ୍ରକ,୨୫/୦୫ (ନି.ପ୍ର): ଜିଲ୍ଲାରୁ ନୂଆ ଆଉ ୧୪୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪ହଜାର ୯୦୭ ଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ରହିଛି ୧୧ହଜାର ୭୪୬। ସକ୍ରିୟ ଆକ୍ରାନ୍ତ ରହିଛନ୍ତି ୩ ହଜାର ୧୨୯। ନୂଆ ଚିହ୍ନଟ ଆକ୍ରାନ୍ତମାନେ ହେଲେ ଭଦ୍ରକ ପୌରପାଳିକାର ଚରମ୍ପା, ନୂଆବଜାର, ପୁରୁଣାବଜାର, କାଳିବଜାର, ଉତ୍ତରବାହିନୀ, ମଠସାହି, ଗବସାହିରୁ ୧୩ଜଣ, ବନ୍ତ ବ୍ଲକର ଅଣିଜୋ, ପଳସା, ତୁଣ୍ଡା, ଅଳଉତି, ଶ୍ରୀମନ୍ତପୁରରୁ ୧୨ଜଣ, ବାସୁଦେବପୁର ବ୍ଲକର ବିଦେଇପୁର, ନୂଆଗାଁରୁ ୨ଜଣ, ଧାମନଗର ଏନ୍‌ଏସିର ୧୦ ନଂ ୱାର୍ଡ ଓ ୧୧ ନଂ ସ୍ୱାର୍ଡରୁ ମୋଟ ୧୨ଜଣ, ଭଦ୍ରକ ବ୍ଲକର ଲାଙ୍ଗୁଡି, ଭୁଲିଆ, ପ୍ରାଚୀନଗର, ମହାଦେବପୁର, କୋରକୋରା, ରମ୍ପିଲା, ରାନ୍ଧିଆ ଗ୍ରାମରୁ ମୋଟ ୧୯ଜଣ, ଚାନ୍ଦବାଲି ବ୍ଲକର ଉଗ୍ରତାରା, ପ୍ରଦ୍ୟୁତନଗର, ହଳଦିଆ, ତେନ୍ତୁଳିଡିହି ଗ୍ରାମରୁ ୪ଜଣ, ତିହିଡ଼ି ବ୍ଲକର ଅଚକ, ଭାଟପଡା, ବାରୋ, ଗାଜିପୁର, ମୁକୁନ୍ଦପୁର, ସୟା, ଗୁଅମାଳ, କନ୍ଦପୁର, ପାଳିଆବିନ୍ଧା, ହରିପୁର ଗ୍ରାମରୁ ୧୩ ଜଣ, ଧାମନଗର ବ୍ଲକର ହାତିଆପଡା, ଘଟସାହି, ବାମଦେବପୁର, ଷୋଳଗାଁ, ବିରୁହାଁ, ଉଜପଦା, କୋରୁଆ, ରଘୁନାଥପୁର ଗ୍ରାମରୁ ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ବୟାଁବନାପୁର, କହରାପୋଖରୀ, ଷୋଳପୁର, ରଞ୍ଜିତ, ବିଶୋଳ ଗ୍ରାମରୁ ୧୦ଜଣ, ଚାନ୍ଦବାଲି ଏନ୍‌ଏସିର ୩ନଂ, ୭ନଂ ଓ ୮ନଂ ୱାର୍ଡରୁ ୫ଜଣ, ଅନ୍ୟ ଜିଲ୍ଲାରୁ ୩ଜଣ, ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ରାଜ୍ୟର ବିଭିନ୍ନ ମେଡିକାଲରେ ୩୦ଜଣ ଚିହ୍ନଟ ହୋଇଛନ୍ତି।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୨୦,୫୮,୧୧୨ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୨୫/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୨୦,୫୮,୧୧୨ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୩୩,୨୫,୯୪,୧୭୬ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ଦୁର୍ଘଟଣାରେ ମୃତ ସଦସ୍ୟଙ୍କ ଏକାଦଶାହରେ ଭଞ୍ଜସେନା ପକ୍ଷରୁ ରକ୍ତଦାନ ଶିବିର




ବାରିପଦା,୨୫/୦୫ (ନି.ପ୍ର): ଚଳିତ ମାସ ୧୪ ତାରିଖରେ ବାଲେଶ୍ୱର ଠାରେ ଘଟିଥିବା ଦୁଃଖଦ ସଡକ ଦୁର୍ଘଟଣାରେ ଭଞ୍ଜସେନାର ଛାତ୍ର ଉପସଭାପତି ରବିନ୍ଦ୍ର ସାହୁ ଓ ତାଙ୍କର ୨ ଜଣ ବନ୍ଧୁଙ୍କ ଅକାଳ ବିୟୋଗ ଘଟିଥିଲା । ଯେଉଁଥିରେ ବାରିପଦା ସହରରେ ସମଗ୍ର ଛାତ୍ର ସମାଜ ସ୍ତବ୍ଧ ହୋଇ ଯାଇଥିଲା । ଏଣୁ ସୋମବାର ଦିନ ମୃତ ଯୁବକଙ୍କ ଏକାଦଶାହ ଦିନ ଭଞ୍ଜସେନା ପରିବାର ପକ୍ଷରୁଆମର ଆତ୍ମାର ସ୍ମୃତି ଚାରଣ କରି 'ଭଞ୍ଜସେନା ରକ୍ତଭଣ୍ଡାର ଶାଖା' ଆନୁକୁଲ୍ୟରେ ତଖତପୁର ସ୍ଥିତ ପାଲ୍ ସ୍ୱାଇସି ହୋଟେଲ୍ ସମ୍ମୁଖରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇ ଯାଇଛି । ଏହି ରକ୍ତ ଦାନ ଶିବିରରେ ବହୁ ଯୁବକ ଏବଂ ଛାତ୍ରଛାତ୍ରୀ ମାନେ ମହାମାରୀ କୋରନାର ଗାଇଡ୍ ଲାଇନ୍ ପାଳନ କରି ସର୍ବମୋଟ୍ ୫୧ ୟୁନିଟ୍ ରକ୍ତ ଦାନ କରି ଛାତ୍ର ନେତା ରବୀନ୍ଦ୍ର ସାହୁଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ବାରିପଦା ଟାଉନ୍ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ଓ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଅତିଥି ଭାବରେ ଯୋଗଦେଇ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ସେବା କୁ ଜୀବନର ବ୍ରତ ଭାବରେ ଗ୍ରହଣ କରି କାର୍ଯ୍ୟ କରିବା ପାଇଁ ଯୁବ ଓ ଛାତ୍ର ସାମାଜକୁ ବାର୍ତ୍ତା ପ୍ରଦାନ କରିଥିଲେ । ତିନି ଜଣ ବନ୍ଧୁଙ୍କ ପରିବାର ସଦସ୍ୟ ଏହି ରକ୍ତ ଦାନ ଶିବିରକୁ ସେବା ଉଦ୍ଦେଶ୍ୟରେ ଉନ୍ମୋଚନ କରିଥିଲେ । ଏହି ମହତ୍ କାର୍ଯ୍ୟକ୍ରମ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତିଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ, ଉପାଧକ୍ଷ୍ୟ ନିମାଁଇ ତ୍ରିପାଠୀ, କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ଭଞ୍ଜସେନା ଯୁବ ଛାତ୍ର ସଂଯୋଜକ ରାକେଶ୍ ବେହେରା, ବାରିପଦା ଉପଖଣ୍ଡ ସଭାପତି ସାମନ୍ତ ଶେଖର୍ ପାଲ୍, ଉପସଭାପତି-ସନାତନ ସାହୁ, ରାକେଶ୍ ମହାନ୍ତି, ପ୍ରଶାନ୍ତ ମହାକୁଡ୍, ଜିତୁ ଶିବାନନ୍ଦ, ମନୋଜ୍ ପାତ୍ର, ଯୁବ ସଭାପତି ମାନସ୍ ବେହେରା, ଛାତ୍ର ସଭାପତି ସୌମ୍ୟରଞ୍ଜନ ମିଶ୍ର, ସଂପାଦକ ଏସ୍ କେ ରାଜା ଖାନ୍, ସହର ସାଧାରଣ ସଂପାଦକ ଅମିତ୍ କୁମାର, ଏବଂ ମୃତ ରବିନ୍ଦ୍ରଙ୍କ ସହଯୋଗୀ ଛାତ୍ର ନେତା ଆଶିଷ୍ ଦାସ୍ ?, ବୁଲୁ ଦାସ୍ ପ୍ରମୁଖ ସହଯୋଗ କରିଥିବାର ମୁଖପାତ୍ର ଜ୍ୟୋତିରଞ୍ଜନ ପୁଷ୍ଟି ଜଣାଇଛନ୍ତି ।

## ବାତ୍ୟା ୟାସ ମୁକାବିଲା ପାଇଁ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବବି ଦାସଙ୍କ ମୟୂରଭଞ୍ଜ ଗସ୍ତ



ବାରିପଦା,୨୫/୦୫ (ନି.ପ୍ର): ୟସ ବାତ୍ୟାର ମୁକାବିଲା ତଥା ପ୍ରଭାବିତ ଲୋକଙ୍କୁ ସାହାର୍ଯ୍ୟ କରିବା ପାଇଁ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ଜିରୋ କାଜୁଆଲଟି ପାଇଁ ଜିଲ୍ଲାରେ କିଭଳି ପୂର୍ବ ପ୍ରସ୍ତୁତି ରହିଛି ସେ ନେଇ କର୍ମଭୂମିରେ ସ୍ଥିତି ସମୀକ୍ଷା କରିଛନ୍ତି ଶ୍ରୀ ଦାସ । ପ୍ରଥମେ ଜିଲ୍ଲାର କରଞ୍ଜିଆ, ରାଇରଙ୍ଗପୁର ଓ ବାରିପଦା ଗସ୍ତ କରି ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଗସ୍ତ ସମୟରେ ବିଜୁ ଜନତା ଦଳର କର୍ମକର୍ତ୍ତା ମାନଙ୍କ ସହିତ ବୈଠକ ଓ ଆଲୋଚନା କରି ଦିନରାତି ସଜାଗ ରହି ପ୍ରଭାବିତ ଲୋକ ମାନଙ୍କୁ ସହଯୋଗର ହାତ ବଢାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବାତ୍ୟା ୟାସର ମୁକବିଲା ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

### ଉଚ୍ଚ ପଦସ୍ଥ ବରିଷ୍ଠ ଅଧିକାରୀଙ୍କୁ ମୟୂରଭଞ୍ଜ ଦାୟିତ୍ୱ



ବାରିପଦା,୨୫/୦୫ (ନି.ପ୍ର): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଣିପାଗ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାକୁ ବାତ୍ୟା ୟସକୁ ନେଇ ରେଡ୍ ୱାର୍ନିଙ୍ଗ ଜାରି କରାଯାଇଥିବା ବେଳେ ବାତ୍ୟା ୟସର ମୁକବଲା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସରିଛି । ଜିଲ୍ଲାରେ ୧୦ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଓ ୪୧୪ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇଛି । ଜିଲ୍ଲାରେ ଗୋଟିଏ ଏନଡିଆରଏଫ ଟିମ ପହଞ୍ଚି ଥିବା ବେଳେ ୬ଟି ଏନଡିଆରଏଫ ଟିମ ପହଞ୍ଚିବ ବୋଲି ଜଣାଯାଇଛି । ଏହା ସହିତ ୩ଟି ଓଡ୍ରାଫ ଟିମ, ୨୬ଟି ଦମକଳ ବାହିନୀ ଟିମ ଜିଲ୍ଲାରେ ପ୍ରସ୍ତୁତ ରହିଛି । ଜିଲ୍ଲାର ବାରିପଦା ଓ ଉଦଳା ସବଡିଭିଜନରେ ଅଧିକାରୀ ମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କର ଛୁଟି ବାତିଲ କରାଯାଇଥିବା ବେଳେ, କରୋନା ମହାମାରୀର ଲଢେଇ ସମୟରେ ବାତ୍ୟା ୟସର ମୁକାବିଲା ପାଇଁ ବିଭିନ୍ନ ସ୍ତରରେ ବ୍ୟବସ୍ଥା ଏବଂ ଉପକରଣ ପ୍ରସ୍ତୁତ ରଖାଯାଇଛି । ବିଶେଷ କରି କରୋନା ଆକ୍ରାନ୍ତଙ୍କ ପାଇଁ ଅତ୍ୟାବଶ୍ୟକୀୟ ଅମ୍ଳଜାନର ଜରୁରୀ ସେବାକୁ ଅସ୍ଥାୟୀ ଶିବିରରେ ପହଞ୍ଚାଇବା ପାଇଁ ରାସ୍ତା ଘାଟରୁ ଗଛ ଡାଳକୁ ଯୁଧକାଳୀନ ଭିର୍ତ୍ତିରେ ପରିଷ୍କାର କରିବା ଉପରେ ଗୁରୁତ୍ୱ ଦେବା କଥା ପ୍ରକାଶ କରିଛନ୍ତି ବାରିପଦାରେ ପହଞ୍ଚି ଥିବା ଓଡ୍ରାଫ ଟିମ । ରାଜ୍ୟ ସରକାରଙ୍କ ପକ୍ଷରୁ ୟସ ବାତ୍ୟାର ମୁକାବିଲା ପାଇଁ ବାତ୍ୟା ଅବଜରଭର ତଥା ବରିଷ୍ଠ ଆଇଏଏସ ଅଧିକାରୀ ସୁରେଶ କୁମାର ବଶିଷ୍ଠ ମୟୂରଭଞ୍ଜ ଜିଲ୍ଲା ଦାୟିତ୍ୱ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ସୋମବାର ଆସି ପହଞ୍ଚିଛନ୍ତି । ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାରଙ୍କ ସମେତ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଛନ୍ତି । ସେହିପରି ପୋଲିସ ପକ୍ଷରୁ ବରିଷ୍ଠ ଆଇପିଏସ ଅଧିକାରୀ ଅନିରୁଦ୍ଧ ସିଂକୁ ମୟୂରଭଞ୍ଜ ଦାୟିତ୍ୱ ଦିଆ ଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ରାଜ୍ୟ ସରକାରଙ୍କ ଜିରୋ କାଜୁଆଲଟି ଉପରେ ବାତ୍ୟା ପୂର୍ବ ଓ ପରବର୍ତ୍ତୀ ସମୟରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା କହିଛନ୍ତି ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି । କୋଭିଡ ମହାମାରୀ ସମୟରେ ଘରେ ସୁରକ୍ଷିତ ରହି ୟସ ବାତ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଡାକ ବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି । ଆବଶ୍ୟକ ଥିଲେ ଅସ୍ଥାୟୀ ଶିବିରକୁ ଯାଇ କୋଭିଡ ନିୟମ ଅନୁସାରେ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇ ଥିବାର ଜଣା ଯାଇଛି । ତେବେ କରୋନା ମହାମାରୀ ଜିଲ୍ଲାରେ କାୟାବିସ୍ତାର କରୁଥିବା ବେଳେ ୟସ ବାୟ୍ୟାର ପ୍ରକୋପ ଲୋକଙ୍କ ଉପରେ ବେଡି ଉପରେ କୋରଡା ମାଡ ସଦୃଶ ହୋଇଛି । ତଳିଆ ଅଂଚଳ ତଥା ଚାଳଚପର ବା ଟିଣ କି ଆଜବେଷ୍ଟସ ଘରେ ରହୁଥିବା ପରିବାର ମାନେ ବେଶ ଭୟଭୀତ ହୋଇ ରହିଥିବାର ଜଣା ଯାଇଛି । ସେହିପରି ରବି ରୁତୁରେ ହୋଇଥିବା ଧାନ ଓ ପରିବା ଚାଷ ଉଜୁଡି ଯିବା ଚିନ୍ତାରେ ଚାଷୀକୁଳ ରହିଥିବାର ଜଣା ଯାଇଛି ।

## ବାଲେଶ୍ୱରରେ ଅମ୍ଳଜାନ କାରଖାନା ପ୍ରତିଷ୍ଠା ନିଷ୍ପତ୍ତିକୁ ସ୍ୱାଗତ

ବାଲେଶ୍ୱର,୨୫/୦୫ (ନି.ପ୍ର): 'ପ୍ରଧାନମନ୍ତ୍ରୀ କେୟାର ପାଣ୍ଠି'ରୁ ବାଲେଶ୍ୱରରେ ଏକ ଅମ୍ଳଜାନ କାରଖାନ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଅର୍ଥ ମଂଜୁର କରା ଯାଇଥିବାରୁ ଜିଲାର ବିଭିନ୍ନ ମହଲରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଭର୍ଚୁଆଲ ବୈଠକରେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। କମିଟିର ଦାବିକୁ ଭିତ୍ତିକରି ଜିଲା ସ୍ୱାସ୍ଥ୍ୟସେବା ପାଇଁ ସରକାର ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିଥିବାରୁ ବାଲେଶ୍ୱରର ସାଂସଦ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସ, କମିଟିର ବରିଷ୍ଠ ଉପଦେଷ୍ଟା ବୈଦ୍ୟନାଥ ଷଡ଼ଙ୍ଗୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ କେୟାର ଫଣ୍ଡ୍ ଅର୍ଥରେ ପ୍ରତିରକ୍ଷା ଗବେଷଣା କେନ୍ଦ୍ର ଓ ରାଷ୍ଟ୍ରୀୟ ରାଜମାର୍ଗର ମିଳିତ ତତ୍ୱାବଧାନରେ ପ୍ରତିଷ୍ଠା ହେବାକୁ ଥିବା ଅମ୍ଳଜାନ କାରଖାନାକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଇପାରିଲେ ସାମ୍ପ୍ରତିକ କରୋନା ରୋଗୀଙ୍କ ଚିକିତ୍ସାରେ ଏହା ବିଶେଷ ସହାୟକ ହେବ ବୋଲି କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଛନ୍ତି। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାନେତ୍ରୀ ମମତା ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପ-ସଭାପତି ପ୍ରଭାକର ସାହୁ ଓ ନିରଞ୍ଜନ ରାଉତ, ସାଧାରଣ ସଂପାଦକ ପ୍ରଦୀପ ଦାସ, ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏହି ଭର୍ଚୁଆଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାତ୍ୟା 'ୟାସ୍' ମୁକାବିଲା ପାଇଁ ୧୨ଟି ଜିଲ୍ଲାରେ କୋର୍ଡିନେସନ କମିଟି ଗଠନ

ଭୁବନେଶ୍ୱର,୨୫/୦୫(ନି.ପ୍ର): ବଙ୍ଗୋପ ସାଗରରେ ସୃଷ୍ଟି ହୋଇ କ୍ରମଶଃ ଘନୀଭୂତ ହେଉଥିବା ବାତ୍ୟା 'ୟଶ୍' ଓଡିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟ ମଧ ଦେଇ ଗତି କରିବ । ଏହା ଦ୍ୱାରା ରାଜ୍ୟର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର, ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ମୟୁରଭଂଜ, କେନ୍ଦୁଝର, ଗଂଜାମ ଜିଲ୍ଲା ପ୍ରଭାବିତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଅବଗତ କରେଇଛି । ଏଥି ସହ ବାତ୍ୟା ପ୍ରବାହିତ ଅଂଚଳରେ ବହୁ ଧନଜୀବନ, ପଶୁସଂପଦ କ୍ଷୟକ୍ଷତି ମଧ ହେବ । ଗତ କାଲି ରାଷ୍ଟ୍ରୀୟ ସଭାପତି ଶ୍ରୀ ଜେ.ପି.ନଡ୍ଡା ସମୀକ୍ଷା ବୈଠକରେ ରାଜ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରି ପ୍ରଭାବିତ ବାତ୍ୟାଂଚଳବାସୀଙ୍କୁ ସମସ୍ତ ପ୍ରକାରର ସହଯୋଗ ଓ ସହାୟତା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା 'ୟଶ୍' ମୁକାବିଲା ପାଇଁ ପାର୍ଟୀ ତରଫରୁ ଏକ ରାଜ୍ୟସ୍ତରୀୟ କୋର୍ଡିନେସନ କମିଟି ସହ ପ୍ରଭାବିତ ୧୨ଟି ଜିଲ୍ଲାରେ କୋର୍ଟିନେସନ କମିଟି ଗଠନ କରିବାକୁ ଶ୍ରୀ ନଡ୍ଡା ପରାମର୍ଶ ଦେଇଥିଲେ । ଏହି କମିଟି ରାଜ୍ୟ ସରକାର, ସ୍ଥାନୀୟ ପ୍ରଶାସନ, ବିଭିନ୍ନ ସରକାରୀ ବିଭାଗ, ବିପର୍ଯ୍ୟୟ ମ୍ୟାନେଜମେଂଟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଏନଡିଆରଏଫ ଇତ୍ୟାଦିଙ୍କ ସହ ସମନ୍ୱୟ ରକ୍ଷା କରି ସାଧାରଣ ଜନତାଙ୍କୁ ସହୟତା ଓ ସହଯୋଗ କରିବେ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ୫ ଜଣିଆ 'ରାଜ୍ୟ କୋର୍ଡିନେସନ କମିଟି' ଗଠନ କରିଛନ୍ତି । ପୂର୍ବତନ ରାଜସ୍ୱ ମନ୍ତ୍ରୀ ଓ ବରିଷ୍ଠ ନେତା ଶ୍ରୀ ମନମୋହନ ସାମଲ ଏହି କମିଟିର ରାଜ୍ୟ ସଂଯୋଜକ ହୋଇଥିବାବେଳେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାଶ ସଦସ୍ୟ ଅଛନ୍ତି । ସେହିପରି ବାତ୍ୟା ପ୍ରଭାବିତ ୧୨ଟି ଜିଲ୍ଲାରେ ୩ ଜଣିଆ 'ଜିଲ୍ଲା କୋର୍ଡିନେସନ କମିଟି' ଗଠନ ହୋଇଛି ।

## ସାମୁହିକ ଉଦ୍ୟମରେ ବାତ୍ୟା 'ୟାସ'କୁ ଆମେ ମୁକାବିଲା କରିପାରିବା: ଶକ୍ତିମନ୍ତ୍ରୀ



ବାଲେଶ୍ୱର,୨୫/୦୫ (ନି.ପ୍ର): ସାମୁଦ୍ରିକ ବାତ୍ୟା 'ୟସ'ର ଉତ୍ତର ଓଡ଼ିଶା ଉପକୂଳ ଛୁଇଁବାର ସମ୍ଭାବନା ଓ ଏହାର ସଫଳ ମୁକାବିଲା ପାଇଁ ପ୍ରଶାସନ ଦ୍ୱାରା ଜାରି ରହିଥିବା ପଦକ୍ଷେପ, ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କିତ ଏକ ସାମ୍ବାଦିକ ସାକ୍ଷାତକାର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ଆୟୋଜିତ ଏହି ସାକ୍ଷାତକାର କାର୍ଯ୍ୟକ୍ରମରେ ରାଜ୍ୟ ଶକ୍ତି, ଶିଳ୍ପ, ଏମଏସଏମଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଆଇଏଏସ ପ୍ରୋବେସନର କୁନାଲ ଚୌହାନ ପ୍ରମୁଖ ଯୋଗ ଦେଇଥିଲେ । ଧାମରା ଉପକୂଳର ଦକ୍ଷିଣରେ ଏହି ସାମୁଦ୍ରିକ ବାତ୍ୟା ୨୬ ତାରିଖ ଭୋର ସମୟରେ ସ୍ଥଳ ଭାଗ ଛୁଇଁବାକୁ ଯାଉଥିବା ବେଳେ ଉଭୟ ଭଦ୍ରକ ଓ ବାଲେଶ୍ୱର ଜିଲାରେ ଏହାର ପ୍ରଭାବ ଅଧିକ ପଡ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ଯେପରି ସବୁଠୁ କମ କ୍ଷତି ହେବ ବା ଆଦୌ କ୍ଷତି ନ ହେବ ସେ ଦିଗ ପ୍ରତି ପ୍ରଶାସନ ସଜାଗ ଅଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ଏଠାକୁ ଆସିଛନ୍ତି ଏବଂ ବାତ୍ୟାର ମୁକାବିଲା ପାଇଁ ପୂରା ଜିଲ୍ଲା ପ୍ରସ୍ତୁତ ଥିବା କଥା ମନ୍ତ୍ରୀ ଦ୍ୱୟ ଜଣାଇଥିଲେ । ୟାସ ପୂର୍ବରୁ, ୟାସ ସମୟରେ ଓ ପରେ ପୁନରୁଦ୍ଧାର କାର୍ଯ୍ୟ ନେଇ କଣ ପଦକ୍ଷେପ ନିଆଯାଇଛି ବା ନିଆଯିବ ସେ ସମ୍ବନ୍ଧରେ ସୂଚନା ଦେବା ସହ ବାଲେଶ୍ୱରରେ ଅଧିକ କ୍ଷତିସାଧନ ସମ୍ଭାବନା ଥିବାରୁ ସମସ୍ତେ ଆଖି ଖୋଲା ରଖିବାକୁ ଆହ୍ୱାନ ଦେଇଥିଲେ । ବାତ୍ୟା ଯୋଗୁଁ ବିଜୁଳି ଯୋଗାଣରେ ସୃଷ୍ଟ ବ୍ୟାଘାତକୁ ଯୁଦ୍ଧକାଳୀନ ଭିତିରେ ପୁନରୁଦ୍ଧାର କରାଯାଇ ୨୪ଘଣ୍ଟା ମଧ୍ୟରେ କିପରି ବିଜୁଳି ଦିଆଯାଇପାରିବ ସେ ଦିଗରେ ସମସ୍ତ ପ୍ରସ୍ତୁତି ଓ ବିଚାର ବିମର୍ଶ ସରିଛି ବୋଲି କହିଥିଲେ । ବାତ୍ୟା ସମୟରେ କି ପରେ ବିଜୁଳି ବିନା ପାନୀୟ ଜଳ ଆଦି ଯୋଗାଣରେ ଯେପରି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ଡିଜି ସେଟ୍, ଜେନରେଟର ଆଦି ପ୍ରାବଧାନ କରାଯାଇଥିବା ସୂଚନା ଦେଇଥିଲେ । ତେବେ ୦ଆସନ୍ତା ୧୨ ଘଣ୍ଟା ଆମ ପାଇଁ ଅଧିକ ପିବଦଯୁକ୍ତ ବୋଲି ମନ୍ତ୍ରୀମାନେ କହିଥିଲେ । ଜୀବନ ଅମୂଲ୍ୟ, ପ୍ରଶାସନ, ଜନସାଧାରଣ, ଗଣମାଧ୍ୟମ ସମସ୍ତେ ମିଶି ତାକୁ ସୁରକ୍ଷା ଦେବା । ୟସକୁ ଭୟ ନ କରି ଏଭଳି ବିପତ୍ତିକୁ ମିଳିମିଶି ସାମ୍ନା କରିବାର ଏହା ଉପଯୁକ୍ତ ସମୟ ବୋଲି ସେମାନେ ଜିଲାବାସୀଙ୍କୁ ପରାମର୍ଶ ଦେଇଥିଲେ ।

## ଧୀରେ ଧୀରେ ଜିଲ୍ଲାରେ ବଢୁଛି ବର୍ଷା ଓ ପବନ
## ଭୋର ସମୟରେ ପ୍ରଳୟ ରଚିପାରେ 'ୟାସ'

ବାଲେଶ୍ୱର,୨୫/୦୫ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତ ସହ ଭୟଙ୍କର ବାତ୍ୟା 'ୟାସ'ର ରୂପନେଇ ଉପକୂଳ ଆଡ଼କୁ ମୁହାଁଉଥିବା ବେଳେ ୨୪ ତାରିଖ ମଧ୍ୟାହ୍ନରୁ ଏହାର ପ୍ରଭାବ ବାଲେଶ୍ୱରରେ ଅନୁଭୁତ ହେବାରେ ଲାଗିଛି । ଗତକାଲି ବାଲେଶ୍ୱର ଉପକୂଳରୁ ୭୫୦ କିଲୋମିଟର ଦୂରରେ ୟସ ରହିଥିଲେ ବି ପବନ ପରିବର୍ତ୍ତେ ସମଗ୍ର ଜିଲାରେ ମଧ୍ୟାହ୍ନରୁ ଆରମ୍ଭ ହୋଇଥିଲା ବର୍ଷା । ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ହରାହାରି ୪୬.୫ ମିଲିମିଟର ବର୍ଷା ହୋଇଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି । ମାତ୍ର ୟସ କ୍ରମଶଃ ଉମକୂଳ ମୁହାଁ ହୋଇ ଚାଲିଥିବା ବେଳେ ମଙ୍ଗଳବାର ସକାଳଠାରୁ ଜିଲାର ସବୁ ଅଞ୍ଚଳରେ ଜାରି ରହିଛି ଲଗାଣ ବର୍ଷା । ତୁହାକୁ ତୁହା ବର୍ଷା ସାଙ୍ଗକୁ ରାତି ୮ଟା ଠାରୁ ବର୍ଷା କ୍ରମଶଃ ବଢ଼ିବା ସାଙ୍ଗକୁ ଧୀରେ ଧୀରେ ପବନର ବେଗ ବି ବଢ଼ିବାରେ ଲାଗିଛି ।

## ବାତ୍ୟା 'ୟାସ' ମୁକାବିଲା ପାଇଁ ନଗର ଉନ୍ନୟନ ବିଭାଗର ପଦକ୍ଷେପ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ବାତ୍ୟା ପାଇଁ ହାଇ ଆଲର୍ଟରେ ଥିବା ୫ଟି ଜିଲ୍ଲା ଯଥା ଜଗସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଏବଂ ବାଲେଶ୍ୱର ରେ ଯେଭଳି କୌଣସି ଜୀବନହାନୀ ନହୁଏ ସେଥବପାଇଁ ଫୁଲ-ପ୍ରୁଫ୍ ସ୍ଥାନାନ୍ତର ପ୍ରଣାଳୀ କାର୍ଯ୍ୟକାରୀ କରିବା ଏବଂ ଜିରୋ କାଜୁଆଲିଟି ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ଏବଂ ନଗର ଉନ୍ନୟନ ବିଭାଗ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପୌରସଂସ୍ଥା ଗୁଡ଼ିକୁ ବିସ୍ତୃତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ (ଏସଓପି) ଜାରି କରିସାରିଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ପୌରାଂଚଳରେ ଥିବା ୧୧୩୭ ୱାର୍ଡର ପ୍ରାୟ ୩୭ ଲକ୍ଷ ଜନସଂଖ୍ୟା ଉପରେ ଏହା ପ୍ରଭାବ ପକାଇପାରେ । ସେଥିମଧ୍ୟରୁ ୯୩ ୱାର୍ଡର ୨.୭ ଲକ୍ଷ ଜନସଂଖ୍ୟା ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏଠାରେ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ନିଶ୍ଚିତ ହୋଇଛି ଏବଂ ନିରନ୍ତର ତଦାରଖ କରାଯାଉଛି । ଭଦ୍ରକ, ବାଲେଶ୍ୱର, ଜଗସିଂହପୁର, କେନ୍ଦ୍ରାପଡା, ଯାଜପୁର ପୌରାଂଚଳ ବାତ୍ୟା 'ୟସ' ଦ୍ୱାରା ଅଧିକ ପ୍ରଭାବିତ ହେବାର ସମ୍ଭାବନା ଅଛି । ଉତ୍ସର୍ଗୀକୃତ ସହରୀ ଦଳ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସକ୍ରିୟ ଭାବେ କାର୍ଯ୍ୟରତ ଅଛନ୍ତି । ଦିଆଯାଇଥିବା ଏସଓପିକୁ ଏଠାରେ ପ୍ରାଥମିକତା ଆଧାରରେ କାର୍ଯ୍ୟକାରୀ କରାଯାଉଛି । ଭୁବନେଶ୍ୱର ରାଜ୍ୟ ସହରାଂଚଳ ବିକାଶ ଏଜେନ୍ସି (ସୁଡା) ଠାରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଉତ୍ସର୍ଗୀକୃତ ରାଜ୍ୟ ସ୍ତରୀୟ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯାଇଛି ଏବଂ ଏହା ଦିନରାତି ସକ୍ରିୟ ଭାବେ କାର୍ଯ୍ୟରତ । ଅନୁରୂପ ଭାବେ ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ୬୧ଟି ପୌରସଂସ୍ଥାରେ ମଧ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯାଇଛି । ବାତ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନମାନେ ଉତ୍ସର୍ଗୀକୃତ ଟିମ ଗଠନ କରିଛନ୍ତି । ଅଧିକ ପ୍ରଭାବିତ ହେବାକୁ ଥିବା ଉପରୋକ୍ତ ୫ ଟି ଜିଲ୍ଲାର ପୌରାଂଚଳ ଉପରେ ବିଶେଷ ଧ୍ୟାନ ଦିଆଯାଉଛି । ସ୍ଥିତି ସମ୍ଭାଳିବାପାଇଁ ଅନ୍ୟ ୧୭ଟି ପୌରସଂସ୍ଥାରୁ ଅତିରିକ୍ତ ଇଓଏସ୍ / ଯନ୍ତ୍ରୀମାନଙ୍କୁ ସଂପୃକ୍ତ ପ୍ରଭାବିତ ଆଶଂକା ଥିବା ପୌରାଂଚଳରେ ଅବସ୍ଥାପିତ କରାଯାଇଛି । ଗୁରୁତର ପ୍ରଭାବିତ ଆଶଙ୍କା ଥିବା ପୌରାଂଚଳରେ ପର୍ଯ୍ୟାପ୍ତ ରହିବା କ୍ଷମତା ବିଶିଷ୍ଟ ୫୨୦ ରୁ ଅଧିକ ବାତ୍ୟା ଆଶ୍ରୟସ୍ଥଳଗୁଡିକ ପ୍ରତିଷ୍ଠା ସହିତ ସେଠାରେ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଯେପରିକି ଶୁଖିଲା ଖାଦ୍ୟ, ପାନୀୟ ଜଳ, ଶୌଚାଳୟ, ମେଡିକାଲ୍ କିଟ୍ ଇତ୍ୟାଦି ଗଚ୍ଛିତ ରଖାଯାଇଛି ।

## ବାତ୍ୟା 'ୟାସ'ର ମୁକାବିଲା ପାଇଁ ରାଜ୍ୟ ନୋଡାଲ ଅଧିକାରୀଙ୍କ ଜିଲ୍ଲା ଗସ୍ତ



ବାରିପଦା,୨୫/୦୫ (ନି.ପ୍ର): ୟସ ବାତ୍ୟାର ମୁକାବିଲା ର ତଦାରଖ କରିବା ପାଇଁ ରାଜ୍ୟ ସରକାରଙ୍କ ନୋଡାଲ ଅଧିକାରୀ ଭାବେ ରାଜ୍ୟ କୃଷି ଓ ଖାଦ୍ୟ ପ୍ରକ୍ରିୟା କରଣ ସାଶନ ସଚିବ ଶୁରେଶ ବଶିଷ୍ଠ ଆଜି ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସହିତ ଆଲୋଚନା କରିବା ସହିତ ବାରିପଦା ସହର ର ୱାର୍ଡ ନଂ - ୭, ୧୩, ୨୨ ଏବଂ ବେତନଟି ବ୍ଲକ ଓ ବଡସାହି ବ୍ଲକର ବିଭିନ୍ନ ଅଂଚଳ ଗସ୍ତକରି ସ୍ଥିତି ସମୀକ୍ଷା କରିଥିବାର ଜଣା ଯାଇଛି । ଗସ୍ତ ସମୟରେ ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡି ତାଙ୍କ ସହିତ ଉପସ୍ଥିତଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ଜିରୋ କାଜୁଆଲଟି ପାଇଁ ଜିଲ୍ଲାରେ କିଭଳି ପୂର୍ବ ପ୍ରସ୍ତୁତି ରହିଛି ସେ ନେଇ ଗ୍ରାଉଣ୍ଡ ଜିରୋରେ ସ୍ଥିତି ସମୀକ୍ଷା କରିଛନ୍ତି ଶ୍ରୀ ବଶିଷ୍ଠ । ଏହା ସହିତ ସଂପୃକ୍ତ ବିଭାଗୀୟ ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀଙ୍କ ସହିତ ଆଲୋଚନା ମଧ କରିଛନ୍ତି । ଶ୍ରୀ ବଶିଷ୍ଠ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିବାରୁ ତାଙ୍କୁ ବିଭିନ୍ନ ଅଞ୍ଚଳଗସ୍ତ କରି ତଦାରଖ କରିବାକୁ କୌଣଷି ଅସୁବିଧା ହେବ ନାହିଁ ବୋଲି ଜଣା ଯାଇଛି । ତେବେ ରାଜ୍ୟ ସରକାରଙ୍କ ଜିରୋ କାଜୁଆଲିଟି ଲକ୍ଷ୍ୟ ନେଇ ଜିଲ୍ଲାପ୍ରସାଶନ ମଧ ପୂର୍ବ ପ୍ରସ୍ତୁତି କରିଥିବା ବେଳେ ବହୁ ଆଗୁଆ ପଦକ୍ଷେପ ମାନ ଗ୍ରହଣ କରା ଯାଇଥିବାର ଜଣା ଯାଇଛି ।

### କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୨୨ ଗିରଫ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୫୯,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ବାରିପଦାରେ ଖୋଲିଲା ଗାଁ ଆମ୍ବ ପସରା



ବାରିପଦା,୨୫/୦୫ (ନି.ପ୍ର): ଅରମାସ ଦ୍ୱାରା ୫ ବର୍ଷ ଆଗରୁ ମୟୂରଭଞ୍ଜ ଫଳ ଏବଂ ପନିପରିବା ଚାଷୀ ଉତ୍ପାଦନ କମ୍ପାନି ଚାଷୀ ମାନଙ୍କ ସାହାଯ୍ୟ ନିମନ୍ତେ ଖଲା ଯାଇ ପ୍ରଡ୍ୟୁସର ଗ୍ରୁପ ଦ୍ୱାରା ଉତ୍ପାଦନ କରାଯାଉଥିବା ଫଳ ଏବଂ ପନିପରିବା ବିକ୍ରି କରାଯାଇ ଆସୁଛି । ବିଗତ ୫ବର୍ଷ ଧରି କମ୍ପାନି ଦ୍ୱାରା ପ୍ରଡ୍ୟୁସର ଗ୍ରୁପର ଚାଷୀ ମାନଙ୍କର ଆମ୍ବ ବାହାରକୁ ରପ୍ତାନି କରାଯାଉଅଛି । ମଦର ଡାଇରୀ, ରିଲାୟ୍ ?ଯାନ୍ସ ଫ୍ରେଶ, ନାଫେଡ଼ ଏବଂ ଅନ୍ୟାନ୍ୟ ନାମିଦାମୀ ସଂସ୍ଥା ମୟୂରଭଞ୍ଜର ଆମ୍ବ ନେଉଥିବାର ଜଣାଯାଇଛି । ଏହି ବର୍ଷ କରୋନା କଟକଣା ଲାଗିଥିବାରୁ ଆମ୍ବ କେବଳ ୟୁପି, ବୋକାରୋ, ବିହାର, ସାସାରାମ ଆଦି ସ୍ଥାନକୁ ପଠାଯାଉ ଥିବାର ଜଣାଯାଇଛି । ବାରିପଦା ବାଙ୍ଗ୍ରିପୋଷି ମୋରଡା ବ୍ଲକରେ ଗାଁ ଆମ୍ବ ପସରା ନାମରେ ରିଟେଲ ଆଉଟଲେଟ ଷ୍ଟୋର ଖଲାଯାଇ ଆମ୍ବ ବିକ୍ରି କରାଯାଉଅଛି । ଯେଉଁଠି ଚାଷୀ ତାଙ୍କ ଆମ୍ବ ନିଜେ ବିକ୍ରି କରିପାରୁଛନ୍ତି ଏବଂ ଗ୍ରାହକ ମାନେ କୋଭିଡ ନିୟମ ମାନି ଆମ୍ବ କିଣି ପାରୁଛନ୍ତି । ଆଜି ଏହି ଗାଁ ଆମ୍ବ ପସରା ର ଗୋଟିଏ ରିଟେଲ ଆଉଟଲେଟ ଷ୍ଟୋର ବାରିପଦା ବୟନିକା ନିକଟରେ ଜିଲ୍ଲାପାଳ ବିନୀତ ଭାରଦ୍ୱାଜଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଥିବା ବେଳେ, ଏହି ଉଦଘାଟନ ପର୍ବରେ ଅନ୍ୟ ଅତିଥି ପିଡ଼ି ଡିଆରଡିଏ ଶ୍ରୀ ଭବେଶ କୁମାର ନାୟକ, ଡେପୁଟି ସିଇଓ ଶ୍ରୀ ବିମାନ ମଲ୍ଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ ମମତା ମୟୀ ବିଶ୍ୱାଳ , ଉଦ୍ୟାନ ବିଭାଗର ଡେପୁଟି ଡିରେକ୍ଟର ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଦୋଶରୀ , ଲେଙ୍ଗଡା , ଆମ୍ରପଲ୍ଲୀ, ଗୋପାଳ ଭୋଗ, ସୁନ୍ଦରୀ, ମଲ୍ଲିକା ଆଦି ବିଭିନ୍ନ ପ୍ରଜାତିର ସୁଆଦିଆ ଆମ୍ବ ଏଠାରେ ପ୍ରଦର୍ଶନ ସହ ବିକ୍ରୟ କରାଯାଉଅଛି । ୧୦ ଟି ବ୍ଲକର ପ୍ରଡ୍ୟୁସର ଗ୍ରୁପ ଦ୍ୱାରା ଆମ୍ବ ସଂଗ୍ରହ କରାଯାଇ ସୁଲଭ ମୂଲ୍ୟରେ ବିକ୍ରି କରାଯାଉଥିବାର ଜଣା ଯାଇଛି । କମ୍ପାନି ଦ୍ୱାରା ଏହି ବର୍ଷ ୪୦୦ ମେଟ୍ରିକ ଟନ ଆମ୍ବ ବିକ୍ରି କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିବାର ଜଣାଯାଇଛି ।

### ଅଯଥା ଗୁଜବରେ ବିଶ୍ୱାସ ନ କରିବାକୁ ରାଜ୍ୟ ସରକାରଙ୍କ ଅନୁରୋଧ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ରାଜ୍ୟ ସରକାର ଜନସାଧାରଣଙ୍କୁ ଅଯଥା ଗୁଜବରେ ବିଶ୍ୱାସ ନ କରିବାକୁ ଅନୁରୋଧ କରିଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହା ଯାଇଛି ଯେ - ଅଯଥା ଗୁଜବରେ ବିଶ୍ୱାସ କରି ଭୟଭୀତ ହୁଅନ୍ତୁ ନାହିଁ । ବାତ୍ୟା ପୂର୍ବରୁ ନିରାପଦ ସ୍ଥାନରେ ଆଶ୍ରୟ ନିଅନ୍ତୁ । ବାତ୍ୟା ସମୟରେ ବାହାରକୁ ବାହାରନ୍ତୁ ନାହିଁ । ଘରେ ପାନୀୟ ଜଳ, ଖାଦ୍ୟ ସାମଗ୍ରୀ ଏବଂ ବ୍ୟବହାର କରୁଥିବା ଔଷଧ ଗଚ୍ଛିତ ରଖନ୍ତୁ । ରାଜ୍ୟ ସରକାର ବାତ୍ୟା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି, ସମସ୍ତେ ସହଯୋଗ କରନ୍ତୁ ।

## ହ୍ରାସ ପାଉଛି ଜିଲ୍ଲାର କରୋନା ସଂକ୍ରମଣ ହାର
## ଦିନକରେ ୩୬୧ ସଂକ୍ରମିତ ଚିହ୍ନଟ ଓ ସୁସ୍ଥ ହେଲେ ୪୭୨

ବାଲେଶ୍ୱର,୨୫/୦୫ (ନି.ପ୍ର): ଲାଗାତର ଚାରିଦିନ ଧରି ସଂକ୍ରମଣ ହାର ୫ଶହ ଉପରେ ରହିବା ପରେ ୨୪ ତାରିଖରୁ ହ୍ରାସ ପାଉଛି ବାଲେଶ୍ୱର ଜିଲାର ଦୈନିକ କରୋନା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧରେ ଜିଲାର ୩୬୧ଜଣ ନୂଆ ସଂକ୍ରମିତ ଚିହ୍ନ ହୋଇଛନ୍ତି । ଏହା ମଧ୍ୟରେ ମୁଖ୍ୟ ଚିକିତ୍ସାଳୟରୁ ୬ଜଣ, ସହରର ମାନସିଂବଜାରରୁ ୫, ସହଦେବଖଣ୍ଟାରୁ ୪, ରାଣୀପାଟଣାରୁ ୪, ମାଣିଖମ୍ବରୁ ୪, ନୂଆବଜାରରୁ ୩, ଟୁଲଙ୍କସାହିରୁ ୨, ସୁନହଟରୁ ୨, ମୋତିଗଞ୍ଜରୁ ୨, ଆଇଟିଆଇରୁ ୨, ଗୋପାଳଗାଁରୁ ୨, ଚୁନଭାଟିରୁ ୨, ଅଙ୍ଗାରଗଡିଆରୁ ୨, ଅରଡବଜାରରୁ ୨ଜଣଙ୍କ ସମେତ ତେଲେଙ୍ଗାସାହି, ମଠସାହି, ପୁରୁଣା ବାଲେଶ୍ୱର, ଭୋଇସାହି, ଭାସ୍କରଗଞ୍ଜ, ଆଜିମାବାଦ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି । ସେହିପରି ଜିଲାର ସଦର ବ୍ଲକରୁ ୫୫ଜଣ, ରେମୁଣାରୁ ୩୬, ଖଇରାରୁ ୬, ଜଳେଶ୍ୱରରୁ ୨, ଭୋଗରାଇରୁ ୪, ବସ୍ତାରୁ ୪୧, ବାହାନଗାରୁ ୪, ନୀଳଗିରିରୁ ୭୯, ଔପଦାରୁ ଜଣେ, ସୋରରୁ ୭୫ ଓ ସିମୁଳିଆ ବ୍ଲକରୁ ୮ଜଣ ବ୍ୟକ୍ତିଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର ଜିଲାରେ ଅଦ୍ୟାବଧି ୨୨ ହଜାର,୮୧୧ ଜଣ ସଂକ୍ରମିତ ହୋଇଥିବା ବେଳେ ଗୋଟିଏ ଦିନରେ ୪୭୨ଜଣଙ୍କ ସମେତ ଏବେ ସୁଦ୍ଧା ୧୮,୩୮୩ ଜଣ ସୁସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ସକ୍ରିୟ ଥିବା ୪,୩୧୫ ଜଣଙ୍କ ମଧ୍ୟରୁ ୩୯୧୮ଜଣ ଗୃହ ସଙ୍ଗରୋଧରେ ଓ ୩୫୨ ଜଣ ଜିଲାର ଦୁଇ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ରରେ ରହି ଚିକିତ୍ସିତ ହେଉଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୩ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧରେ ରାଜ୍ୟରେ କରୋନାରେ ୩୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୫୪୯ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଗତ ୨୪ ଘଂଟା ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ଅନୁଗୁଳ, ଝାରସୁଗୁଡା, କଳାହାଣ୍ଡି ଜିଲ୍ଲାରେ ୪-୪ ଜଣ ମୃତ୍ୟୁବରଣ କରିଛନ୍ତି । ସୁନ୍ଦରଗଡ ଓ ସୁବର୍ଣ୍ଣପୁରରେ ୩-୩ ଜଣ ତଥା ଗଂଜାମ ଓ କେନ୍ଦୁଝର ଜିଲ୍ଲାରେ ୨-୨ ଜଣ ମୃତ୍ୟୁବରଣ କରିଛନ୍ତି । ଦେବଗଡ, ଯାଜପୁର, କନ୍ଧମାଳ, କୋରାପୁଟ ଜିଲ୍ଲାରେ ୧-୧ ଜଣ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି । ବାଲେଶ୍ୱର ଯିବାକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଭୁବନେଶ୍ୱର, ୨୫ ମଇ - ବାତ୍ୟା ପରିସ୍ଥିତି ଉପରେ ଦୃଷ୍ଟି ରଖିବାକୁ ବାଲେଶ୍ୱର ଯିବାକୁ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ମିଳିଥିବା ସୂଚବନା ଅନୁସାରେ ସେ ସେଠାରେ ରହି ସ୍ଥିତି ଉପରେ ନଜର ରଖିବେ । ବାତ୍ୟା ମୁକାବିଲା ଓ ପରବର୍ତୀ ସମୟର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ।

## ବାତ୍ୟା ପୂର୍ବରୁ ୮୭ ହଜାର ୪୨୨ ସ୍ଥାନାନ୍ତର
### ୧୦ ଏନ୍‌ଡିଆରଫ୍, ୪ ଓଡ୍ରାଫ୍, ୧୧ ଅଗ୍ନିଶମ ଟିମ୍ ନିୟୋଜିତ



ଭଦ୍ରକ,୨୫/୦୫ (ନି.ପ୍ର): ବାତ୍ୟା 'ୟସ'ର ପ୍ରଭାବ ଭଦ୍ରକରେ ଅନୁଭୂତ ହେବାକୁ ଆରମ୍ଭ କରିଛି । ମଝିରେ ମଝିରେ ହାଲ୍‌କା ହାଲ୍‌କା ବର୍ଷା ସାଙ୍ଗକୁ ବେଳେ ପବନର ଝଟ୍‌କା ମଧ ଅନୁଭୂତ ହେଉଛି । ବାତ୍ୟା ମୁକାବିଲା ପାଇଁ ଭଦ୍ରକ ଜିଲ୍ଲାରେ ୧୦ଟି ଏନ୍‌ଡିଆର୍‌ଏଫ୍ ଟିମ, ୪ଟି ଓଡ୍ରାଫ୍ ଟିମ୍ ଓ ବାହାରୁ ଆସିଥିବା ୧୧ଟି ଫାୟାର ଟିମ୍ ନିୟୋଜିତ ହୋଇଛନ୍ତି । ଏହା ବ୍ୟତୀତ ଜିଲ୍ଲାର ୯ଟି ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ମଧ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ପ୍ରତ୍ୟେକଟି ଦଳ ନିଜ ନିଜ ନିୟୋଜିତ ସ୍ଥାନରେ ରହି ଲୋକମାନଙ୍କୁ ସ୍ଥାନାନ୍ତର କରିବା କାର୍ଯ୍ୟ କରୁଛିନ୍ତ । ଇତି ମଧରେ ୮୭ ହଜାର ୪୨୨ ଲୋକଙ୍କୁ ୭୬୫ଟି ଥଇଥାନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜିଲ୍ଲାପାଳ ଡ. ଜ୍ଞାନ ଦାସ ସୂଚନା ଦେଇଛନ୍ତି । ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜିଲ୍ଲାପାଳଙ୍କ ପରିଚାଳନାରେ କ୍ଷେତ୍ରୀୟ ଅଧିକାରୀ, ନୋଡାଲ ଅଫିସରଙ୍କ ମାଧ୍ୟମରେ ଏହି କାର୍ଯ୍ୟ ସମ୍ପନ୍ନ କରାଯାଉଛି । ସ୍ଥାନାନ୍ତର ସମୟରେ ଆସନ୍ନ ପ୍ରସବା, ଦିବ୍ୟାଙ୍ଗ, ରୋଗାକ୍ରାନ୍ତ, ଗର୍ଭବତୀ, ପ୍ରସୂତୀ ମହିଳା, ବୟସ୍କ, ଶିଶୁ ଏମାନଙ୍କୁ ପ୍ରାଥମିକତା ଦିଆଯାଉଛି । ଥଇଥାନ ପରେ ଆସନ୍ନ ପ୍ରସବାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଥଇଥାନ କେନ୍ଦ୍ର ବିଦ୍ୟୁତ୍, ପାନୀୟ ଜଳ, ଏବଂ ଶୁଖିଲା ଖାଦ୍ୟର ବନ୍ଦୋବସ୍ତ ହୋଇଛି । ଜିଲ୍ଲାକୁ ଆସିଥିବା ୧୦ଟି ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ଧାମରା, ତିହିଡ଼ି, ଚାନ୍ଦବାଲିରେ ୨ଟି, ନାଇକାଣିଡିହି, ଭଣ୍ଡାରିପୋଖରୀ, ବାସୁଦେବପୁର, ଧାମନଗର ଓ ଭଦ୍ରକରେ ନିୟୋଜିତ କରାଯାଇଥିବା ବେଳେ ଓଡ୍ରାଫ୍ ଟିମ୍ ଗୁଡ଼ିକୁ ପୀରହାଟ, ବାସୁଦେବପୁର, ଓ ଭଦ୍ରକରେ ୨ଟି ସ୍ଥାନରେ ରଖା ଯାଇଛି । ଅଗ୍ନିଶମ ଟିମ୍‌କୁ ପୀରହାଟ, ଦୋଳସାହି, ଆରଡି, ଧାମରା୧, ଧାମରା୨, ତିହିଡ଼ି, ଧୁଷୁରୀ, ବନ୍ତ, ବାସୁଦେବପୁର, ଭଦ୍ରକ୧ ଓ ଭଦ୍ରକ ୨ରେ ରଖା ଯାଇଛି । ଏମାନଙ୍କ ପାଖରେ ଟାୱାର ଲାଇଟ, ଏମର୍ଜେନ୍‌ସି ଟର୍ଚ୍ଚ, କଟର, ପାୱାର ବୋଟ ତଥା ଉଦ୍ଧାର ଓ ରିଲିଫ ଯୋଗାଣ ନିମନ୍ତେ ଆବଶ୍ୟକ ସମସ୍ତ ଯନ୍ତ୍ରପାତି ରହିଛି । ବାତ୍ୟାକୁ ପୂର୍ଣ୍ଣ ଭାବେ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଛି ଏବଂ ବାତ୍ୟା ପୂର୍ବରୁ ଯେଉଁଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବା କଥା ତାହା ସୂଚାରୁ ଭାବରେ ସମ୍ପନ୍ନ କରାଯାଉଛି ବୋଲି ଜିଲ୍ଲାପାଳ ଡ. ଦାସ କହିଛନ୍ତି ।

### ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧ ଦିବସ ବିଧାନସଭା ପରିସରରେ ପାଳିତ

ଭୁବନେଶ୍ୱର,୨୫/୦୫(ନି.ପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣୀ, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଓ ନବଉତ୍କଳର ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୪୭ତମ ଶ୍ରାଦ୍ଧଦିବସ ବିଧାନସଭା ପରିସରରେ ପାଳିତ ହୋଇଯାଇଛି । ବିଧାନସଭା ପରିସରସ୍ଥ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ସ୍ମୃତିରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବିଧାନସଭା ସଚିବ ଦାଶରଥୀ ଶତପଥୀ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo